

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୧୧ ଭୁବନେଶ୍ୱର ଶନିବାର, ଅପ୍ରେଲ୍ ୧୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.211 Bhubaneswar, Saturday, April 19, 2025

# କାଳ ସାଜୁଛି କାଳବୈଶାଖୀ

## କଳାହାଣ୍ଡିଆ ମେଘ ସହ ନିର୍ଘ୍ନୁମ୍ ଛେଚିଲା କାଳବୈଶାଖୀ, ବାଲେଶ୍ୱରରେ ୨ ମୃତ

ଭୁବନେଶ୍ୱର,୧୮/୪: ମାତ୍ର ଘଣ୍ଟାଏ ପାଇଁ ଆସିଲା, ତାଣ୍ଡବ ରଚି ଚାଲିଗଲା। ପ୍ରଚଣ୍ଡ କାଳବୈଶାଖୀ କୋପରେ ଆଜି ଥରିଛି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ଅଞ୍ଚଳ। କାଳବୈଶାଖୀ ବର୍ଷା ପ୍ରଭାବରେ ଆଜି ବେଶ୍ ଭଲରେ ଭିଜିଛି ରାଜଧାନୀ ଆଉ ଅବଶିଷ୍ଟ ଓଡ଼ିଶା। ଆଜି ସକାଳେ ହଠାତ ଖରାଟିଆ ପାଗ, ମେଘୁଆ ରୂପ ନେବା ପରେ ଢ଼ୁ ଢ଼ୁ ବର୍ଷିଥିଲା କାଳବୈଶାଖୀ ବର୍ଷା। ଆଉ ସାଙ୍ଗରେ ଆଣିଥିବା ଦଲକା ପବନ ଅନେକ ସ୍ଥାନରେ ଗଛ ଭାଙ୍ଗିବା ସହ କ୍ଷୟକ୍ଷତି ଘଟାଇଥିଲା। କାଳବୈଶାଖୀ କୋପରେ ଭୁବନେଶ୍ୱର ଓ କଟକ ସମେତ, ବାଙ୍କୀ, ବାଲେଶ୍ୱର ଆଦି ଅଞ୍ଚଳରେ ଜନଜୀବନ ବେହାଲର ଚିତ୍ର ସାମ୍ନାକୁ ଆସିଛି। ଏପଟେ ରାଜ୍ୟରେ ତାପମାତ୍ରା ଅଧିକ ନହୋଇ, ସ୍ୱାଭାବିକ ଥିବାରୁ ଏହା କାଳବୈଶାଖୀ ପାଇଁ ସୁଯୋଗ ଆଣୁଥିବା କହିଛନ୍ତି ପାଣିପାଗ ବିଜ୍ଞାନୀ।କାଳବୈଶାଖୀର ପ୍ରଚଣ୍ଡ କୋପ। ମାତ୍ର କେଇ ମିନିଟ ଭିତରେ ରଚିଲା ତାଣ୍ଡବ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆଜି ସକାଳେ ରାଜଧାନୀ ସମେତ ରାଜ୍ୟର ଅନ୍ୟ ଅଞ୍ଚଳରେ ବେଶ୍ ବର୍ଷିଛି କାଳବୈଶାଖୀ ବର୍ଷା। ଏ ଦୃଶ୍ୟ ସ୍ମାର୍ଟ ସିଟି ଭୁବନେଶ୍ୱରର। ଦିନ ପ୍ରାୟ ୧୦ଟା ପରେ ହଠାତ ରାଜଧାନୀର ଫର୍ଚ୍ଚା ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ମେଘୁଆ ପାଗରେ ଦିନ ୧୦ଟା ବେଳେ ସୃଷ୍ଟି ହୋଇଥିଲା ରାତିର ଭ୍ରମ। ଆଉ ପରେ ପରେ ଛେଚିଥିଲା ତୁହାକୁ ତୁହା ବର୍ଷା । ମୂଷଳ ବର୍ଷା ଫଳରେ କିଛି ସମୟ ପାଇଁ ଯେମିତି ଅଟକି ଯାଇଥିଲା ରାଜଧାନୀ । ଯିଏ ଯେଉଁଠି ପାରିଥିଲେ ଆଶ୍ରୟ ନେଇଥିଲେ। ଶୁନଶାନ ହୋଇଯାଇଥିଲା ବ୍ୟସ୍ତବହୁଳ ରାସ୍ତା । ଆଜିର କାଳବୈଶାଖୀ ବର୍ଷାରେ ରାଜଧାନୀର ପ୍ରାୟ ସମସ୍ତ ଅଞ୍ଚଳ ଭଲ ଭାବେ ଭିଜିଛି। ଏପଟେ ବର୍ଷା ସାଙ୍ଗକୁ ୬୮ କିମି ବେଗରେ ପବନ ବହିବାରୁ ଅନେକ ସ୍ଥାନରେ ଗଛ ଉପୁଡ଼ିବା ସହ ଡାଳ ବି ଭାଙ୍ଗିଛି। ଅନେକ ସ୍ଥାନରେ ଟ୍ରାଫିକ୍ ପୋଷ୍ଟରେ ଖରା ପାଇଁ ହୋଇଥିବା ସେଡକୁ କ୍ଷତି ପହଞ୍ଚାଇଛି ପବନ। ସେପଟେ ପୁରୁଣା ଭୁବନେଶ୍ୱର ଭୀମଟାଙ୍ଗୀ







ଅଞ୍ଚଳରେ ଏକ କାର ଉପରେ ଗଛ ପଡ଼ିଥିବା ବେଳେ ଏପଟେ ନୟାପଲ୍ଲୀରେ ଜଣେ ନାବାଳକ ଛାତରୁ ଖସି ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ପଟ ଛାତିରେ ଲୁହା ଗ୍ରୀଲ ପଶିଯିବାରୁ, ତାଙ୍କୁ ଗୁରୁତର ଅବସ୍ଥାରେ ଏମସରେ ଭର୍ତ୍ତି କରାଯାଇଛି। କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳରେ ବି ବେଶ୍ କୋପ ଦେଖାଇଛି କାଳବୈଶାଖୀ। ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ତୋଫାନ ଫଳରେ ବାଙ୍କୀ ଗୟଳବାଙ୍କଠାରେ ଏକାଧିକ ଗଛ ଉପୁଡ଼ି ରାସ୍ତାରେ ପଡ଼ିବାରୁ କିଛି ଘଣ୍ଟା ପାଇଁ ଠପ୍ ହୋଇଯାଇଥିଲା ଗାଡ଼ି ଚଳାଚଳ। ବାଙ୍କୀ-ଭୁବନେଶ୍ୱର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ ବହୁ ସଂଖ୍ୟାରେ ଗାଡ଼ି ମୋଟର। ସେହିଭଳି ଢେଙ୍କାନାଳ ଜିଲ୍ଲାରେ ବର୍ଷା ଓ ଅଧିକ ବେଗରେ ପବନ ଯୋଗୁଁ ଅନେକ ସ୍ଥାନ ଗଛ ଉପୁଡ଼ିଥିବା ଦେଖିବାକୁ ମିଳିଛି। ଏପଟେ ବାଲେଶ୍ୱରରେ ଗତକାଲି ରାତିରୁ ପ୍ରବଳ ବର୍ଷା ଯୋଗୁଁ ସହରର ତଳିଆ ଅଞ୍ଚଳରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। ବିଶେଷକରି ସହରର ଭାସ୍କର ଗଞ୍ଜ,ଗୁଡ଼ିପଦା ଓ ଏକତା ନଗର ଅଞ୍ଚଳରେ ରହୁଥିବା ବହୁ ପରିବାର ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ଏପଟେ ଗଲା ଦୁଇ ତିନି ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି କାଳବୈଶାଖୀ ବର୍ଷା ସାଙ୍ଗକୁ ଝଡ଼ ତୋଫାନ। ତେବେ ଏଇ ନିକଟରେ ଗୋଟିଏ ଗୋଟିଏ ପରେ ଗୋଟିଏ କାଳବୈଶାଖୀ କାହିଁକି ସୃଷ୍ଟି ହେଉଛି, ସେ ସମ୍ପର୍କରେ ମତ ରଖିଛନ୍ତି ପାଣିପାଗ ବିଜ୍ଞାନୀ। ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ରାଜଧାନୀରେ ମାତ୍ର ଘଣ୍ଟାଏ ଭିତରେ ୨୬.୨ ମିମି ବର୍ଷା ରେକର୍ଡ କରାଯାଇଛି। ସେପଟେ ଆସନ୍ତା ୨୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନ ହେବା ନେଇ ଆଗୁଆ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ।

## ଦିଲ୍ଲୀ ଯିବେ ନିକୁଞ୍ଜ ଧଳ




ଭୁବନେଶ୍ୱର,୧୮/୪: ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ନୂଆ ଦାୟିତ୍ୱ ମିଳିଛି। ୧୯୯୩ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଶ୍ରୀ ଧଳ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ। ସେ ଆସନ୍ତା ଜୁଲାଇ ୧ ତାରିଖରେ ସଂସଦୀୟ ବ୍ୟାପାର ସଚିବ ଦାୟିତ୍ୱ ନେବେ। ରାଜ୍ୟରେ ସରକାର ବଦଳିବା ପରେ ନିକୁଞ୍ଜ ବିହାରୀ ଧଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ଭାବେ ଗତବର୍ଷ ଜୁନ୍ ମାସରେ ନିଯୁକ୍ତି ମିଳିଥିଲା। ଏହା ପୂର୍ବରୁ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଥିଲେ। ସେ ମଧ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଦାୟିତ୍ୱ ତୁଲାଇଥିଲେ। ସେହିପରି ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ସ୍ୱାସ୍ଥ୍ୟ ସଚିବ ଭାବେ ମଧ୍ୟ ନିଯୁକ୍ତି ଦେଇଥିଲେ। ସବୁଠାରୁ ବଡ଼ କଥା ହେଲା ଯେ, ଶ୍ରୀ ଧଳ ସାଧାରଣ ନିର୍ବାଚନ-୨୦୨୪କୁ ସେ ଭଲ ପରିଚାଳନା କରିଥିଲେ, ଯାହାକୁ ସବୁ ମହଲରେ ପ୍ରଶଂସା କରାଯାଇଥିଲା। ନିର୍ବାଚନ ସମୟରେ ତ୍ରୁଟି ପାଇଁ ସେ କିଛି ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ତେଣୁ ଆଶା କରାଯାଉଥିଲା ଯେ, ନିକୁଞ୍ଜ ଧଳଙ୍କୁ କିଛି ବଡ଼ ଦାୟିତ୍ୱ ମିଳିପାରେ। ସେହିପରି ୧୯୯୪ ବ୍ୟାଚ୍‌ର ଆଇଏଏସ୍ ସନ୍ତୋଷ ଷଡ଼ଙ୍ଗୀଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି। ଶ୍ରୀ ଷଡ଼ଙ୍ଗୀଙ୍କୁ ନ୍ୟୁ ଆଣ୍ଡ ରିନ୍ୟୁବଲ୍ ଏନର୍ଜି ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ନିଯୁକ୍ତି ମିଳିଛି।

## ୨୦ରୁ ଫେରିବ ତାତି



ଭୁବନେଶ୍ୱର,୧୮/୪: ଆସନ୍ତା ଦୁଇ ଦିନ ଓଡ଼ିଶାର ଅଧିକାଂଶ ସ୍ଥାନରେ କାଳବୈଶାଖୀ ଲାଗି ରହିବ। ପଶ୍ଚିମ ଓଡ଼ିଶା ବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ। ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ହେବାକୁ ଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୦ ତାରିଖଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ। ପଶ୍ଚିମ ଓଡ଼ିଶାର ସମସ୍ତ ସହରର ସର୍ବୋଚ୍ଚ ତାପମାତ୍ରା ପୁଣିଥରେ ୪୦ ଡିଗ୍ରି ଉପରକୁ ଚାଲିଯିବ। ଭବାନୀପାଟଣା, ଟିଟିଲାଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା ସହରର ତାପମାତ୍ରା ୪୨ ଡିଗ୍ରି ଛୁଇଁବ। ୨୧ ତାରିଖରେ ପଶ୍ଚିମ ଓଡ଼ିଶାରେ ସମାନ ସ୍ଥିତି ଲାଗିରହିବା ସହ ଉପକୂଳ ତାପମାତ୍ରା ଉପରମୁହାଁ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ଦିନ ସମୟରେ ଟିଟିଲାଗଡ଼ରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରି ରହିଥିଲା ଏବଂ ବାରିପଦା ସହରରେ ୨୩ ମିମି ବର୍ଷା ହୋଇଛି।

## କମୁଛି ଚାଷୀଙ୍କ ସଂଖ୍ୟା

ଭୁବନେଶ୍ୱର,୧୮/୪: ଓଡିଶାରେ ନାମମାତ୍ର ଚାଷୀଙ୍କ ସଂଖ୍ୟା ବଢୁଥିବାବେଳେ କ୍ଷୁଦ୍ର, ମଧ୍ୟମ ଓ ବଡ ଚାଷୀଙ୍କ ସଂଖ୍ୟା ଉଦବେଗଜନକ ଭାବେ କମି କମି ଯାଉଛି । ଏହାର ସିଧାସଳଖ ପ୍ରଭାବ ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ପଡୁଛି । ଗତ ଦୁଇଟି କୃଷି ଗଣନା ହିସାବ ମୁତାବକ ଓଡିଶାରେ ଚାଷୀଙ୍କ ସଂଖ୍ୟା ୪୬ଲକ୍ଷ ୬୭ହଜାରରୁ ୪୮ଲକ୍ଷ ୬୫ହଜାରକୁ ବୃଦ୍ଧି ପାଇଛି ବୋଲି ଦର୍ଶାଯାଉଥିବାବେଳେ ବଡଚାଷୀଙ୍କ ସଂଖ୍ୟା ୫୫୭୪ରୁ ୩୯୭୫କୁ ହ୍ରାସ ପାଇଥିବାବେଳେ ମଧ୍ୟମ କିସମ ଚାଷୀଙ୍କ ସଂଖ୍ୟା ୩ଲକ୍ଷ ୭୫ହଜାରରୁ ୩ଲକ୍ଷ ୩୮ହଜାରକୁ କମିଛି । ସେହିଭଳି କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ମଧ୍ୟ ବିଗତ ଦୁଇ କୃଷି ଗଣନା ଭିତରେ ୯ଲକ୍ଷ ୧୮ହଜାରରୁ ୮ଲକ୍ଷ ୮୭ହଜାରକୁ କମିଛି । କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ବିଭିନ୍ନ କାରଣରୁ ବହୁ ପାରମ୍ପରିକ ଚାଷୀ ଚାଷରୁ ମୁହଁ ଫେରାଇ ନେଉଥିବାରୁ ବ୍ୟାପକ ଚାଷଜମି ପଡିଆ ପଡୁଛି । ଏ କ୍ଷେତ୍ରରେ ବଡ, ମଧ୍ୟମ, କ୍ଷୁଦ୍ର ଚାଷୀମାନଙ୍କ ଠାରୁ ନାମମାତ୍ର ଚାଷୀମାନେ କିଛି କିଛି ଜମି ନେଇ ଚାଷ କରୁଛନ୍ତି । ସରକାରୀ ତଥ୍ୟ ମୁତାବକ ଓଡିଶାରେ ଏବେ ଖରିଫ ଋତୁରେ ପ୍ରାୟ ୫ଲକ୍ଷ ୮୮ହଜାର ହେକ୍ଟର ଓ ରବି ଋତୁରେ ପାଖପାଖି ୩୪ଲକ୍ଷ ହେକ୍ଟର ଜମି ପଡିଆ ରହୁଛି । ତେବେ ଚାଷ ହେଉଥିବା ଜମିର ପରିମାଣ କିଞ୍ଚିତ ପରିମାଣରେ ବୃଦ୍ଧି ପାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି । ରାଜ୍ୟରେ ଯେତେ ଜମିରେ ଚାଷ ହେଉଛି ସେଥିରୁ ଅଧିକାଂଶରେ ଧାନ ଚାଷ କରାଯାଉଛି । ଫଳରେ ଡାଲି, ତୈଳବୀଜ, କପା, ପନିପରିବା ଓ ଆଖୁ ଭଳି ଅର୍ଥକରୀ ଫସଲ ଚାଷ କମ୍ ହେଉଥିବାରୁ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ଓଡିଶାକୁ ଅନ୍ୟ ରାଜ୍ୟ ପାଖରେ ହାତ ପତାଇବାକୁ ପଡୁଛି । ଯେତିକି ଜମିରେ ବି ଅର୍ଥକରୀ ଫସଲ କରାଯାଉଛି ତାହାର ପ୍ରକ୍ରିୟାକରଣ ଓ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଓଡିଶା ଚାଷୀଙ୍କ ଉତ୍ପାଦିତ ସାମଗ୍ରୀକୁ ନାମମାତ୍ର ମୂଲ୍ୟରେ କିଣି ନେଉଛନ୍ତି । ଫଳରେ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବାରୁ ଏବଂ ମଜୁରୀ ଠାରୁ ଆରମ୍ଭକରି ବିହନ, ସାର, କୀଟନାଶକ ଆଦିର ଦର ଢେର ଅଧିକ ରହୁଥିବା ପରିପ୍ରେକ୍ଷୀରେ ଅନେକ ପାରମ୍ପରିକ ଚାଷୀ ଚାଷକୁ ଆଉ ଲାଭକରୀ ପନ୍ଥାଭାବେ ଗ୍ରହଣ କରିପାରୁ ନାହାନ୍ତି । ଜାତୀୟ ନମୂନା ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ୨୦୧୩ରେ ୭୦ରେ ଓ ୨୦୧୯ରେ ୭୭ତମ ସର୍ଭେ କରାଯାଇଥିଲା । ଏଥିରେ କୃଷକ ପରିବାରର ହାରାହାରି ଆୟ ଯାହା ଦର୍ଶାଯାଉଛି ତାହା ଜାତୀୟ ଅଭିବୃଦ୍ଧି ତୁଳନାରେ ଓଡିଶାରେ ଅତି ନଗଣ୍ୟ ରହୁଛି । ଏହି ଦୁଇଟି ପରିକ୍ରମା ଭିତରେ ସର୍ବଭାରତୀୟ ସ୍ତରରେ କୃଷକ ପରିବାରର ମାସିକ ହାରାହାରି ଆୟ ୬୪୨୬ ଟଙ୍କାରୁ ୧୦,୨୧୮ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଓଡିଶାରେ ତାହା ୪୯୭୬ ଟଙ୍କାରୁ ୫୧୧୨ ଟଙ୍କାକୁ ବୃଦ୍ଧି ପାଇଛି ।

## ମାଲେସିଆ ଗସ୍ତରେ ଓଡ଼ିଶା କୃଷକ

ଭୁବନେଶ୍ୱର,୧୮/୪: ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ । ଆଜି ପୂର୍ବାହ୍ନ ୧୧ ଘଟିକାରେ କୃଷି ଭବନ ଅଡିଟୋରିଅମ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ କାଲିଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ । ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ ଏବଂ ନାବାର୍ଡର ମିଳିତ



ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଥିଲେ । ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି । ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ । ଉନ୍ନତ କୌଶଳକୁ ଶିଖି ନିଜ ଅଂଚଳରେ ତାହାକୁ କାର୍ଯ୍ୟକାରୀ କରନ୍ତୁ । ଏହା ଆମ ଚାଷୀ ଭଉଣୀଙ୍କ ଆୟକୁ ଦୁଇଗୁଣା କରିବାରେ ସହାୟକ ହେବ । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ । ଆଜିର ସମୟରେ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇ କୁ ଚାଉଳ ଯୋଗାଉଛି । ଗତବର୍ଷ ୧୪.୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା । ସେହିପରି, ୧୪.୪୮ ମିଲିୟନ୍ ଟନର କେବଳ ଫଳ ଓ ପନିପରିବା (ଉଦ୍ୟାନ ଫସଲ) ଉତ୍ପାଦିତ ହୋଇଛି । ଏତଦବ୍ୟତୀତ, ଓଡ଼ିଶା ଆଜି ପୋଟଳ, ଭେଣ୍ଡି, ସଜନା ଛୁଇଁ, ଅମୃତଭଣ୍ଡା, ଆମ୍ବ ଆଦିର ରପ୍ତାନୀ ଦୁବାଇ ଓ ଅନ୍ୟାନ୍ୟ ଦେଶକୁ କରିବାରେ ସକ୍ଷମ ହୋଇଛି । କେବଳ ଅଧିକାରୀ ନୁହଁନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ । ଏହି ପ୍ରଶିକ୍ଷଣ ସେମାନଙ୍କ ବିଦେଶ ଯାତ୍ରାର ସ୍ୱପ୍ନକୁ ସାକାର କରିବା ସହିତ ଜ୍ଞାନ ଆହରଣର ଅବସର ଆଣି ପାରିଛି । ଡ. ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଚାଷୀମାନେ ହେଉଛନ୍ତି ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି କହିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଵନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ବାର୍ଡ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଶ୍ରୀ ନିରୂପମ ମେହ୍ରୋତ୍ରା, ନାବାର୍ଡ ସିଜିଏମ୍ ଡ଼ ସୁଧାଂଶୁ ମିଶ୍ର, ଓପିକ୍ରା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକ ଏବଂ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ ।

## ବଣ୍ଟାଯିବ ନୂଆ ରଙ୍ଗୀନ ରାସନ କାର୍ଡ

ଭୁବନେଶ୍ୱର,୧୮/୪: ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯିବ ନୂଆ ରାସନ କାର୍ଡ। ଏନେଇ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ହିତାଧିକାରୀଙ୍କୁ ମିଳିବ ରଙ୍ଗୀନ ରାସନ କାର୍ଡ । ବିଡିଓ, ମ୍ୟୁନିସିପାଲ୍ କମିସନର ଇସ୍ୟୁ କରିବେ କାର୍ଡ। ୨୦ ଏପ୍ରିଲ ସୁଦ୍ଧା ନୂଆ ରାସନ କାର୍ଡ ପ୍ରସ୍ତୁତ କରାଯିବ। ବ୍ଲକ ଓ ୟୁଏଲବି ଅଧିକାରୀ ହିତାଧିକାରୀଙ୍କୁ ରାସନ କାର୍ଡ ବାଣ୍ଟିବେ। ଯାଞ୍ଚପରେ ନୂଆ ସଦସ୍ୟ ସାମିଲ କରାଯାଇ ପାରିବେ। ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ରଙ୍ଗୀନ ରାସନ କାର୍ଡ । ବିଡିଓ, ମ୍ୟୁନିସିପାଲ୍ କମିସନର ଇସ୍ୟୁ କରିବେ କାର୍ଡ। ୨୦ ଏପ୍ରିଲ ସୁଦ୍ଧା ନୂଆ ରାସନ କାର୍ଡ ପ୍ରସ୍ତୁତ କରାଯିବ। ବ୍ଲକ ଓ ୟୁଏଲବି ଅଧିକାରୀ ହିତାଧିକାରୀଙ୍କୁ ରାସନ କାର୍ଡ ବାଣ୍ଟିବେ। ଯାଞ୍ଚପରେ ନୂଆ ସଦସ୍ୟ ସାମିଲ କରାଯାଇ ପାରିବେ। ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଇକେୱାଇସି କରି ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ସହ ଅଯୋଗ୍ୟଙ୍କୁ ବାଦ ଦିଆଯିବା ପ୍ରକ୍ରିୟା ଜାରି ରହିଛି। ନୂଆ ରାସନ କାର୍ଡ ବଣ୍ଟନ କଥା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଖୁସି ଖବର ଆଣିଦେଇଛି। ଖାଦ୍ୟ ବିଭାଗ ଓ ଖାଉଟି କଲ୍ୟାଣ ବିଭାଗର ସୂଚନା ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଇକେୱାଇସି କରି ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ସହ ଅଯୋଗ୍ୟଙ୍କୁ ବାଦ ଦିଆଯିବା ପ୍ରକ୍ରିୟା ଜାରି ରହିଛି। ନୂଆ ରାସନ କାର୍ଡ ବଣ୍ଟନ କଥା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଖୁସି ଖବର ଆଣିଦେଇଛି।

# ସୁପ୍ରିମକୋର୍ଟଙ୍କୁ ଉପରାଷ୍ଟ୍ରପତିଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୧୮/୪: ବିଲ୍ ଅନୁମୋଦନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ୫ ଦିନ ପୂର୍ବେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ଯେଉଁ ସମୟସୀମା ଧାର୍ଯ୍ୟ କରିଛନ୍ତି, ସେ ପ୍ରସଙ୍ଗରେ ଉପରାଷ୍ଟ୍ରପତି ଜଗଦୀପ ଧନକଡ ସୁପ୍ରିମକୋର୍ଟଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଦେଶର ପ୍ରଥମ ନାଗରିକ ତଥା ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ରାଷ୍ଟ୍ରପତିଙ୍କୁ ଯଦି ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦେବେ, ତାହାହେଲେ ଏଭଳି ନ୍ୟାୟିକ ବ୍ୟବସ୍ଥାକୁ ସହ୍ୟ କରିବା ଅସମ୍ଭବ ବୋଲି ଧନକଡ କହିଛନ୍ତି। ଧନକଡ ଏହି ପ୍ରସଙ୍ଗରେ ସମ୍ବିଧାନର ଧାରା ୧୪୨ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଏହି ଧାରା ଅନୁଯାୟୀ ସୁପ୍ରିମକୋର୍ଟଙ୍କୁ କେବଳ ଆଇନ ତର୍ଜମା କରିବାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଥିବାବେଳେ ଅଦାଲତ ନିଜକୁ ସଂସଦ ଓ ରାଷ୍ଟ୍ରପତିଙ୍କ ଠାରୁ ଊର୍ଦ୍ଧ୍ୱରେ ବୋଲି ଭାବି ଏଭଳି ନିର୍ଦ୍ଦେଶନାମା ଜାରି କରିଥିବା ସେ ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏତାଦୃଶ ଆଭିମୁଖ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପରମାଣୁ କ୍ଷେପଣାସ୍ତ୍ର ମାଡ କରିବା ସହ ସମାନ ବୋଲି ଧନକଡ ମତବ୍ୟକ୍ତ କରିଛନ୍ତି। ରାଜ୍ୟସଭା ଷଷ୍ଠ ବ୍ୟାଚ୍‌ର ଶିକ୍ଷାନବୀଶ (ଇନ୍‌ଟର୍ନ)ଙ୍କୁ ସମ୍ବୋଧିତ କରିବା ଅବସରରେ ଧନକଡ କହିଲେ, ରାଷ୍ଟ୍ରପତି ହେଉଛନ୍ତି ସଂସଦ ଓ ସମ୍ବିଧାନର ସଂରକ୍ଷକ। ରାଷ୍ଟ୍ରପତିଙ୍କ ପରେ ଆସୁଛି ଲୋକସଭା ଓ ରାଜ୍ୟସଭା। ସେ ତିନି ସେନାର ସୁପ୍ରିମ କମାଣ୍ଡର। ଭାରତୀୟ ସମ୍ବିଧାନ ରାଷ୍ଟ୍ରପତିଙ୍କୁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରିଛି। ସୁପ୍ରିମକୋର୍ଟ କ'ଣ ରାଷ୍ଟ୍ରପତିଙ୍କ ଉପରେ କି ? ବୋଲି ଧନକଡ଼ ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇ ସୁପ୍ରିମକୋର୍ଟ କ'ଣ ନିଜେ ଆଇନ ତିଆରି କରିବେ କି ବୋଲି ଉପରାଷ୍ଟ୍ରପତି ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତିଙ୍କର ସାମ୍ବିଧାନିକ ବ୍ୟବସ୍ଥାରେ କି ଉତ୍ତର ଦାୟିତ୍ୱ ରହିଛି ବୋଲି ଧନକଡ଼ ପ୍ରଶ୍ନ କରିଛନ୍ତି। ନିର୍ବାଚନ ଲଢୁଥିବା ସମସ୍ତ ପ୍ରାର୍ଥୀ ସେମାନଙ୍କ ସମ୍ପତ୍ତି ତାଲିକା ସାର୍ବଜନୀନ କରୁଥିବାବେଳେ ସୁପ୍ରିମକୋର୍ଟ ବିଚାରପତି କାହିଁକି ଏଥିରୁ ବାଦ୍ ପଡୁଛନ୍ତି। କିଛି ସମ୍ପତ୍ତି ତାଲିକା ଦେଉଛନ୍ତି ତ' ଆଉ କିଛି ବିଚାରପତି ଏହା କାହିଁକି ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶୱନ୍ତ ବର୍ମାଙ୍କ ବାସଭବନରୁ ବିପୁଳ ପରିମାଣର ଟଙ୍କା ଜବତ ଘଟଣାକୁ ସେ ଉଲ୍ଲେଖ କରିଛନ୍ତି। ମାର୍ଚ୍ଚ ୧୪ ବିଳମ୍ବିତ ରାତିରେ ବିଚାରପତି ବର୍ମାଙ୍କ ବାସଭବନରୁ ଟଙ୍କା ଜବତ ହୋଇଥିବାର ୭ ଦିନ ପର୍ଯ୍ୟନ୍ତ ଏହା କାହିଁକି ଲୋକଲୋଚନକୁ ଆସିନଥିଲା ବୋଲି ଧନକଡ ପ୍ରଶ୍ନ କରିଛନ୍ତି। ଏଥିରୁ ନ୍ୟାୟପାଳିକାର ସ୍ୱଚ୍ଛତା ସମ୍ପର୍କରେ ସନ୍ଦେହ ଉପୁଜିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ଯଦି କୌଣସି ସାଧାରଣ ବ୍ୟକ୍ତି, ରାଜନେତା କିମ୍ବା ସରକାରୀ ପଦାଧିକାରୀଙ୍କ ଘରୁ ଏତେ ପରିମାଣର ଟଙ୍କା ଜବତ କରାଯାଇଥାନ୍ତା, ତେବେ ସୁପ୍ରିମକୋର୍ଟ କ'ଣ ଏକ ସପ୍ତାହ ନିରବ ରହିଥାନ୍ତେ ବୋଲି ଧନକଡ ପ୍ରଶ୍ନ ଉଠାଇଛନ୍ତି। ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାହିଁକି ତୁରନ୍ତ କାର୍ଯ୍ୟାନୁଷ୍ଠାନ





ଗ୍ରହଣ କରାଯାଇନାହିଁ ବୋଲି ପୁଲିସକୁ କୈଫିୟତ ତଲବ କରାଯାଇଥାନ୍ତା। ଗଣତନ୍ତ୍ରର ଅନ୍ୟତମ ମଜଭୁତ ସ୍ତମ୍ଭ ଭାବେ ପରିଗଣିତ ନ୍ୟାୟପାଳିକା ଯଦି ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ କାଳକ୍ଷେପଣ ନୀତି ଅବଲମ୍ବନ କରିବେ, ତାହାହେଲେ ଦେଶବାସୀ କାହାକୁ ବିଶ୍ୱାସ କରିବେ ବୋଲି ଧନକଡ କହିଛନ୍ତି। ପୁନଶ୍ଚ ସଂପୃକ୍ତ ବିଚାରପତିଙ୍କ ବିରୋଧରେ ଏପର୍ଯ୍ୟନ୍ତ ଏତଲା ଦାଏର କରାଯାଇନଥିବା ପ୍ରସଙ୍ଗରେ ଧନକଡ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ବିଚାରପତିଙ୍କ ବିରୋଧରେ ଏତଲା ଦାଏର କରିବାରେ କାହାରି ପ୍ରାକ୍ ଅନୁମତିର ଆବଶ୍ୟକତା ନାହିଁ। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜଷ୍ଟିସ ବର୍ମାଙ୍କ ବିରୋଧରେ ତୁରନ୍ତ ଏତଲା ଦାଏର କରାଯିବା ଉଚିତ ହୋଇଥାନ୍ତା ବୋଲି ଧନକଡ କହିଛନ୍ତି। ଭାରତର ସାମ୍ବିଧାନିକ ବ୍ୟବସ୍ଥାରେ କେବଳ ରାଷ୍ଟ୍ରପତି ଓ ରାଜ୍ୟପାଳମାନଙ୍କୁ ନ୍ୟାୟିକ ସ୍ୱାଧୀନତା ପ୍ରଦାନ କରାଯାଇଛି। ବିଚାରପତିମାନେ କ'ଣ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉପରେ ବୋଲି ଧନକଡ ପ୍ରଶ୍ନ କରିଛନ୍ତି। ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଲେ, ଆଇନ ରକେଟ ଭଳି କାର୍ଯ୍ୟ କରିଥାଏ। ତେବେ ଜଷ୍ଟିସ ବର୍ମାଙ୍କ କ୍ଷେତ୍ରରେ ଏହା ଶଗଡ ଗାଡିର ବେଗ ଭଳି ଗତି କରୁଥିବା ସେ କଟାକ୍ଷ କରିଛନ୍ତି। କୌଣସି ଦୁର୍ନୀତିର ତଦନ୍ତ ଦାୟିତ୍ୱ କାର୍ଯ୍ୟକାରିଣୀ ପରିସର ଭୁକ୍ତ ହୋଇଥିବାବେଳେ ସୁପ୍ରିମକୋର୍ଟ ତିନିଜଣିଆ ତଦନ୍ତ କମିଟି ଗଠନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ଧନକଡ ପ୍ରଶ୍ନ ଉଠାଇଛନ୍ତି। ଏଭଳି କମିଟି ଗଠନ ପାଇଁ ସଂସଦ କୌଣସି ଆଇନ ପ୍ରଣୟନ କରିଛନ୍ତି କି? ଆଇନ ଅନୁଯାୟୀ ଏହି କମିଟି ଅତିବେଶୀରେ ସୁପାରିସ କରିପାରିବ। ତେବେ କାହାକୁ ଏବଂ କ'ଣ ସୁପାରିସ କରିବ, ତାହା ଅସ୍ପଷ୍ଟ ରହିଛି। ବିଚାରପତିଙ୍କ କ୍ଷେତ୍ରରେ ଯେଉଁ ବ୍ୟବସ୍ଥା ରହିଛି, ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣର କ୍ଷମତା କେବଳ ସଂସଦ ନିକଟରେ ହିଁ ସଂରକ୍ଷିତ ରହିଛି। ଘଟଣାର ଏକମାସ ଅତିକ୍ରାନ୍ତ ହୋଇସାରିଥିବାବେଳେ ତଦନ୍ତ ପ୍ରକ୍ରିୟା କଚ୍ଛପ ଗତିରେ ଅଗ୍ରସର ହେଉଥିବା ଧନକଡ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋକ ଲାଗି ଗଲେଣି। ଆଉ ବିଳମ୍ବ ଘଟିଲେ କେବଳ କଙ୍କାଳ ଦେଖିବାକୁ ମିଳିବ। ଜଣେ ଭାରତୀୟ ହୋଇଥିବା ଏବଂ ଉପରାଷ୍ଟ୍ରପତି ଭଳି ସାମ୍ବିଧାନିକ ପଦରେ କାର୍ଯ୍ୟ କରୁଥିବାରୁ ଏହି ଘଟଣା ତାଙ୍କୁ ବିସ୍ମିତ କରୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭାରେ ଗୃହୀତ ୧୦ଟି ବିଲକୁ ଅନୁମୋଦନ କରିବାରେ ରାଜ୍ୟପାଳ ଆର.ଏନ.ରବି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିଲେ। ଏହାର ପ୍ରତିବାଦରେ ସେଠାରେ କ୍ଷମତାସୀନ ଡିଏମକେ ସରକାର ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରିଥିଲେ। ଜଷ୍ଟିସ ବି.ଆର.ଗଭାଇ ଓ ଜଷ୍ଟିସ ଆର.ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଚଳିତମାସ ୮ରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ବିଧାନସଭାରେ ଦୁଇଥର ଗୃହୀତ ହେବାର ମାସକ ମଧ୍ୟରେ ରାଜ୍ୟପାଳ ଏହି ବିଲକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟରେ ଦର୍ଶାଯାଇଥିଲା। ଏଥିସହିତ ରାଜ୍ୟପାଳଙ୍କ ନିକଟରୁ ଆସିଥିବା ବିଲ୍ ?କୁ ରାଷ୍ଟ୍ରପତି ୩ ମାସ ମଧ୍ୟରେ ଅନୁମୋଦନ କିମ୍ବା ଖାରଜ କରିବାକୁ ବାଧ୍ୟ ବୋଲି ଖଣ୍ଡପୀଠ ରାୟରେ ଉଲ୍ଲେଖ କରିଥିଲେ।

# ଆମ ଶିମିଳିପାଳ ଯୋଜନାର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୧୮/୪: ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆମ ଶିମିଳିପାଳ ଯୋଜନା ପାଇଁ ଚଳିତ ୨୦୨୫ ବଜେଟ୍ ?ରେ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆଜି ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଆହୂତ ହୋଇଥିଲା । ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ଶିମିଳିପାଳ ଆମ ରାଜ୍ୟର ଗର୍ବ ଓ ଗୌରବ । କେବଳ ଆମ ରାଜ୍ୟ କାହିଁକି, ସମଗ୍ର ଭାରତରେ ଏହାର ଅନନ୍ୟ ଜୈବବିବିଧତା ସୁନାମ ଆଣି ଦେଇଛି । ଶିମିଳିପାଳରେ ବାଘ ଏବଂ ହାତୀ ସମେତ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୬୨ ପ୍ରଜାତିର ସରୀସୃପ, ୧୦୭୬ ଫୁଲ ପ୍ରଜାତି ଏବଂ ୯୬ ପ୍ରଜାତିର ଅର୍କିଡ୍ ଥିବାବେଳେ ଅର୍ଦ୍ଧ-ଚିରହରିତ ଜଙ୍ଗଲ, ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ, ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲ, ଉଚ୍ଚକୋଟୀର ଶାଳ ଜଙ୍ଗଲ ଏବଂ ବିସ୍ତୃତ ସବୁଜିମା ରହିଛି । ତେବେ ଏହି ଅଞ୍ଚଳ ଜଙ୍ଗଲ କ୍ଷୟ, ବିସ୍ଥାପନ ଏବଂ ସ୍ଥାନୀୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପାଇଁ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଅଭାବ ଆଦି ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହେଉଛି । ଏହାକୁ ହୃଦୟଙ୍ଗମ କରି ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶିମିଳିପାଳ ଅଞ୍ଚଳର ବିକାଶ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ମୁଁ ତାଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜନୈତିକ ଏବଂ ପ୍ରଶାସନିକ ଇଚ୍ଛାଶକ୍ତି ରହିଛି । ପ୍ରସ୍ତାବିତ ବାର୍ଷିକ ବଜେଟ୍ ଅନୁଯାୟୀ ପାଣ୍ଠିର ପ୍ରବାହ ନିୟମିତ ରହିବ ଓ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସଂସ୍ଥାଗତ ସହାୟତା ବ୍ୟବସ୍ଥା କରାଯାଉଛି । ଶିମିଳିପାଳକୁ ଖୁବ୍‌ଶୀଘ୍ର ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ପ୍ରକାଶ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ବୈଠକରେ ଉପସ୍ଥିତ ରହି କହିଲେ ଯେ ଆମ ଶିମିଳିପାଳ ଯୋଜନାରେ ଜନଜାତି ସମ୍ପ୍ରଦାୟଗୁଡ଼ିକର ଆର୍ଥିକ ଉନ୍ନତି ନିମନ୍ତେ ପ୍ରତିଷ୍ଠାନ ନିର୍ମାଣ, ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତାର ସୁପରିଚାଳନା, ବନ୍ୟଜନ୍ତୁ ବାସସ୍ଥାନ ଉନ୍ନତି ଏବଂ ପରିଚାଳନା, ମଣିଷ ପ୍ରାଣୀ ସଂଘର୍ଷ ପାଇଁ ପ୍ରଶମନ ପଦକ୍ଷେପ, ପରିବେଶ ସଂରକ୍ଷଣ ପଦକ୍ଷେପ, ସମ୍ପ୍ରଦାୟ ଭିତ୍ତିକ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହନ, ଫାର୍ମ ବନୀକରଣ ପଦକ୍ଷେପ, ଜୀବିକାକୁ ଉନ୍ନତ କରିବା ପାଇଁ ପ୍ରୟାସ ଏବଂ ସାମାଜିକ-ସାଂସ୍କୃତିକ ଜୀବନରେ ସମୁନ୍ନତି, ଦକ୍ଷତା ବୃଦ୍ଧି ପ୍ରଚେଷ୍ଟା , ସର୍କଲ ସ୍ତରୀୟ ସେଲ୍, ଡିଏମୟୁ ଏବଂ ଏଫଏମୟୁ ଗଠନ ଓ ପ୍ରକଳ୍ପ କର୍ମଚାରୀଙ୍କୁ ତାଲିମ, ସର୍ଭେ ଏବଂ ସୀମା ନିର୍ଦ୍ଧାରଣ, ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ଗଠନ, ଗ୍ରାମସ୍ତରୀୟ ଅଣୁଯୋଜନା ପ୍ରସ୍ତୁତି, ଲାଇନ ବିଭାଗ ଗୁଡିକର ବିଭିନ୍ନ ଜୀବିକା ଯୋଜନା ପାଇଁ ହିତାଧିକାରୀଙ୍କ ଚିହ୍ନଟ ଏବଂ ଚୟନ, ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ପାଇଁ ପ୍ରତ୍ୟେକ ଗ୍ରାମରେ ସ୍ଥାନ ଚିହ୍ନଟ ଓ ସେଠାରେ ଘର ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯିବ । ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତା ପରିଚାଳନା କ୍ଷେତ୍ରରେ ବନାଗ୍ନି ନିୟନ୍ତ୍ରଣ ଏବଂ ପରିଚାଳନା, ଜଳ ନିଷ୍କାସନ ସହିତ ମାଟିର ଆର୍ଦ୍ରତା ରକ୍ଷା ପଦକ୍ଷେପ, କ୍ଷତିକାରକ ଘାସ ଓ ଦଳ ଅପସାରଣ, ପଥପାର୍ଶ୍ୱ ବନୀକରଣ, ଔଷଧୀୟ ଉଦ୍ଭିଦ ନର୍ସରୀ ଏବଂ ଉଦ୍ୟାନ, ଜଙ୍ଗଲ ସୀମା ସୁରକ୍ଷା ଓ ଜଙ୍ଗଲ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟ ହାତକୁ ନିଆଯିବ । ବଣ୍ୟପ୍ରାଣୀଙ୍କ ବାସସ୍ଥାନ ଉନ୍ନତି ଏବଂ ପରିଚାଳନା ନିମିତ୍ତ ପ୍ରାଣୀମାନଙ୍କ ପିଇବା ଓ କ୍ରୀଡା ପାଇଁ ଜଳାଶୟ ନିର୍ମାଣ ଓ ରକ୍ଷଣାବେକ୍ଷଣ, ତୃଣଭୋଜୀ ପ୍ରାଣୀମାନଙ୍କ ପାଇଁ ଚାରା ଉଦ୍ୟାନ ଏବଂ ଘାସ ଭୂମି, ଆଶୁ ଚେତାବନୀ ବ୍ୟବସ୍ଥା କରାଯିବ । ମାନବ ପ୍ରାଣୀ ସଂଘର୍ଷ ହ୍ରାସ ଏବଂ ପରିବେଶ ସଂରକ୍ଷଣ ପାଇଁ ବନ୍ୟ ପ୍ରାଣୀ ତଡିବା ଉପକରଣ, ସୌରଚାଳିତ ବାଡ଼, ପରିବେଶ ଉନ୍ନୟନ କମିଟି କୋଠାରେ ସୌର ଆଲୋକ ପୋଷ୍ଟ ଏବଂ ସୌର ଆଲୋକ ବ୍ୟବସ୍ଥା, ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ସଲ୍ଟ ଲିକ ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ, ହାତୀ ପ୍ରତିରୋଧୀ ଖାତ ଖନନ ଓ ବିକଳ୍ପ ରୋଷେଇ ଇନ୍ଧନକୁ



ପ୍ରୋତ୍ସାହନ ଦିଆଯିବ । କୃଷି ବନୀକରଣ ପଦକ୍ଷେପ ଦିଗରେ କୃଷି ବନୀକରଣ ବୃକ୍ଷରୋପଣ, କୃଷି ବନୀକରଣ କ୍ଷେତ୍ରର ବାଡ଼ ତିଆରି, କୃଷି ବନୀକରଣକୁ ପ୍ରୋତ୍ସାହନ ମିଳିବ । ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରକଳ୍ପ କର୍ମଚାରୀ, ପ୍ରତିଷ୍ଠାନ ନିର୍ମାଣ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, କ୍ଷୁଦ୍ର ଯୋଜନା, ଜଙ୍ଗଲ ଏବଂ ଜଳ ପରିବହନ ପରିଚାଳନା, ଜଙ୍ଗଲ ଅଗ୍ନି ପରିଚାଳନା, ଜୈବ ବିବିଧତା ସଂରକ୍ଷଣ ଏବଂ ପରିଚାଳନା, ଯୁବକମାନଙ୍କ ପାଇଁ ବୃତ୍ତିଗତ ତାଲିମ ଓ ପ୍ରାଥମିକ ହିତାଧିକାରୀଙ୍କ ପାଇଁ କ୍ଲଷ୍ଟର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ । ବୈଠକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (OFSDP) ଦ୍ୱିତୀୟ ପର୍ଯ୍ୟାୟ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ବଜେଟରେ ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪୦ କୋଟି ଟଙ୍କାର ଆନୁପାତିକ ବ୍ୟୟବରାଦ କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀମତୀ ମିତା ବିଶ୍ୱାଳ କହିଲେ ଯେ ଏହା ଏକ ବ୍ୟାପକ ପ୍ରକଳ୍ପ ହେବ ଯାହା ବନୀକରଣ, ଜୈବ-ବିବିଧତା ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟ, ଜୀବିକା ପ୍ରୋତ୍ସାହନ ଏବଂ ଆନୁଷ୍ଠାନିକ ବିକାଶ ପଦକ୍ଷେପଗୁଡ଼ିକୁ ସମନ୍ୱିତ କରିବ ଓ ଓଡ଼ିଶାରେ ଜଙ୍ଗଲ ନିକଟରେ ବାସ କରୁଥିବା ସମ୍ପ୍ରଦାୟଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ । ସମ୍ପ୍ରଦାୟଭିତ୍ତିକ ସ୍ଥାୟୀ ଜଙ୍ଗଲ ପରିଚାଳନା ଅଭ୍ୟାସର ପ୍ରୋତ୍ସାହନ, ଜଙ୍ଗଲ ନିକଟରେ ବାସ କରୁଥିବା ସମ୍ପ୍ରଦାୟ ମଧ୍ୟରେ ବିକଳ୍ପ ଜୀବିକାର ପ୍ରୋତ୍ସାହନ, ସମ୍ପ୍ରଦାୟଭିତ୍ତିକ ଅନୁଷ୍ଠାନ (VSS ଏବଂ SHG) ର ସୁଦୃଢ଼ୀକରଣ ଉପରେ ଏହି ପ୍ରକଳ୍ପରେ ଧ୍ୟାନ ଦିଆଯିବ । ଜୈବ-ବିବିଧତା ସଂରକ୍ଷଣରେ ଗୋଷ୍ଠୀ ଅଂଶଗ୍ରହଣ, ଜୀବିକା ସୁରକ୍ଷା ପ୍ରଦାନ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଗୁଡ଼ିକର ଆର୍ଥିକ ସ୍ଥିରତା, ଜଳ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଗୁଡ଼ିକର କ୍ଷମତା ବୃଦ୍ଧି, ପରିବେଶ ସଂରକ୍ଷଣ ଅଭ୍ୟାସରେ ଗୋଷ୍ଠୀ ଜ୍ଞାନର ଡକ୍ୟୁମେଣ୍ଟେସନ୍, ସମ୍ପ୍ରଦାୟ ନେତୃତ୍ୱାଧୀନ ପ୍ରାକୃତିକ ସମ୍ପଦ ସୁରକ୍ଷା ଏବଂ ସଂରକ୍ଷଣ ରଣନୀତି, ମିଳିତ ଏବଂ ଅଂଶଗ୍ରହଣମୂଳକ ପଦ୍ଧତି ମାଧ୍ୟମରେ ଜଙ୍ଗଲ ସମ୍ପଦ ବ୍ୟାବାହାରକାରୀ ଏବଂ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ, ବୃଦ୍ଧି ପାଇଁ ସ୍ଥାୟୀ ଜଙ୍ଗଲ ପରିଚାଳନାର ସହଯୋଗୀ ମଡେଲ, ପରିବେଶଗତ ସ୍ୱାସ୍ଥ୍ୟ, ସମ୍ପ୍ରଦାୟର ସମୃଦ୍ଧି ଏବଂ ରାଜ୍ୟର ପରିବେଶ କ୍ଷେତ୍ରରେ କଲ୍ୟାଣ ସାଧିତ ହୋଇପାରିବ । ସାମୁଦାୟିକ ଅଂଶଗ୍ରହଣ ମାଧ୍ୟମରେ ସ୍ଥାୟୀ ଜଙ୍ଗଲ ପରିଚାଳନା ଓ ଲାଇନ ବିଭାଗର ଯୋଜନାଗୁଡ଼ିକର ସମନ୍ୱୟ ମାଧ୍ୟମରେ ଜୀବିକା ପ୍ରୋତ୍ସାହନ ପ୍ରସ୍ତାବିତ ପ୍ରକଳ୍ପର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ । ଆମ ରାଜ୍ୟରେ ସମୁଦାୟ ୧୬,୧୬୯ ଟି ବନ ସୁରକ୍ଷା ସମିତି ରହିଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (OFSDP) ପ୍ରଥମ ପର୍ଯ୍ୟାୟ ଅଧୀନରେ ଅନ୍ତର୍ଭୁକ୍ତ ୨୪୨୬ଟି ବନ ସୁରକ୍ଷା ସମିତି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (OFSDP) ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଅନ୍ତର୍ଭୁକ୍ତ ୧୨୨୦ଟି ବନ ସୁରକ୍ଷା ସମିତି, ଆମ ଜଙ୍ଗଲ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ୪୬୦୧ ଟି ବନ ସୁରକ୍ଷା ସମିତି- ଏହିପରି ୮୨୪୭ଟି ବନ ସୁରକ୍ଷା ସମିତି (୬୧ ଟି ପରିବେଶ ଉନ୍ନୟନ କମିଟି ସମେତ ) ଏପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇଛନ୍ତି । ପ୍ରକଳ୍ପ ଅଧୀନରେ ଏପର୍ଯ୍ୟନ୍ତ ୭୯୮୩ ଟି ବନ ସୁରକ୍ଷା ସମିତି ଅନ୍ତର୍ଭୁକ୍ତ ହୋଇ ନାହାନ୍ତି । ଏହି ନୂତନ ପ୍ରକଳ୍ପ ଅଧୀନରେ ୩୨ ଟି ଆଞ୍ଚଳିକ ବନ ଡିଭିଜନରେ ପ୍ରାୟ ୩୬୦୦ ଟି ବନ ସୁରକ୍ଷା ସମିତି ଅନ୍ତର୍ଭୁକ୍ତ ହେବାର ପ୍ରସ୍ତାବ ରହିଛି ବୋଲି ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀମତୀ ମିତା ବିଶ୍ୱାଳ ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଶ୍ରୀ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଶ୍ରୀମତୀ ମିତା ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଶ୍ରୀମତୀ ଉମା ନନ୍ଦୁରୀ, ଅତିରିକ୍ତ ସଚିବ ଶ୍ରୀ ଦେବେନ ପ୍ରଧାନ, ଯୁଗ୍ମ ସଚିବ ଶ୍ରୀ ଧରମ ହାଂସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ଯୁଗ୍ମ ସଚିବ ଶ୍ରୀ ଦୀନକୃଷ୍ଣ କର ଓ ବିଭାଗୀୟ ଅନ୍ୟ ସମସ୍ତ ଉଚ୍ଚାଧିକାରୀମାନେ ଉପସ୍ଥିତ ରହି ମନ୍ତ୍ରୀ ଓ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ବହୁ ତଥ୍ୟ ଯୋଗାଇ ଦେଇଥିଲେ ।

## ଓଡ଼ିଶାରେ ସଦସ୍ୟତା ଅଭିଯାନ ଆରମ୍ଭ କରିବ ଏସପି




ଭୁବନେଶ୍ୱର,୧୮/୪: ଓଡ଼ିଶାରେ ସମାଜବାଦୀ ପାର୍ଟି (ଏସପି) ନିଜର ସଦସ୍ୟତା ଅଭିଯାନ ଆରମ୍ଭ କରିବ। ଜିଲ୍ଲା ସଂଗଠନକୁ ସୁଦୃଢ଼ କରାଯିବ। ଆଗକୁ ରାଜ୍ୟ ପ୍ରଭାରୀ ନିଯୁକ୍ତ କରାଯିବ। ଓଡ଼ିଶାର ଅନ୍ୟ ଦଳର ଯେଉଁମାନେ ସମାଜବାଦୀ ପାର୍ଟିରେ ସାମିଲ ହେବାକୁ ଚାହିଁବେ ସେମାନଙ୍କୁ ସ୍ୱାଗତ କରାଯିବ ବୋଲି ସୂଚନା ଦେଇଛନ୍ତି ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ। ଆଜି ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଖିଳେଶ କହିଲେ, ସମ୍ବିଧାନ ପ୍ରଣେତା ବିଆର ଆମ୍ବେଦକରଙ୍କ ବିଚାରଧାରାକୁ ନେଇ ଦଳ ଆଗକୁ ବଢୁଛି। ଉତ୍ତରପ୍ରଦେଶରେ ଦଳ ପିଡିଏ(ପଛୁଆ ବର୍ଗ, ଦଳିତ ଓ ଆଦିବାସୀ) ନାରା ଦେଇଥିଲା। ଯାହାଫଳରେ ଗୋଟିଏ ଛାତ ତଳେ ଏହି ବର୍ଗର ସମସ୍ତେ ନିଜ ହକ୍ ପାଇଁ ଲଢ଼େଇ କରିପାରିବେ। ଯେଉଁ ରାଜ୍ୟରେ ସମାଜବାଦୀ ପାର୍ଟି କ୍ଷମତାକୁ ଆସିବ, ଉତ୍ତରପ୍ରଦେଶରେ ଦଳର କ୍ଷମତାରେ ଥିବା ସମୟରେ ଯେଉଁ ଭଲ ଯୋଜନା କାର୍ଯ୍ୟକାରୀ ହୋଇଥିଲା ତାହାକୁ ଲାଗୁ କରାଯିବ। କଟାକ୍ଷ କରି ସେ କହିଥିଲେ ଯେ ବିଜେପି କେବଳ ଲୋକଙ୍କଠାରୁ ଛଡ଼େଇ ନେବା ଶିଖିଛି। ପୂର୍ବରୁ ବିମୁଦ୍ରୀକରଣ, ଜିଏସ୍‌ଟି, ଚାଷୀଙ୍କଠାରୁ ଜମି ନେବା ପାଇଁ କଳା ଆଇନ ଓ ଏବେ ଓ୍ୱକ୍‌ଫ ବିଲ୍ ଜରିଆରେ ଜମି ହଡ଼ପ ଅଭିଯାନ ଆରମ୍ଭ କରିଛି। ଉତ୍ତରପ୍ରଦେଶରେ ଡବଲ ଇଞ୍ଜିନ୍ ଧକ୍କା ହୋଇ ଗୋଟିଏ ରେଳ ଧାରଣାରେ ଚାଲୁଛି। ଦିଲ୍ଲୀରେ ବସିଥିବା ଲୋକ ଅଧାରୁ ଅଧା କାମ କରୁଥିବା ବେଳେ ଉତ୍ତରପ୍ରଦେଶକୁ ବଳକା କାମ ମିଳୁଛି। ଓଡ଼ିଶାରେ ମଧ୍ୟ କିଛି ଭିନ୍ନ ହେଉଥିବ ବୋଲି ଆଶା ନାହିଁ। ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ କିଏ ଚଳାଉଛି ତାହା କେହି ଜାଣି ନାହାନ୍ତି। ହୋଇପାରେ ଜଣେ ବ୍ୟକ୍ତି ହିଁ ସବୁକିଛି ନିଷ୍ପତ୍ତି ନେଉଥାଇପାରେ ବୋଲି ଶ୍ରୀ ଯାଦବ କଟାକ୍ଷ କରିଛନ୍ତି। ବିଜେପି କେବଳ କ୍ଷମତାକୁ ଆସିବା ଲାଗି ହିନ୍ଦୁଙ୍କ କଥା କହୁଛି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ପର୍ଯ୍ୟନ୍ତ ଜଗନ୍ନାଥଙ୍କ ଦର୍ଶନ କରିନାହାନ୍ତି। ଓଡ଼ିଶାରେ ମୋର ଏହି ବକ୍ତବ୍ୟ ଶୁଣିବା ପରେ ହୁଏତ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସିପାରନ୍ତି। ଡବଲ ଇଞ୍ଜିନ ସରକାରରେ ଡବଲ ଦରଦାମ ବୃଦ୍ଧି ଓ ବେରୋଜଗାର ବଢ଼ିଛି ବୋଲି ଶ୍ରୀ ଯାଦବ କହିଥିଲେ। ଏହି ଅବସରରେ ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳି ଦାସ ବିଜେଡି ଛାଡ଼ି ସମାଜବାଦୀ ପାର୍ଟିରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସଭାପତି ଶିବ ହାତୀ ଯାଦବ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଧୁନିକ ଓଡ଼ିଶା ନିର୍ମାଣରେ ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ: ଗଡ଼କରୀ

କଟକ,୧୮/୪: ଆଧୁନିକ ଓଡ଼ିଶା ନିର୍ମାଣରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ। ଭବିଷ୍ୟତର ଓଡ଼ିଶା ଗଠନକୁ ନେଇ ଡକ୍ଟର ମହତାବଙ୍କ ସ୍ୱତନ୍ତ୍ର ଦର୍ଶନ ଥିଲା। ହୀରାକୁଦ ଡ୍ୟାମ୍ ନିର୍ମାଣ ହେଉ କି ଭୁବନେଶ୍ୱରକୁ ରାଜ୍ୟର ରାଜଧାନୀ କରିବା ତାଙ୍କ ଦର୍ଶନର ପରିଚୟ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସସ୍ଥିତ ସମ୍ମିଳନୀ କକ୍ଷରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ମାରକୀ ବକ୍ତୃତା ଓ 'ଏକ ବୃହତ୍ତର ଏବଂ ସମୃଦ୍ଧ ଓଡ଼ିଶାର ସ୍ଥପତି' ଶୀର୍ଷକ ଜାତୀୟ ସମ୍ମିଳନୀରେ ପ୍ରବକ୍ତା ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଶ୍ରୀ ଗଡ଼କରୀ ଆହୁରି କହିଥିଲେ ଯେ, ରାଷ୍ଟ୍ର ନିର୍ମାଣ କେବେ ବ୍ୟକ୍ତିଗତ ପ୍ରୟାସରେ ହୁଏ ନାହିଁ। ଏଥିପାଇଁ ସାମୂହିକ ପ୍ରୟାସର ଆବଶ୍ୟକ ଥାଏ ବୋଲି ଡକ୍ଟର ମହତାବଙ୍କ ଜୀବନୀରୁ ଶିକ୍ଷା ମିଳେ। ସେହିପରି ଦୃଢ଼ ଇଚ୍ଛାଶକ୍ତି ଥିଲେ ମଣିଷ ଅସାଧ କାମକୁ ସଫଳତାର ସହ କରିପାରେ। ଦେଶରେ ଅର୍ଥ ଓ ଜ୍ଞାନକୌଶଳର ଅଭାବ ନାହିଁ। ପ୍ରତ୍ୟେକ ପ୍ରକଳ୍ପର ସଫଳତା ପାଇଁ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଆସନ୍ତା ଶହେବର୍ଷକୁ ଦୃଷ୍ଟିରେ ରଖି ସମସ୍ତେ ଏକାଠି ହୋଇ କାମ କଲେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଡକ୍ଟର ହରେକୃଷ୍ଣ ମହତାବ ଏକାଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, କୁଟନୀତିଜ୍ଞ, ସାହିତ୍ୟିକ ଓ ସାମ୍ବାଦିକ ଥିଲେ ବୋଲି କହିଥିଲେ। ଦେଶ ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ ଓ ଶ୍ରୀ ମହତାବଙ୍କ ଉଦ୍ୟମରେ ୨୬ଟି ଗଡ଼ଜାତ ରାଜ୍ୟ ଓଡ଼ିଶାରେ ମିଶିଥିଲା। ଏଥିରେ ଓଡ଼ିଶାର କ୍ଷେତ୍ରଫଳ ୧ ଲକ୍ଷ ୫୫ ହଜାର ୭୦୭ ବର୍ଗ କିଲୋମିଟରକୁ ବୃଦ୍ଧି



ପାଇଥିଲା। ଏଥିପାଇଁ ଡକ୍ଟର ମହତାବଙ୍କୁ ଓଡ଼ିଶାର ସର୍ଦ୍ଦାର ପଟେଲ୍ ଭାବେ ଅଭିହିତ କଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସେ କହିଥିଲେ। ଓଡ଼ିଶା ପାଇଁ ଡକ୍ଟର ମହତାବଙ୍କ ତିନୋଟି ଶ୍ରେଷ୍ଠ ଅବଦାନ ରହିଛି। ସେଗୁଡ଼ିକ ହେଲା ଓଡ଼ିଶାରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା ଓ ହୀରାକୁଦ ବନ୍ଧ ସ୍ଥାପନ। ଏଥିପାଇଁ ଶ୍ରୀ ମହତାବ ଚିର ସ୍ମରଣୀୟ ହୋଇ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ଆଧୁନିକ ଓଡ଼ିଶା ଗଠନରେ ଡକ୍ଟର ମହତାବଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡକ୍ଟର ବିକ୍ରମ କେଶରୀ ଜେନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ହରେକୃଷ୍ଣ ମହତାବ'କୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସେହିପରି ରେଭେନ୍ସା ହେରିଟେଜ୍ ହଲ୍‌ଠାରେ ଆୟୋଜିତ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୀବନୀ ସମ୍ବନ୍ଧୀୟ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ସଂଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ୍, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଓଡ଼ିଶା ଗବେଷଣା କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ପୁଲିସ ସହଯୋଗରେ ବିପୁଳ କାଠ ଜବତ କଲା ବନ ବିଭାଗ



ଚଢେଇଭୋଳ,୧୮/୪: ମୟୂରଭଂଜ ଜିଲ୍ଲା କରଞ୍ଜିଆ ବ୍ଲକ ଚଢ଼େଇଭୋଳ ନିକଟରେ କିଛି କାଠ ମାଫିଆ ବହୁ ପରିମାଣର ମୂଲ୍ୟବାନ କାଠ ଜବତ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଜାଣିବା ପରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନେତୃତ୍ୱରେ ବନବିଭାଗର ଏକ ୭୦ ଜଣିଆ ଦଳ ଚଢ଼େଇଭୋଳ ଗ୍ରାମରେ ଚଢ଼ଉ କରିବାକୁ ନିଷ୍ପତ୍ତି ନେଇଥିଲେ। ଭୋର୍ ପ୍ରାୟ ୪ ଘଟିକା ସମୟରେ ବନବିଭାଗର ଦଳ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ସହିତ କରଞ୍ଜିଆ ପୁଲିସର ଏକ ମିଳିତ ଦଳ ମାଜିଷ୍ଟ୍ରେଟ ଭାବେ କରଞ୍ଜିଆ ତହସିଲଦାର ବେଦବ୍ୟାସ ଭୋଇଙ୍କ ଉପସ୍ଥିତିରେ ୨ ପ୍ଲାଟୁନ ପୁଲିସ୍ ଫୋର୍ସର ସାହାଯ୍ୟରେ ଚଢ଼ଉ ଆରମ୍ଭ କରିଥିଲେ। ଏଠାରେ ବିଭିନ୍ନ ସ୍ଥାନରେ ଅଲଗା ଅଲଗା କରି ଶାଗୁଆନ କାଠ ଗୁଡ଼ିକ ରଖାଯାଇଥିଲା। ଏହି କାଠ ପ୍ରାୟ ୧୦ ଟ୍ରାକ୍ଟରରୁ ଉର୍ଦ୍ଧ୍ୱ ଥିବା ଜଣାପଡିଛି। ଏହି କାଠର ଆନୁମାନିକ ମୂଲ୍ୟ ପ୍ରାୟ ୨୦-୩୦ ଲକ୍ଷ ଟଙ୍କା ହୋଇପାରେ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସମସ୍ତ ଜବତ କାଠ ସିଙ୍ଗଡ଼ା ବନପାଳ ଦୀପ୍ତିମୟୀ ସେଠୀଙ୍କ କାର୍ଯ୍ୟାଳୟ ଠାରେ ରଖାଯାଇ ମୂଲ୍ୟର ଆକଳନ କରାଯାଉଛି। ତେବେ ଏତେ ପରିମାଣର କାଠ କେଉଁ ପରିସ୍ଥିତିରେ ଏଠାରେ ରହିଲା ଓ କିପରି ବନ ବିଭାଗ ଓ ପୁଲିସ ବିଭାଗ ଜାଣିପାରିଲା ନାହିଁ ସେ ବିଷୟରେ ମୃଦୁ ଗୁଞ୍ଜରଣ ଶୁଣିବାକୁ ମିଳୁଛି। ଚଢ଼ଉ ଖବର ପୂର୍ବରୁ ଜାଣିପାରି ଗିରଫଦାରୀ ଭୟରେ କାଠ ମାଫିଆମାନେ ସମସ୍ତ କାଠ ବାହାରେ ରଖିଦେଇଥିବା ସ୍ଥାନୀୟ ଲୋକେ ନାମ ପ୍ରକାଶ ନକରି ସୂଚନା ଦେଇଛନ୍ତି। ଏତେ ପରିମାଣର ଅମୂଲ୍ୟ ଶାଗୁଆନ କାଠ ଜଙ୍ଗଲରୁ କାଟି କାଠ ମାଫିଆ ପରିବେଶ ସନ୍ତୁଳନ ବିଗାଡିବାକୁ ଚେଷ୍ଟା କରୁଥିବାରୁ ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି ଏବଂ ଆଗକୁ ଏହି ପରି ଚଢ଼ାଉ ଜାରି ରଖିବାକୁ ଦାବି କରିଛନ୍ତି। ଏହି ଜବତ କାଠର କୌଣସି ମାଲିକାନା ନଥିବାରୁ କାହାରିକୁ ଗିରଫ କରାଯାଇ ପାରିନଥିବା ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି। ଏତେ ପରିମାଣର କାଠ ଏଠାକୁ କେମିତି ଆସିଲା, କିଏ କେତେବେଳେ ଆଣି ରଖିଲା ସେସବୁ ବିଷୟରେ ଅଞ୍ଚଳରେ ଭିନ୍ନଭିନ୍ନ ମତପ୍ରକାଶ ପାଉଛି। ଏହି ସ୍ଥାନଟି କାଠ, ବାଲି, ପଥର ଓ ଗୋରୁ ମାଫିଆମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାରୁ ଆଜି ଚଢ଼ଉ ସମୟରେ ସଶସ୍ତ୍ର ପୁଲିସ ବଳ ନିୟୋଜିତ ରହିଥିବା ଦେଖିବାକୁ ମିଳିଥିଲା। ଏଠାରେ ବେଆଇନ କରତକଳ ମଧ୍ୟ ରହିଥିବା କିଛି ସ୍ଥାନୀୟ ଭଦ୍ରବ୍ୟକ୍ତି ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ସ୍ଥାନ ଉପରେ ବିଶେଷ ଦୃଷ୍ଟି ରଖିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

## ଟ୍ରାକ୍ଟର ଧକ୍କାରେ ଚାଲିଗଲା ନବମ ଶ୍ରେଣୀ ଛାତ୍ରଙ୍କ ଜୀବନ

ସମ୍ବଲପୁର,୧୮/୪: ଟ୍ରାକ୍ଟର ଧକ୍କାରେ ଜଣେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଉଛନ୍ତି କୃତାର୍ଥ ବେହେରାଙ୍କ ପୁଅ ଆୟୁଷ୍ମାନ ବେହେରା (୧୪)। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ମିନିଟ ସମୟରେ ଆୟୁଷ୍ମାନ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଫେରୁଥିବା ବେଳେ ସାମ୍ନା ପଟୁ ଏକ ଟ୍ରାକ୍ଟର୍ (ଓଡି-୧୫ ଡବ୍ଲ୍ୟୁ ୮୧୧୫) ତାଙ୍କୁ ଧକ୍କା ଦେଇଥିଲା। ସେଠାରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆୟୁଷ୍ମାନ ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ମିନିଟ ସମୟରେ ଆୟୁଷ୍ମାନ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଫେରୁଥିବା ବେଳେ ସାମ୍ନା ପଟୁ ଏକ ଟ୍ରାକ୍ଟର୍ (ଓଡି-୧୫ ଡବ୍ଲ୍ୟୁ ୮୧୧୫) ତାଙ୍କୁ ଧକ୍କା ଦେଇଥିଲା।ସେଠାରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଆୟୁଷ୍ମାନ ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଲାଞ୍ଜିଗଡ-ବେନଗାଁ ରାସ୍ତା ଅବସ୍ଥା ଶୋଚନୀୟ



ଲାଞ୍ଜିଗଡ଼,୧୮/୪: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡଠାରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡଠାରୁ ବାନୀଗାଁ, ବୀରସିଙ୍ଗେର, ପାଜିବାହାଲି, ପଦ୍ମଥୋପା ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କିମି ବିଶିଷ୍ଟ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲିଯାଇଛି। ଲାଞ୍ଜିଗଡ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୂରାବସ୍ଥା ଯୋଗୁଁ ଲୋକେ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ଏପରିକି ଏହି ରାସ୍ତା ଦେଇ ଯାନବାହନ ସହିତ ରୋଗୀ ନେଇ ଯିବାଆସିବା କରିବାକୁ ଆମ୍ବୁଲାନ୍ସ ପାଇଁ ମଧ୍ୟ ଅସୁବିଧା ହେଉଛି। ଘାଟି ନିକଟରେ ରାସ୍ତା ସଂପୂର୍ଣ୍ଣ ଉଜୁଡି ଯାଇଥିବାବେଳେ ଏହାର ମରାମତି ମଧ୍ୟ କରାଯାଉ ନାହିଁ। ଲାଞ୍ଜିଗଡ ବ୍ଲକର ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଲିଯୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଲାଞ୍ଜିଗଡ ଶିଳ୍ପାଞ୍ଚଳ ସମେତ ହାଟ ବଜାର ଓ ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବାବେଳେ ରାସ୍ତା କିନ୍ତୁ ଲୋକଙ୍କୁ ଗମନାଗମନରେ ସୁବିଧା କରିବା ପରିବର୍ତ୍ତେ ବାଧା ସାଜି ଉଭା ହୋଇଛି। ଯାହାଫଳରେ ବିପଦସଂକୁଳ ଏହି ରାସ୍ତା ପାଇଁ ଜନ ସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରିଥିବାବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର ରାସ୍ତା କାମ ଯୋଗୁଁ ଏହି ରାସ୍ତା ଅଧା ଦିନରେ ଉଜୁଡି ଯାଇଥିବାବେଳେ ଏହାର ମରାମତି ଓ ରକ୍ଷଣାବେକ୍ଷଣକୁ ସେ ନଜର ଅନ୍ଦାଜ କରିଚାଲିଛନ୍ତି। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବାରମ୍ବାର ତାଗିଦ କରୁଥିଲେ ହେଁ ସେ ଖାତିର କରୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଠିକାଦାରଙ୍କ ଅବହେଳାକୁ ସ୍ୱୀକାର କରିବା ସହିତ ପ୍ରତି ଦୁଇମାସରେ ଆମେ ଫଟୋ ଉଠେଇ ରାସ୍ତା ଖରାପ ଅଛି ବୋଲି ରିପୋର୍ଟ ଦେଉଛୁ କିନ୍ତୁ ସେ ଆଦୌ ଖାତିର କରୁନାହାନ୍ତି ବୋଲି କହିଛନ୍ତି। ସେହିପରି ଠିକାଦାରଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇନଥିବାରୁ ଏଥିପାଇଁ ତାଙ୍କୁ ପୁଣି ତାଗିଦ କରାଯିବ ବୋଲି କହିଛନ୍ତି।

## ପିପିଲିରେ କାଳବୈଶାଖୀ ପ୍ରଭାବ: ସାପ୍ତାହିକ ହାଟରେ ଭାସିଲା ପନିପରିବା





ପିପିଲି,୧୮/୪: ପିପିଲି ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ସକାଳ ସାଢେ ୯ଟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତସହ ପ୍ରବଳ ମାତ୍ରାରେ ବର୍ଷା ଓ ପବନ ହୋଇଛି। ଏଥିଯୋଗୁଁ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହେବା କାରଣରୁ ୧ଘଣ୍ଟା ପର୍ଯ୍ୟନ୍ତ ପିପିଲି ପୌରାଞ୍ଚଳ ଅନ୍ଧକାର ମଧ୍ୟରେ ରହିଥିଲା। ଏହି ବର୍ଷା ଓ ପବନ ଯୋଗୁଁ କେତେକ ସ୍ଥାନରେ ମେଳଣ ଅବସରରେ ଚାଲିଥିବା ଯାତ୍ରାପାର୍ଟିର ଟେଣ୍ଟ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ଦୀର୍ଘ ଏକ ଘଣ୍ଟା ଧରି ପ୍ରବଳ ମାତ୍ରାରେ ବର୍ଷା ହୋଇଥିବାବେଳେ ଗ୍ରୀଷ୍ମପ୍ରବାହରୁ ଲୋକେ ତ୍ରାହି ପାଇଛନ୍ତି। କେତେକ ସ୍ଥାନରେ ପବନରେ ଗଛ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ପନିପରିବା ଫସଲରେ ମଧ୍ୟ ଏଥିରେ ବ୍ୟାପକ ଭାବେ କ୍ଷତି ଘଟିଛି। ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ହୋର୍ଡିଂ ସବୁ ପବନରେ କ୍ଷତିଗ୍ରସ୍ତ ହୋଇଛି। ପିପିଲିର ସାପ୍ତାହିକ ହାଟରେ ବ୍ୟବସାୟୀ ଓ ଚାଷୀମାନେ ଏହି କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ହାଟ ମଧ୍ୟରେ କେତେକ ଦୋକାନ ସମ୍ମୁଖରେ ଲାଗିଥିବା ଜରିପାଲ ସବୁ ପବନରେ ଫାଟି ଉଡିଯାଇଥିବା ପରିଲକ୍ଷିତ ହୋଇଛି। ବହୁ ଦୋକାନର ପନିପରିବା ସବୁ ବର୍ଷା ଜଳରେ ଭାସୁଥିବା ଦେଖିବାକୁ ମିଳିଛି।

## ବେଆଇନ ଗୋରୁ ବୋଝେଇ ଗାଡି ଜବତ

ଭଦ୍ରକ,୧୮/୪: ଭଦ୍ରକରେ ବେଆଇନ ଗୋରୁ ବୋଝେଇ ଗାଡି ଜବତ ହୋଇଛି । ୨୮ରୁ ଅଧିକ ଗୋରୁ ଜବତ ହୋଇଛନ୍ତି । ବିଳମ୍ବିତ ରାତିରେ ଭଦ୍ରକ ସିଟି ଡିଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢଉ କରି ଗୋରୁ ବୋଝେଇ ପିକଅପ ଭ୍ୟାନ ଜବତ କରିଛି । ପିକଅପ ଭ୍ୟାନକୁ ପୋଲିସ ପିଛା କରିଥିଲା । ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଓଲଟି ପଡିଥିଲା ପିକଅପ ଭ୍ୟାନ । ସେଥିରୁ ୮ଟି ଗୋରୁ ଉଦ୍ଧାର ହୋଇଛନ୍ତି । ଏବେ ପୋଲିସ ତିନି ଜଣଙ୍କୁ ଅଟକ ରଖି ପଚରା ଉଚରା କରି ତଦନ୍ତ କରୁଛି ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

ପୋଲସରା ୧୮/୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ( ପୁରୁଷ, ମହିଳା ଓ ଯୁକ୍ତ ବିଭାଗ) ପକ୍ଷରୁ ରକ୍ତଦାନ ଶିବିର ୧୬/୦୪/୨୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ କଲେଜର ପ୍ରିନ୍ସିପାଲ ରବିନ୍ଦ୍ର ନାଥ ପାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଯୁଗ୍ମ ବିଭାଗର ପ୍ରୋଗ୍ରାମ ଅଫିସର ସେକ୍ ଫରିଦ , ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ପ୍ରକାଶ ଚନ୍ଦ୍ର ସାହୁ ଓ ମହିଳା ବିଭାଗର ପ୍ରୋଗ୍ରାମ ଅଫିସର ସନ୍ତୋଷ କୁମାର ପାଣି ସଂଯୋଜନା କରିଥିଲେ। ଅଧ୍ୟାପକ ଶ୍ରୀକାନ୍ତ ପ୍ରଧାନ, ବିଶ୍ୱନାଥ ଚୌଧୁରୀ, ଡକ୍ଟର ବିଜୟ ନାରାୟଣ ରଥ, ଖେଳ ଶିକ୍ଷକ ଦୀପକ କୁମାର ସ୍ୱାଇଁ, ଡାଟାଏଣ୍ଟ୍ରି ଅପରେଟର ଦୀପକ ରଂଜନ ଜେନା , ଜୁନିଅର ଲ୍ୟାବ ସହାୟକ ସାହୁ ପ୍ରଭୃତି ରକ୍ତଦାନ କରିବା ସହ ସ୍ୱେଚ୍ଛାସେବୀ ଜସପିତା ଗୌଡ଼, ପୂଜାରାଣୀ ବେହେରା, ରେଶ୍ମା ସାହୁ, ଗୁଡ଼ୁଲି ସାହୁ, ଶୁଭମ୍ ସାହୁ ପ୍ରଭୃତି ସହଯୋଗ କରିଥିଲେ। ଏହି ରକ୍ତ ଦାନ ଶିବିର ରେ ୨୮ ୟୁନିଟ ରକ୍ତ ବ୍ରହ୍ମପୁରରେ ଏମ.କେ.ସି.ଜି. ମେଡିକାଲ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା। ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ବୃନ୍ଦଙ୍କ ମଧ୍ୟରେ ଲକ୍ଷ୍ମୀ ରାଉତ, ବଳଦେବ କୃଷ୍ଣ, ଜଗନ୍ନାଥ ବିଷୋୟୀ, ବିକାଶ କୁମାର ସ୍ୱାଇଁ, ଆକାଶ କୁମାର ସ୍ୱାଇଁ, ସମ୍ପଦ ଦାସ, ଦେବବ୍ରତ ସାହୁ, କାର୍ତ୍ତିକେୟ ପାତ୍ର, ଦୀପକ ଡାକୁଆ, ରାକେଶ ନାୟକ , ସରୋଜ ସାହୁ ପ୍ରଭୃତି ରକ୍ତଦାନକରି କଲେଜ ପାଇଁ ଗୌରବ ଆଣିଛନ୍ତି।

## ନିଆଳୀରେ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ



ନିଆଳୀ ୧୮/୪(ନି.ପ୍ର): ନିଆଳୀ ବ୍ଲକରେ ୪ଟି ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ କାର୍ଡ ବଣ୍ଟନ ହୋଇଯାଇଛି. କସର୍ଦା, ପହଙ୍ଗା, କୃଷ୍ଣପ୍ରସାଦ,ବଡାରୋ ଅଞ୍ଚଳରେ କାର୍ଡ ବଣ୍ଟନ ହୋଇଯାଇଛି ,ଯେଉଁ ହିତାଧିକାରୀ କାର୍ଡ ପାଇନାହାନ୍ତି ୩ ମାସ ମଧ୍ୟରେ ସେମାନଙ୍କୁ ଜନସେବା କେନ୍ଦ୍ର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ମାନଙ୍କ ଦ୍ୱାରା ଘରେ ଘରେ ଜଣାଇ କାର୍ଡ ପହଞ୍ଚାଇବାର ବ୍ୟବସ୍ଥା କରାଇବେ ବୋଲି ନିଆଳୀ ବିଧାୟକ ଛବି ମଲ୍ଲିକ ଏବଂ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆଳୀର ସୁପରିଟେଣ୍ଡ ଏସ ନବିନ ଜଣାଇଛନ୍ତି।ସେହି ଭଳି କସର୍ଦା ରେ ହୋଇଥିବା କାର୍ଯ୍ୟକ୍ରମରେ କସର୍ଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ବିକ୍ରମ ସାହୁ,ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ,ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦ ସଭ୍ୟା ସୌଦାମିନି ମହାପାତ୍ର,ସାସଂଦଙ୍କ ପ୍ରତିନିଧି ଜ୍ୟୋତି ରଂଜନ ମହାନ୍ତି,କସର୍ଦା ସରପଞ୍ଚ ସୁରେଶ ପଟନାୟକ,ସିଠାଲୋ ସରପଞ୍ଚ କବିତା ମହାପାତ୍ର,ଏରଞ୍ଚ ସରପଞ୍ଚ ନିରଞ୍ଜନ ବେହେରା,ସିଠାଲୋ ମଣ୍ଡଳ ସଙ୍ଗଠକ ବୃଷକେତୁ ସାମଲ,କସର୍ଦା ସଂଗଠକ ଗଗନ ସାହୁ,ସମାଜସେବି ରଜନୀକାନ୍ତ ମହାପାତ୍ର, ଯୁବ ସଂଗଠକ ରାଜେଶ ମହାରଣାଙ୍କ ସମେତ ଆଶାଦିଦି, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ,ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସରୋଜ କୁମାର ସ୍ୱାଇଁ ସଂଯୋଜନା କରିଥିଲେ।

# ଗରିବ ପରିବାର କୁ ଥଇଥାନ କେବେ ?

## ଚକୁଳି ଫାର୍ମ ରେ ସରକାରଙ୍କ କଳା ଜରିପାଲ(ତାର ପୋଲିନ)ତଳେ ଦୁର୍ଦ୍ଦିନ ରେ ୨୬ ପରିବାର

ବରଗଡ଼ ୧୮/୪(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ତହସିଲ ଅନ୍ତର୍ଗତ ଗୋଡଭଗା ପଞ୍ଚାୟତ ଚକୁଳି ଫାର୍ମ ଛକ ଫାଇ ଓଭର ପୂର୍ବରୁ ୫୩ନଂ ମୁଖ୍ୟ ଜାତୀୟ ରାଜପଥ ସମ୍ବଲପୁର-ବରଗଡ଼ ୱେ ରେ ଅତାବିରା ତହସିଲ ସରକାର ଙ୍କ ଜରି ପାଳ ତଳେ ପିଲା ଠୁ ବୃଦ୍ଧବୃଦ୍ଧା ସମସ୍ତଙ୍କୁ ନେଇ ୨୬ ନୀରିହ ପରିବାର ଦୁର୍ଦ୍ଦିନ ରେ ଜୀବନ କାଳାତିପାତ କରୁଥିବା ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି।ପ୍ରକାଶ ଥାଉ କି ଗତ ମାର୍ଚ୍ଚ ୧ତାରିଖ ଦିନ ଅତାବିରା ତହସିଲ ସଦଳବଳେ ପୋଲିସ ଫୋର୍ସ ଧରି ଅତାବିରା ତହସିଲ ଅଧିନରେ ରହିଥିବା ସମ୍ବଲପୁର-ବରଗଡ଼ ୱେ ଚକୁଳି ଫାର୍ମ୍ ସର୍ଭିସ୍ ରାସ୍ତା କଡ଼ରେ ସରକାରୀ ଜାଗା କୁ ଉଚ୍ଛେଦ କରିବାକୁ ଯାଇ ଅଜା ଅମଳ ପାଖାପାଖି ୩ପିଢ଼ି ରୁ ଦୀର୍ଘ ବର୍ଷ ଦିନ ମଜୁରିଆ ଖଟିଖିଆ ଭାବେ ନିଜର ପରିବାର ପୋଷଣ କରି ଆସୁଥିବା ୨୬ ପରିବାର ଙ୍କୁ ବେନିୟମ ଭାବେ ପୋଲିସ ର ଭୟ ଦେଖାଇ ପୋଲିସ ବସ ଭିତରେ ପ୍ରତିବାଦ କାରୀ ଙ୍କୁ ଭରି ଦେଇ କାଲିର ଭବିଷ୍ୟତ ସ୍କୁଲ କଲେଜ ପିଲା ମାନଙ୍କ ପରୀକ୍ଷା ସମୟରେ ନିଜ ପେଟ କାଟି କରିଥିବା ଘର ଖଣ୍ଡିକ ଭାଙ୍ଗି ନୀରିହ ପରିବାର ଙ୍କୁ ବେସାହାରା କରି ଦେଇ ଏଯାବତ୍ ଥଇଥାନ ର ନାଁ ନେଉନାହିଁ ତହସିଲ ପ୍ରଶାସନ ବୋଲି ଲୋକେ କହନ୍ତି।ଏବେ ପୁଣି ପ୍ରଚଣ୍ଡ ରୌଦ୍ର ତାପରେ ଜନ ଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଛୋଟ ପିଲା ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ସହ ପଢୁଆ ପିଲା ଙ୍କ ଜୀବନ ଅନ୍ଧକାର ମଧ୍ୟ କୁ ଠେଲି ଦେଇ ଜମିପଟ୍ଟା ସହ ଘର ଘାଟ ତିଆରି କରି ସମସ୍ତ ବ୍ୟବସ୍ଥା ଯୋଗାଇ ଦେବାକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ତହସିଲ ଘେରିବା ପରେ ତହସିଲ ସରକାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ପ୍ରାୟ ଦେଢ଼ ମାସ ବିତି ଏଯାବତ୍ କିଞ୍ଚିତ ମାତ୍ର ଫଳପ୍ରଦ ହୋଇ ନଥିବା ଲୋକେ କହନ୍ତି।ଯାହା କେବଳ କଳା ଜରିପାଳ (ତାରପୋଲିନ)ତଳେ ସରକାର ଆମକୁ ମଝି ନଇରେ ଛାଡ଼ି ଦେଇଛନ୍ତି।ଛୋଟ ପିଲା ବୃଦ୍ଧବୃଦ୍ଧା ଙ୍କୁ ଧରି କୁଆଡେ ଯିବୁ କିଭଳି ବଞ୍ଚିବୁ ବୋଲି କୋହ ଭରା କଣ୍ଠରେ କହି ବାହୁନି କାନ୍ଦି ପକାନ୍ତି।ଗୋଟେ ପଟେ ଚାଷ ଜମି ଅନ୍ୟ ପଟେ ରାଜରାସ୍ତା,ଦିନ ବେଳା ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ସନ୍ଧ୍ୟା ହେଲେ ବିଷଧର ହିଂସ୍ର ଜନ୍ତୁ କୁକୁର,ସାପ କଟିଆ ଜରି ପାଳ ଝୁମ୍ପୁଡ଼ି ଭିତରକୁ ପଶି ଯାଇ ଉତ୍ପାତ ବୃଦ୍ଧି ଯୋଗୁଁ ଏଣେ ନିରାଶ୍ରିତ ତେଣେ ଅନ୍ନ କଷ୍ଟ ସାଙ୍ଗକୁ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧକାର ହେବା ସହ ବେସାହାରା ହୋଇ ଆଶ୍ରୟ ଖୋଜୁଥିବା ବେଳେ କେବଳ ସରକାର ଙ୍କ କଳା ଜରି ପାଳ ଭରସା ରେ ଜୀବନ କୁ ପାଣି ଛଡ଼ାଇ ବଞ୍ଚି ରହିଛୁ ସତ,ଦୁର୍ବଳ ଦେଖି ସରକାର ବଇରୀ କଲେ,ଜୋର୍ ଜବରଦସ୍ତି ଘର ଭାଙ୍ଗି ପିଲାଛୁଆ ଙ୍କୁ ବେସାହାରା









କଲେ।ହେଲେ ଦେଇଥିବା ପ୍ରତିଶ୍ରୁତି ତତେଣିକି ଥାଉ ବେସା ହାରା ପରିବାର କିଭଳି ବଞ୍ଚିବେ ଦୁଃଖ ବୁଝିବାକୁ କେହି ନ ଆସିଲେ।ପୂର୍ବ ସରକାର ଙ୍କ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଆସି ସମସ୍ତ ପରିବାରଙ୍କୁ ୫ଦିନର ଅଢ଼ିଆ ଓ ମଶାରୀ ଦେଇ ଦୁଃଖ ବୁଝି ଥିଲେ ଠିକ୍ ହେଲେ ନୂଆଁ ସରକାର ଡବଲ ଇଞ୍ଜିନ ସରକାର,ଲୋକଙ୍କ ସରକାର କହୁଥିବା ସରକାର ବିଧାୟକ ନିହାର ମହାନନ୍ଦ ନିକଟ ଅତୀତରେ ଏକ କାର୍ଯ୍ୟକ୍ରମରେ ଆମ ପାଲି ଆସିଲା ବେଳ କୁ ମୁହଁ ଫେରାଇ ଉଠି ଚାଲିଯିବା ସହ ଫୋନ୍ ମାଧ୍ୟମରେ ଯୋଗାଯୋଗ କଲେ କେବେ ଭୁବନେଶ୍ୱର ତ ଆଉ କେବେ କାମରେ ଅଛି ବୋଲି କହି ଫୋନ୍ କାଟି ଦେଇ ଥିବା ଲୋକେ କହନ୍ତି।ଯେଉଁଠି ସରକାର କାନ୍ଥ ବାଡ଼ ବେନର, ପୋଷ୍ଟର ସହ ଟିଭି ପରଦାରେ ସବୁ ବେଳେ ଭୂମି ହୀନ ଙ୍କୁ ଜମି ଦେଇ ପଟ୍ଟା ପ୍ରଦାନ କରି ପକ୍କା ଘର ଯୋଗାଇ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଧାରିତ ନିୟମ ରହିଥିଲେ ହେଁ କିଛି ଅବହେଳିତ ଅଧିକାରୀ ଙ୍କ ଦାୟୀତ୍ୱ ହିନତା ଯୋଗୁଁ ଆଜି ଗଣତନ୍ତ୍ର ଶାସନ ରେ ଲୋକଙ୍କୁ ମୌଳିକ ସୁବିଧାରୁ ବଂଚିତ ରଖି ପରାଧୀନତା ର ପରିଚୟ ସୃଷ୍ଟି କରିଛି ଅତାବିରା ତହସିଲ।ଯାହା ମାର୍ଚ୍ଚ ୧ତାରିଖ ଦିନ ବିଦ୍ୟୁତ୍ ବିଛିନ୍ନ କରା ନଯାଇ ଅତି ତରବରିଆ ଭାବେ ସତେ ଯେମିତି କେଉଁ ଗୋଟେ ବଡ ସରକାରୀ କାର୍ଯ୍ୟ ହେବା ଭଳିଆ ଅତାବିରା ତସସିଲ ସଦଳବଳେ ଛୋଟ ରୁ ବଡ ଅଧିକାରୀ ଓ ପୋଲିସ ଫୋର୍ସ ନେଇ ପୂର୍ବରୁ ନୀରିହ ପରିବାର ମାନଙ୍କ ଥଇଥାନ ର ବ୍ୟବସ୍ଥା ନକରି ଜୋର୍ ଜବର ଦସ୍ତ ଘର ଭାଙ୍ଗି ଦିଆ ଯାଇଥିଲା ସତ,କିନ୍ତୁ ତହସିଲ ଘେରାଉ ସମୟରେ ପ୍ରଶାସନ ଜିଲ୍ଲା ରୁ ବ୍ଲକ୍,ବ୍ଲକ୍ ରୁ ପଞ୍ଚାୟତ ସବୁଠି ଅସଫଳ ହୋଇ ପ୍ରଶାସନ ନାକେଦମ ହୋଇ ପଡ଼ିଥିଲା।ଶେଷରେ ନୀରିହ ପରିବାର ଙ୍କୁ କେବଳ କଳା ଜରି ପାଳ(ତାରପୋଲିନ) ଦେଇ ଅତିଶିଗ୍ର ଥଇଥାନ କରିବା ପାଇଁ କହି ଠକି ଚାଲି ଯାଇଥିବା ଲୋକେ କହନ୍ତି।ସମସ୍ତ ମୌଳିକ ସୁବିଧା ଯୋଗାଇ ଥଇଥାନ କରା ନଯାଏ ତେବେ ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ଅବା ଅଘଟଣ ପାଇଁ ତହସିଲ ସରକାର ଦାୟୀ ରହିବେ ବୋଲି କହି ଶୀଘ୍ର ବିପଦ ରୁ ଉଦ୍ଧାର କରିବା ପାଇଁ ନେହୁରା ହୋଇଛନ୍ତି।

## ବାଡାବାଙ୍ଗା ସେବାଶ୍ରମରେ ମହୁମାଛି ଆତଙ୍କ : ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ



ବାଲିଗୁଡା ୧୮/୪(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ସେବାଶ୍ରମରେ ମଙ୍ଗଳବାର ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ବୁଧବାର ମଧ୍ୟ ସେଠାରେ ପ୍ରାୟ ପଚାଶରୁ ଷାଠିଏ ମହୁମାଛି ଘୁରି ବୁଲୁଛନ୍ତି। ଫଳରେ ଭୟ ଓ ଆତଙ୍କିତ ଅବସ୍ଥାରେ ଛାତ୍ରୀଛାତ୍ର, ଶିକ୍ଷକ ରହିଛନ୍ତି। ସେବାଶ୍ରମରେ ପିଲାଙ୍କୁ ଛାଡ଼ିଥିବା ଅଭିଭାବକ ମାନେ ମଧ୍ୟ ଭୟ କରୁଛନ୍ତି। ବୁଧବାର ସକାଳୁଆ ବିଦ୍ୟାଳୟ ସ୍ୱାଭାବିକ ଭାବେ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରାମବାସୀ, ପରିଚାଳନା କମିଟିର ସହାୟତାରେ ମହୁମାଛି ବସା ବାନ୍ଧିଥିବା ବସାକୁ ପୋଡି ଦିଆଯାଇଥିଲା। କିନ୍ତୁ ବୁଧବାର ପୁଣି ନିକଟସ୍ଥ ଜଙ୍ଗଲରୁ ମହୁମାଛି ସେହି ସ୍ଥାନରେ ଆସି ନୂଆ ବସା ତିଆରି କରୁଛନ୍ତି। ସକାଳୁ ମଧ୍ୟ ଜଣେ ବିଦ୍ୟାର୍ଥୀଙ୍କୁ ମହୁମାଛି ଆକ୍ରମଣ କରିଛି। ତାକୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପ୍ରଧାନ ଶିକ୍ଷକ ନେଇଥିବା ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ମହାନାୟକ କହିଛନ୍ତି। କାଲି ଯେଉଁ ପିଲାଙ୍କୁ ମହୁମାଛି ଆକ୍ରମଣ କରିଥିଲା ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଆଜି ସକାଳୁଆ ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ ଥିଲା ଓ ଆହତ, ଗୁରୁତର ଛାତ୍ରୀଛାତ୍ରମାନେ ପାଠ ପଢିଥିଲେ। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ସେବାଶ୍ରମ ପରିଦର୍ଶନରେ ଯାଇଥିଲେ। ସେଠାରେ ପୁଣି ମହୁମାଛି ବୁଲୁଥିବା ଦେଖି ବିଡ଼ିଓଙ୍କୁ ଜଣାଇଥିଲେ। ବିଡ଼ିଓ ଶ୍ରୀ ରଥ କୌଣସି ଉପାୟ ନପାଇ ଏହାର ସ୍ଥାୟୀ ସମାଧାନ ପାଇଁ ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ଏବଂ ବାଲିଗୁଡା ଡିଏଫଓଙ୍କୁ ଚିଠି ଲେଖିଛନ୍ତି। ସେବାଶ୍ରମ ପରିସରରୁ ମହୁମାଛିଙ୍କୁ ହଟାଇବା ସହ ନିକଟସ୍ଥ ଜଙ୍ଗଲରେ ଥିବା ମହୁମାଛି ବସାକୁ ନଷ୍ଟ କରି ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାକୁ ସେ ଚିଠିରେ ଜଣାଇଛନ୍ତି। ସେବାଶ୍ରମରେ ପାଠ ପଢିବାକୁ ଛାଡ଼ିଥିବା ଅଭିଭାବକମାନେ ତାଙ୍କ ପିଲାମାନେ କିଭଳି ପରିସ୍ଥିତିରେ ଅଛନ୍ତି, ସେମାନେ ଜାଣିବା ପାଇଁ ସେବାଶ୍ରମକୁ ବୁଲି ଆସି ନିଜ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଥିବା ଜଣାପଡିଛି ।

## ଦେଉକୁଣ୍ଡି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୟୂରଭଞ୍ଜ ୧୮/୪(ନି.ପ୍ର): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ଦେଉକୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରଣଜିତ କୁମାର ତନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ନିରଞ୍ଜନ ଗୋପ(ସିଆରସିସି),ସମ୍ମାନୀୟ ଅତିଥି ବିଦ୍ୟାଳୟ କମିଟୀ ଅଧ୍ୟକ୍ଷ କୁସନୁ ହାଁସଦାଃ ପ୍ରମୁଖ ଯୋଦ ଦେଇଥିଲେ ।ମୁଖ୍ୟ ଅତିଥି ନିରଞ୍ଜନ ଗୋପ ଓ ପ୍ର.ଶି ରଣଜିତ୍ ସାର୍ ବକ୍ତବ୍ୟ ରଖିଥିଲେ ଯେ ମନୁଷ୍ୟର ଆଚରଣ ଓ ବ୍ୟବହାର ତା'ର ଅହଂଭାବ (ମୁଁ ଭାବ ) ଅନୁସାରେ ହେବା ଉଚିତ। ଅର୍ଥାତ୍ ବିଦ୍ୟାର୍ଥୀ ମନରେ ମୁଖ୍ୟରୂପେ ଏହି ଭାବ ରହିବା ଆବଶ୍ୟକ ଯେ 'ମୁଁ ଜଣେ ବିଦ୍ୟାର୍ଥୀ, ଏଣୁ ବିଦ୍ୟା ଅଧ୍ୟୟନ କରିବା ହିଁ ମୋର କର୍ତ୍ତବ୍ୟ; ଅନ୍ୟ କୌଣସି କାମ ମୋ ପାଇଁ ଠିକ୍ ନୁହେଁ ।' ଶରୀର ନିର୍ବାହ ପାଇଁ ଖାଇବା ପିଇବା ଭଳି କାମ ମଧ୍ୟ କେବଳ ବିଦ୍ୟା ଅଧ୍ୟୟନ ରୂପରେ ଅର୍ଥାତ୍ ବିଦ୍ୟାରେ – ନିମଜ୍ଜିତ ରହି କରିବା ଉଚିତ । ଗୋଟିଏ ହେଲେ ମୁହୂର୍ତ୍ତ ବିଦ୍ୟା ଅଧ୍ୟୟନ ବିନା ଅକାରଣରେ ନଷ୍ଟ ହେବା ଉଚିତ ନୁହେଁ।ବିଦ୍ୟାର୍ଥୀକୁ ବସିବା, ଉଠିବା, ଖାଇବା ପିଇବା, ଶୋଇବା, ଚେଇଁବା ପ୍ରତ୍ୟେକ ମୁହୂର୍ତ୍ତରେ ବିଦ୍ୟା ପରାୟଣ ରହିବା ବାଞ୍ଛନୀୟ ।ବିଦ୍ୟାର୍ଥୀ ପାଇଁ ସଂଯମର ବହୁତ ଆବଶ୍ୟକ ?ତା ରହିଛି ।ଶିକ୍ଷକ ହରିହର ପାତ୍ର,ପୂର୍ଣ୍ଣ ଚନ୍ଦ୍ର ନାଏକ,ଜିତେନ ମୁର୍ମୁ,ଅରୁଣ ଉଦୟ ଗିରି,ରାକେଶ ବଦ୍ରା,ଶଶାଙ୍କ ପରାମାଣିକ,କାହ୍ନୁ ଚରଣ ଜେନା ,ଜଗନ୍ନାଥ ବାଗେ,ମନୋଜ ବାରିକ୍,ବୁଢ଼ାନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।ବିଦ୍ୟାଳୟ ସ୍ତରୀୟ ଆମ ସଂସ୍କୃତି ଆମ ଖେଳନା ଉତ୍ସବ ୨୦୨୫ ସଫଳ ହୋଇଥିବା ମୋଟ ୨୦ଜଣ ବିଦ୍ୟାର୍ଥୀ ଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ ।

## ମାହାଙ୍ଗା ବିଧାୟକ ଶାରଦାଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ଼ ବିତରଣ





ନିଶ୍ଚିନ୍ତକୋଇଲି / ମାହାଙ୍ଗା ୧୮/୪(ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆସୁଥିବା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନାର ଏକକ କାର୍ଡ଼ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ପ୍ରଥମେ ନଗସପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ହିତାଧିକାରୀମାନଙ୍କୁ ଏହି ନୂତନ ସ୍ୱାସ୍ଥ୍ୟ କାର୍ଡ଼ ବିଷୟରେ ସୂଚନା ଦେବା ସହ ହିତାଧିକାରୀମାନଙ୍କୁ ନୂତନ କାର୍ଡ଼ ବିତରଣ କରିଥିଲେ । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା. ଅମିତ୍ କୁମାର ଜେନା ଉପସ୍ଥିତ ରହି ଏହି ଯୋଜନା ବିଷୟରେ ସାଧାରଣ ଜନତାଙ୍କୁ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଂଚଳର ନିର୍ବାଚିତ ଜନପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ,ଆଶା କର୍ମୀ,ଜନସେବା କେନ୍ଦ୍ର ପରିଚାଳକ,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ପରେ ପରେ ବିଧାୟକ ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଠାରେ ପହଞ୍ଚି ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ଅବସରରେ ବିଧାୟକ ହିତାଧିକାରୀ ମାନଙ୍କୁ କାର୍ଡ଼ ବିତରଣ କରିଥିଲେ । ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୨ଗୋଟି ସ୍ଥାନରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ରମ କରାଯାଇ ଏହି କାର୍ଡ଼ ବିତରଣ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି କାର୍ଡ଼ ଦ୍ୱାରା ଉପକୃତ ହେବାକୁ ଯାଉଥିବାରୁ ମାହାଙ୍ଗା ବିଧାୟକ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଂଜିନର ବିଜେପି ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜାମଦା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ମୟୂରଭଞ୍ଜ ୧୮/୪(ନି.ପ୍ର): ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଜାମଦା କଂଗ୍ରେସ ପକ୍ଷରୁ ସନ୍ଧ୍ୟା ସମୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଏହି ଯାତ୍ରା ଜାମଦା ଆମ୍ବତୋଟା ରୁ ବାହାରି ଜାମଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ ପର୍ଯ୍ୟନ୍ତ ପହଞ୍ଚିଥିଲେ ।ଜାମଦା କଂଗ୍ରେସ ସଭାପତି ସନ୍ତୋଷ ନନ୍ଦ,ଉପସଭାପତି ମାନସିଂହ ସୋରେନ, ପର୍ଯ୍ୟବେକ୍ଷକ ହେଲେନା ବାଗେ ଓ ଜାମଦା ବ୍ଲକ ସମସ୍ତ ଗ୍ରାମ ପଞ୍ଚାୟତର କଂଗ୍ରେସ କର୍ମଚାରୀ ମଶାଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।



## ପୋଲିସ ପାଟ୍ରୋଲିଂ ବେଳେ ୧୪ ବସ୍ତା ଗଞ୍ଜେଇ ଜବତ: ମାଫିଆ ଚମ୍ପଟ

ବାଲିଗୁଡା ୧୮/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ସିର୍ତ୍ତିଗୁଡା ପଞ୍ଚାୟତର ଜଙ୍ଗିଁଆ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚିଥିଲା। ତେବେ ପୋଲିସ ଗାଡି ଆସୁଥିବା ଜାଣି ଚାଲାଣକାରୀ ଚମ୍ପଟ ମାରିଥିବା ବେଳେ ରାସ୍ତା କଡ଼ରେ ଗଞ୍ଜେଇ ଭର୍ତ୍ତି ୧୪ ବସ୍ତା ଜବତ ହୋଇଥିବା ସୂଚନା ମିଳିଛି। ପୋଲିସ ସୂଚନା ଅନୁସାରେ ଉକ୍ତ ରାସ୍ତା ପାର୍ଶ୍ୱରେ ଗଞ୍ଜେଇ ଚାଲାଣ କରିବା ପାଇଁ ଚାଲାଣକାରୀ ଅପେକ୍ଷା କରିଥିବା ବେଳେ ପୋଲିସ ଗାଡ଼ିକୁ ଦେଖି ଆସାମୀ ମାନେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ପୋଲିସ ପେଟ୍ରୋଲିଂ ପାର୍ଟିରେ ଥିବା ଥାନା ଓଆଇସି ଅଶୋକ କୁମାର ତ୍ରିପାଠୀ ଓ ଦମୟନ୍ତୀ ବେହେରା, ଏଏସଆଇ ଉମାଶଙ୍କର ପେଡେଣ୍ଟି ଓ ସୁରେନ୍ଦ୍ର ରାଜହଂସଙ୍କ ସହିତ ପୋଲିସ କର୍ମଚାରୀ ଙ୍କ ସହ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ତହସିଲଦାର ଆନନ୍ଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଉକ୍ତ ଅଖାରେ ଥିବା ୩୫୭ କେଜି ଗଞ୍ଜେଇ ଜବତ କରିଥିଲେ।ଏ ସକ୍ରାନ୍ତରେ ଥାନା କେସ ନଂ ୬୭/୨୫ ରେ ଏକ ଏନଡିପିଏସ ମାମଲା ରୁଜୁ କରି ଆସାମୀ ମାନଙ୍କୁ ଧରିବା ପାଇଁ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଛନ୍ତି।

## ଜାମଦା ବିଜେପିର ବନ୍ଧୁମିଳନ;ଭାରତ ସରକାରଙ୍କର ଯୋଜନା ଉପରେ ଗୁରୁତ୍ୱାରୋପ



ମୟୂରଭଞ୍ଜ ୧୮/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହରିଲାବେଡାଠାରେ ବିଜେପି ପକ୍ଷରୁ ଜାମଦା ମଣ୍ଡଳ ଓ ପାସନା ମଣ୍ଡଳର କର୍ମଚାରୀମାନଙ୍କର ଏକ ଗୁରୁତ୍ୱ ବୈଠକ ସହ ବନ୍ଧୁ ମିଳନ କିଶାରାମ ବିରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୁ ଗୋପାଲ ଗୋପ୍ ଙ୍କୁ ପୁଷ୍ପମାଳା ପ୍ରଦାନ କରି ପାଛୋଟି ଆଣିଥିଲେ ।ବିଜୁ ଗୋପାଲ ଗୋପ୍ ବୈଠକରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଯୋଜନା, ଜନକଲ୍ୟାଣ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଦଳକୁ ତୃଣମୂଳ ସ୍ତରରୁ ସୁସଙ୍ଗଠିତ କରିବା, ସଂଗଠନ ପାଇଁ କଠିନ ପରିଶ୍ରମ ଦାନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଓ ଆହ୍ୱାନ ଦେଇଥିଲେ ।ଜାମଦା ବ୍ଲକ ଏହି ଦୁଇ ମଣ୍ଡଳର ବିଜେପି କର୍ମୀ ଅଜିତ୍ ବାରିକ୍,ଭୀମ ଚରଣ ପୂର୍ତ୍ତୀ,ସାମନ୍ତ ଚନ୍ଦ୍ର ଗିରି,ହରିଶ ନନ୍ଦ,ଗହ୍ନା ମୁର୍ମୁ,ଏମ୍ଡି ଆକବର,ଲକ୍ଷ୍ମଣ ମାର୍ଣ୍ଡି,ଅସିତ ମଣ୍ଡଳ,କାଳାଚାନ୍ଦ ପାତେରୀ,ରାମଚନ୍ଦ୍ର,ସୁବାଷ ବରାଳ,ରଂଜନ ବରାଳ,ଭବାନୀ ବେହେରା,ଦୁଃଖିଶ୍ୟାମ ହେମ୍ବ୍ରମ,କକେ ତିରିଆ ପ୍ରମୁଖ ବନ୍ଧୁମିଳନରେ ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିବା ପୂର୍ବକ ସମସ୍ୟା କିପରି ଦୂର ହେବ ସେ ବିଷୟରେ ଆଲୋଚନା କରିଥିଲେ ।

# ଋଣଗ୍ରହିତାଙ୍କ ଉପରେ ଏସବିଆଇ ର ଜୁଲମ

## କୋରଖିକୁ ଗ୍ରାମବାସୀ ଙ୍କ ବିରୋଧ, ଏସବିଆଇର ମନମାନି କୁ ନେଇ ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା



ଜଗତସିଂହପୁର ତା ୧୮/୪(ନୀପ୍ର) ଜଗତସିଂହପୁର ଜିଲାର ରଘୁନାଥପୁର ବ୍ଲକ କୁଆମଙ୍ଗା ଗ୍ରାମର ମୋବିନ ବେଗମ (୭୦)ଙ୍କ ବାସଗୃହକୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରଘୁନାଥପୁର ଶାଖା ପକ୍ଷରୁ ଗୁରୁବାର କୋରଖି ଅଭିଯାନକୁ ଗ୍ରାମବାସୀ ଓ ଅଞ୍ଚଳ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଏହାକୁ ପ୍ରତିରୋଧ କରିବା ପାଇଁ ଶହଶହ ଜନସାଧାରଣ ରୁଣ୍ଡ ହୋଇଥିଲେ। ଜଣେ ଗରିବ ମହିଳାଙ୍କ ପ୍ରତି ବ୍ୟାଙ୍କର ମନମାନୀ ଓ ଜୁଲମକୁ ବିରୋଧ କରାଯାଇଛି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଏହି ଘଟଣାର ମାନ୍ୟବର ଅଦାଲତରେ ମାମଲାର ଚାଲୁ ରହିଥିବା ବେଳେ ବ୍ୟାଙ୍କର ଏଭଳି କାର୍ଯ୍ୟକଳାପ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମୋବିନଙ୍କ ପୁଅ ଜାହାଙ୍ଗୀର ବେଗ୍ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି,୨୦୧୮ ମସିହାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମୋବିନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ରଘୁନାଥପୁର ଶାଖାରୁ ମଇଁଷୀ ଫାର୍ମ ପାଇଁ ୨୫ଲକ୍ଷ ଟଙ୍କା ଋଣ କରିଥିଲେ। ଏହି ଋଣ ବ୍ୟାଙ୍କ ପକ୍ଷରୁ ବିଳମ୍ବରେ ୨୦୨୦ମସିହାରେ ମଞ୍ଜୁର କରାଯାଇଥିଲା।ତେବେ ୨୦୧୮ ମସିହାରେ ଫାର୍ମ ପାଇଁ ଯେଉଁ ବେୟ ଅଟକଳ କରାଯାଇଥିଲା ୨୦୨୦ ମସିହାରେ ଋଣ ମିଳିଲା ବେଳକୁ ବଜାର ଦର ବଢିବାରୁ ତାହା ଅଧିକ ଖର୍ଚ୍ଚ ବଢିଯାଇଥିଲା। ଯାହାଫଳରେ ଫାର୍ମଟିକୁ ସଂପୂର୍ଣ୍ଣ କରିବା ପାଇଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇ ଯାଇଥିବା ବେଳେ ମଇଁଷୀ କିଣିବାକୁ ହିତାଧିକାରୀଙ୍କ ନିକଟରେ ଆଉ କୌଣସି ଅର୍ଥ ନଥିଲା।ବାଧ୍ୟ ହୋଇ ହିତାଧିକାରୀ ହାତ ଉଧାରୀ କରି ବହୁ କଷ୍ଟରେ ଫାର୍ମ ଟିକୁ ଚଳାଇ ୩୦ମାସ ଧରି ବ୍ୟାଙ୍କ କିସ୍ତି ଶୁଝି ଚାଲିଥିଲେ। ହେଲେ ତାଙ୍କୁ ବ୍ୟାଙ୍କ ପକ୍ଷରୁ କୌଣସି ସବସିଡ ବା ସହାନୁଭୂତି ମିଳି ପାରି ନଥିଲା।ଏହି ଯୋଜନାରେ ତାଙ୍କର ମାତ୍ରାଧିକ କ୍ଷତି ହେଉଥିବାରୁ ବ୍ୟାଙ୍କ ସହିତ ଆପୋଷ ବୁଝାମଣାରେ ଏକକାଳୀନ ଲୋନ ସୁଝିବା ପାଇଁ ଗତ୨୦୨୨ମସିହାରେ ସେ ବ୍ୟାଙ୍କରେ ଏକ ଲିଖିତ ଆବେଦନ କରିଥିଲେ। କିନ୍ତୁ ବ୍ୟାଙ୍କ ସେଥିରେ ଏକମତ ନହୋଇ କିସ୍ତି ଖିଲାପର ସୁଯୋଗ ନେଇ ହିତାଧିକାରୀ ଉପରେ ଏନପିଆଇ କେସ କରିବା ସହିତ ୩୩ଲକ୍ଷ ଟଙ୍କା ଭରଣା ନକଲେ ଲୋନ୍ ପାଇଁ ବନ୍ଧକ ଥିବା ଘରବାରି ଓ ଫାର୍ମହାଉସକୁ ସିଜ୍ କରାଯିବାପାଇଁ ଚଞ୍ଚକତା ପୂର୍ବକ ଅଦାଲତ ଜରିଆରେ ନୋଟିସ କରିଥିଲେ ଏବଂ ହିତାଧିକାରୀଙ୍କୁ ଏହାର ସମାଧାନ ପାଇଁ କୌଣସି ସୁଯୋଗ ଦେଇ ନଥିଲେ। ଏବଂ ଗୁରୁବାର ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ତାଙ୍କ ବାସଗୃହ ଓ ଫାର୍ମହାଉସକୁ ସିଜ୍ କରାଯିବା ସମୟରେ ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ଓ ଅଞ୍ଚଳ ପକ୍ଷରୁ ବିରୋଧ କରା ଯାଇଥିଲା।ଅପରପକ୍ଷରେ ବ୍ୟାଙ୍କର ଏଭଳି ଜୁଲମକୁ ନେଇ ରଘୁନାଥପୁର ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ଦେଖାଦେଇଛି।

## ସ୍ୱାମୀ ର ଦ୍ୱିତୀୟ ବିବାହ କୁ ବିରୋଧ କରି ଆମରଣ ଅନଶନ



ଆଠମଲ୍ଲିକ ୧୮/୪(ନି.ପ୍ର): ଆଠମଲ୍ଲିକ ଥାନା ଢ଼େବେରା ପାଲି ଗ୍ରାମ ର ସୁଭଦ୍ରା ବେହେରା ନାମକ ଜଣେ ମହିଳା ତାଙ୍କର ସ୍ୱାମୀ ଙ୍କର ଦ୍ୱିତୀୟ ବିବାହ କୁ ବିରୋଧ କରି ଉପଜିଲ୍ଲାପଳ ଙ୍କ କାର୍ଯ୍ୟାଳୟ ସମୁଖରେ ଆମରଣ ଅନଶନ ରେ ବସିଥିବା ଜଣାପଡିଛି, ଅନଶନ କାରିଣୀ ମହିଳା ଙ୍କ ବୟାନ ଅନୁଯାଇ, ଆଠମଲ୍ଲିକ ଥାନା ନାରାୟଣପୁର ଗ୍ରାମ ର ସୁଭଦ୍ରା ଆଜକୁ ୬ବର୍ଷ ତଳେ ଆଠମଲ୍ଲିକ ଥାନା ଢ଼େବେରାପାଲି ଗ୍ରାମ ର ସଂଜିତ ମହାକୁଡ଼ ଙ୍କୁ ବୈଦିକରୀତି ଅନୁଯାଇ ବିବାହ କରିଥିଲେ। ବିବାହର କିଛି ମାସ ପରେ ଉଭୟ ସ୍ୱାମୀ, ସ୍ତ୍ରୀ ଙ୍କ ମଧ୍ୟ ରେ ମନମାଳିନ୍ୟ ଘଟି କଥା ଥାନା କୁ ଯାଇଥିଲା। ଯାହାକି ଯୌତୁକ ଜନିତ ବୋଲି ଜଣାଯାଏ। ସେହି ଦିନଠାରୁ ସୁଭଦ୍ରା ତାଙ୍କବାପଘରେ ରହିଆସୁ ଥିବାବେଳେ ତାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ଖବରପାଇ ସୁଭଦ୍ରା ଗତ ଜାନୁଆରୀ ୧୮ତାରିଖ ରେ ଥାନା ରେ ଅଭିଯୋଗ କରି ନ୍ୟାୟ ପାଇଁ ପ୍ରଶାସନ ର ଦ୍ୱାରସ୍ତ ହୋଇଥିଲେ।ମାତ୍ର ପ୍ରଶାସନ ତରଫରୁ ଏହାଉପରେ କୌଣସି ପଦକ୍ଷେପ ନ ନିଆଯିବାରୁ ସୁଭଦ୍ରା ନ୍ୟାୟ ପାଇବା ଆସାରେ ଉପ ଜିଲ୍ଲାପାଳ ଙ୍କ ଅଫିସ ସମୁଖରେ ଆମରଣ ଅନଶନ ରେ ବସିଛନ୍ତି।

## ସଂପାଦକୀୟ

# ‘ଘିବ୍‌ଲି’ର ଦୁନିଆ

ସମସାମୟିକ ଧାରାରେ ନିଜକୁ ଅଂଶୀଦାର କରିବାର ମାନସିକତା(ଟ୍ରେଣ୍ଡି) ବିଶ୍ୱ, ପରିବେଶ, ସର୍ବୋପରି ମାନବ ସଭ୍ୟତାକୁ ତା’ର ଅଜ୍ଞାତସାରରେ ବିଲୟର କେଉଁ ଦିଗକୁ ଟାଣି ନେଇ ଚାଲିଛି ତାହା ବୋଧହୁଏ କ୍ଷଣେ ଚିନ୍ତା କରିବା ପାଇଁ ଆମ ପାଖରେ ସମୟ ନାହିଁ। ପ୍ରତିଦିନ ପ୍ରତିକ୍ଷଣରେ କତିପୟ ବ୍ୟକ୍ତି/ଅନୁଷ୍ଠାନ/ସଂସ୍ଥା ଦ୍ୱାରା ନୂଆ ନୂଆ ଉଦ୍‌ଭାବନ ଅବଶିଷ୍ଟ ବିଶ୍ୱର ମଣିଷ ମନରେ ଯେଉଁ ‘ମାନିଆ’(ଅତିଶୟ ଆଗ୍ରହ) ରୂପକ ଭସ୍ମାସୁରଟିମାନଙ୍କୁ ଜନ୍ମ ଦେଇଚାଲିଛି ତାହାର ପରାଭବ ଜାଣି ମଧ୍ୟ ଆମେ ସମସ୍ତେ ସତେଯେମିତି ମୋହାଗ୍ରସ୍ତ ହୋଇପଡ଼ିଛୁ। ସମ୍ପ୍ରତି ‘ଘିବ୍‌ଲି ଇମେଜ୍(ମତାନ୍ତରରେ ଜିବ୍‌ଲି)’ ଭଳି ସେହିଭଳି ଏକ ‘ମାନିଆ’ ଦ୍ୱାରା ଆମ ଭିତରୁ ଅଧିକାଂଶ ଆକ୍ରାନ୍ତ ହୋଇଚାଲିଛୁ, ଯେଉଁଠାରେ ନିଜକୁ ଏକ କାର୍ଟୁନ୍(କଣ୍ଢେଇ) ଭାବେ ଦେଖିବା ପାଇଁ ଆମର ବ୍ୟଗ୍ରତା ବଢ଼ିଚାଲିଛି। ନିଜକୁ ଭିନ୍ନ ଭିନ୍ନ ରୂପରେ ଦେଖିବାର ଅତ୍ୟାଗ୍ରହ ମଣିଷର ଆଦିମ କାଳରୁ ରହିଆସିଛି। ବିବର୍ତ୍ତନରେ ଏହା ଅଧିକ ଶାଣିତ ହୋଇଛି ଏବଂ ବୈଜ୍ଞାନିକ ଜ୍ଞାନକୌଶଳକୁ ଉପଯୋଗ କରୁଛି। ଏଥିରେ ଅସ୍ୱାଭାବିକତା ନାହିଁ। କିନ୍ତୁ ଏଥିରେ ଯେଉଁ ବିପଦ ଆଶଙ୍କାଟି ଲୁଚି ରହିଛି ସେ ପ୍ରସଙ୍ଗରେ ଆମ ଅଜ୍ଞତା ତୁଳନାରେ ଉଦାସୀନତା ହିଁ ଉଦ୍‌ବେଗଜନକ।

ଜାପାନ୍ ଚିତ୍ରକର/ଫଟୋଗ୍ରାଫର ହାୟାଓ ମିୟାଜାକିଙ୍କ ମାନସସନ୍ତାନ କୁହାଯାଉଥିବା ଜାପାନ୍‌ର ଖ୍ୟାତନାମା ଆନିମେସନ୍ ଲାବ୍ ‘ଘିବ୍‌ଲି ଷ୍ଟୁଡିଓ’ର ନାମକୁ ବ୍ୟବହାର କରି ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିକାଶ ସଂସ୍ଥା ଓପନ୍‌ଏଆଇର ଚାଟ୍‌ଜିପିଟି ଯେତେବେଳେ ‘ଘିବଲି ଇମେଜ୍’ ସଫ୍ଟୱେରଟିକୁ ବିକଶିତ କଲା ସେତେବେଳେ ବୋଧହୁଏ ଚିନ୍ତା କରିନଥିଲା ଯେ ତାହା ଏତେ ଶୀଘ୍ର ବିଶ୍ୱର ବିଶାଳ ଅଞ୍ଚଳକୁ ନିଜ ହାତମୁଠାକୁ ନେଇଯିବ। ନିଜ ଚେହେରାକୁ କଣ୍ଢେଇ(ଘିବ୍‌ଲି ଇମେଜ୍) ଭାବରେ ଦେଖି କ୍ଷଣିକ ଆନନ୍ଦ ଲାଭର ମୋହାଗ୍ରସ୍ତମାନେ ପ୍ରତିଦିନ ଏତେ ବିପୁଳ ସଂଖ୍ୟାରେ ଫଟୋ ଅପ୍‌ଲୋଡ୍ କରିଚାଲିଛନ୍ତି ଯେ ତାହା ଚାଟ୍‌ଜିପିଟି ପାଇଁ ମଧ୍ୟ ଶକ୍ତି ଓ ସମ୍ବଳ ସଙ୍କଟ ସମସ୍ୟା ସୃଷ୍ଟି କରିସାରିଲାଣି। ଏହି ଅତ୍ୟାଗ୍ରହ ଏଭଳି ସ୍ତରକୁ ଚାଲିଗଲାଣି ଯେ ଲୋକମାନେ ନିଜ ଫଟୋ ସହିତ ପରଲୋକଗତ ଆତ୍ମୀୟ, ଏପରିକି ପୋଷ୍ୟଜନ୍ତୁଙ୍କ ଫଟୋ ଅପ୍‌ଲୋଡ୍ କରିବାରେ ପ୍ରତିଯୋଗିତା ଆରମ୍ଭ କରିସାରିଛନ୍ତି। ଏଣୁ ଦୈନିକ ଜଣକ ପିଛା ମାତ୍ର ତିନିଟି ଫଟୋ ଅପ୍‌ଲୋଡ୍ କରିବାର ସୀମା ଚାଟ୍‌ଜିପିଟି ନିର୍ଦ୍ଧାରଣ କରିବାକୁ ବାଧ୍ୟ ହୋଇଛି।

ଟ୍ରେଣ୍ଡି ମାନିଆର ଏହି ନୂତନ ସଂସ୍କରଣଟି ଏତେ ଉଦ୍‌ବେଗଜନକ ହୋଇ ନ ଥା’ନ୍ତା ଯଦି ବିଶେଷଜ୍ଞମାନେ ଏଥିସହିତ ଜଡ଼ିତ ବିପଦ ଆଶଙ୍କା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ନ ଥା’ନ୍ତେ। ଆମମାନଙ୍କ ମଧ୍ୟରୁ ଅନୁଭବୀମାନେ ବୋଧହୁଏ ଜାଣିସାରିଥିବେ ଯେ ଆମର ‘ଘିବ୍‌ଲି ଇମେଜ୍’ ପାଇଁ ଉଦ୍ଦିଷ୍ଟ ସାଇଟ୍‌ରେ ଆମ ଫଟୋଟିଏ ଅପ୍‌ଲୋଡ୍ କରିଦେବା ମାତ୍ରେ ଏଆଇ ଆପେ ଆପେ ଆମ ଇମେଲ୍ ଆଇଡିଟିକୁ ଖୋଜି ଆମ ସାମ୍ନାରେ ଉପସ୍ଥାପନ କରୁଛି ଏବଂ ତାହାକୁ ବ୍ୟବହାର କରିବାର ଅନୁମତି ମାଗୁଛି। ଆଜିର ଏଇଆଇ ଯୁଗରେ ଗୋପନୀୟତା ଓ ତଥ୍ୟ ସୁରକ୍ଷା ସବୁଠାରୁ ବଡ଼ ଆହ୍ୱାନ ପାଲଟିଥିବା ବେଳେ ଆମେ ନିଜକୁ ନିଜେ ଏଆଇ ଆଗରେ ଆମର ସମସ୍ତ ଗୋପନୀୟ ତଥ୍ୟ ସହିତ ଆତ୍ମସମର୍ପଣ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଓପନ୍ ଏଆଇର ଚାଟ୍‌ଜିପିଟି ସ୍ପଷ୍ଟ ଘୋଷଣା କରିସାରିଛି ଯେ ସଂସ୍ଥାର କର୍ମଚାରୀ/ଇଞ୍ଜିନିୟରମାନଙ୍କ ତାଲିମ୍ ପାଇଁ ଅପ୍‌ଲୋଡ୍ ହେଉଥିବା ଫଟୋସବୁକୁ ସେ ବ୍ୟବହାର କରିପାରିବ। ଏଥିସହିତ ସଂସ୍ଥା ଆହୁରି ମଧ୍ୟ ସ୍ପଷ୍ଟ କରିଛି ଯେ ‘ଯେହେତୁ ଚାଟ୍‌ଜିପିଟି ବ୍ୟବହାରକାରୀମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଫଟୋ ଓ ତଥ୍ୟ ଅପ୍‌ଲୋଡ୍ କରୁଛନ୍ତି ତେଣୁ ଏ କ୍ଷେତ୍ରରେ ତଥ୍ୟ ଗୋପନୀୟତା ନିୟମ ମାନିବା ପାଇଁ ସଂସ୍ଥା ବାଧ୍ୟ ନୁହେଁ। ଯଦି ବ୍ୟବହାରକାରୀମାନେ ତଥ୍ୟ ଗୋପନୀୟତା ପାଇଁ ଏତେ ସମ୍ବେଦନଶୀଳ ତେବେ ସେମାନେ କାର୍ଟୁନ୍ ଇମେଜ୍ ପାଇଁ କୌଣସି ଅଫ୍‌ଲାଇନ୍ ସଫ୍ଟୱେର ବ୍ୟବହାର କରନ୍ତୁ।’ ତେଣୁ ଭବିଷ୍ୟତରେ ଯଦି କାହାର ଫଟୋ ବା ଚେହେରାର ଦୁରୁପଯୋଗ ହୁଏ ତେବେ ଚାଟ୍‌ଜିପିଟି ସେଥିପାଇଁ ଦାୟୀ ରହିବ ନାହିଁ ବା ଆମକୁ ଆଇନ ଅଦାଲତରୁ ମଧ୍ୟ ସହାୟତା ଓ ସମର୍ଥନ ମିଳିବ ନାହିଁ।

ହ୍ୱାଇଟ୍ ହାଉସ୍ ଭିତରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡିମିର ଜେଲେନ୍ସି ପରସ୍ପରକୁ କରାଟେ ଓ ବାହୁଯୁଦ୍ଧରେ ଆକ୍ରମଣ କରୁଥିବାର ଏକ ଭିଡିଓ ନିକଟରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଏଆଇର ଶକ୍ତି ବିଷୟରେ କିଛିଟା ଆଭାସ ମିଳିପାରିଥିଲା। ତେଣୁ ଆମେ ନିଜ ନିଜର ସବୁଠାରୁ ସ୍ପଷ୍ଟ ଚେହେରା ଯୁକ୍ତ ଯେଉଁ ଫଟୋଗୁଡ଼ିକୁ ଚାଟ୍ ଜିପିଟିକୁ ଦେବାରେ ଉନ୍ମାଦନା ପ୍ରଦର୍ଶନ କରୁଛୁ ତାହାକୁ ଏଆଇ ଯେ ଭବିଷ୍ୟତରେ ଅନ୍ୟ କାର୍ଯ୍ୟରେ ବ୍ୟବହାର ନ କରିବ, ତାହା ନିଶ୍ଚିତ କରି ହେବ ନାହିଁ। ହୁଏତ କିଛି ଖଳପ୍ରକୃତିର ବ୍ୟକ୍ତି ଆମମାନଙ୍କର ଫଟୋକୁ ନେଇ କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ବିପୁଳ ଅର୍ଥ ରୋଜଗାର କରିପାରନ୍ତି କିମ୍ବା କୌଣସି ଆପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ କରିପାରନ୍ତି। ପରିସ୍ଥିତି ଏଭଳି ମଧ୍ୟ ହୋଇପାରେ ଯେ ପରବର୍ତ୍ତୀ ସମୟରେ ସେଭଳି ଭିଡିଓ ଚିତ୍ରକୁ ଆମ ପରିବାର, ଘନିଷ୍ଠ ସମ୍ପର୍କୀୟ ଦୂରେ ଥାଉ ଆମେ ନିଜେ ମଧ୍ୟ ନିଜକୁ ବିଶ୍ୱାସ କରିପାରିବା ନାହିଁ। ଆଜି ମନୋରଞ୍ଜନର ଦୁନିଆ ‘ଘିବ୍‌ଲି’ ଆସନ୍ତା କାଲି ଅବିଶ୍ୱାସର ଏଭଳି ବାତାବରଣ ସୃଷ୍ଟି କରିଦେବ ଯେ ଆମେ ଆମ ନିଜକୁ ସଚ୍ଚୋଟ ଓ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବା। ଏହା ପାରିବାରିକ ପବିତ୍ର ସମ୍ପର୍କକୁ ଆବିଳ କରିବା ସହିତ ବିବାହ ବିଚ୍ଛେଦ ଭଳି ଅଗଣିତ ସମସ୍ୟାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ଫଟୋରୁ ମୁଖ ଓ ଆଖିରେ ଆମ ବାୟୋମାଟ୍ରିକ୍ ତଥ୍ୟ ଲୁକ୍କାୟିତ ରହୁଥିବାରୁ ତା’ ଜରିଆରେ ଏଆଇ ଆମ ଆର୍ଥିକ କାରବାରର ବିବରଣୀ ମଧ୍ୟ ସାର୍ବଜନୀନ କରିପାରେ ବୋଲି ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି।

‘ଘିବ୍‌ଲି ଇମେଜ୍’ ପ୍ରତି ଆମ ଉନ୍ମାଦନା, ଦୁର୍ବଳତା, ଆକର୍ଷଣ ଓ ଲୋକପ୍ରିୟତାକୁ ଦେଖି ଚାଟ୍‌ଜିପିଟି ସହିତ ଗ୍ରୋକ୍-୩, ଜେମିନି ଆଦି ସଂସ୍ଥା ପ୍ରତିଯୋଗିତାକୁ ଓହ୍ଲାଇବାକୁ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଥିବା ସୂଚନା ମିଳିଛି। ଏବେ କେବଳ ପରୀକ୍ଷଣ ଓ ଗବେଷଣା ସ୍ତରରେ ଥିବା ଏହି ଟୁଲ୍ ଯେତେବେଳେ ସ୍ୱୟଂସମ୍ପୂର୍ଣ୍ଣ ହେବ ଏବଂ ଏକାଧିକ ବିକାଶକାରୀ ସଂସ୍ଥା ଆତ୍ମପ୍ରକାଶ କରିବେ ସେତେବେଳେ ତାହାର ପ୍ରଭାବ କୋଭିଡ୍ ବୈଶ୍ୱିକ ମହାମାରୀ ଭଳି ହେବ ନାହିଁ ତ – ଏହି ପ୍ରଶ୍ନ ଉଙ୍କି ମାରୁଛି। ଯଦି ବିଶ୍ୱରେ ଏକ ଭୟଙ୍କର ମହାମାରୀ ସୃଷ୍ଟି ହେବ ତାହାର ନିରାକରଣ ପାଇଁ ବିଶ୍ୱ କିଭଳି ପ୍ରସ୍ତୁତ ହେବା ଆବଶ୍ୟକ – ଏହି ପ୍ରତିଷେଧକମୂଳକ ମହତ୍ ଉଦ୍ୟମ ଓ ଗବେଷଣାରୁ ଅସାବଧାନତା ଓ ଯତ୍ନହୀନତାରୁ ୨୦୧୯ରେ ବେଜିଂରେ ଯେଉଁ ଭୂତାଣୁଟି ଜନ୍ମ ନେଇଥିଲା ତାହାର ଭୟାବହତା ଏବେ ମଧ୍ୟ ବିଶ୍ୱବାସୀଙ୍କ ମନରୁ ଲିଭିନାହିଁ। ତେଣୁ ଆମେ ନିଜକୁ କ୍ୱାରେଣ୍ଟାଇନ୍‌ରେ ରଖିବାକୁ ବାଧ୍ୟ ହେବା ପୂର୍ବରୁ ସଂଯମ ଓ ଆତ୍ମସଚେତନ ହେବା ଜରୁରୀ। ‘ଘିବ୍‌ଲି ଦୁନିଆ’ରେ ବଞ୍ଚିବାର ଆମ ମାନିଆ ଆମକୁ ସେହି ସୋପାନକୁ ନେଇ ନ ଯାଉ ଯେଉଁଠାରୁ ଫେରିବା ସମ୍ଭବ ହେବ ନାହିଁ। କୁହାଯାଏ ଆବଶ୍ୟକତା ହିଁ ଉଦ୍‌ଭାବନର ଜନନୀ। କିନ୍ତୁ ଏବେ ସେହି ଉଦ୍‌ଭାବନର ମାନସ ସନ୍ତାନ ରୂପେ ଆମ ବିବଶତା ସାମ୍ନାକୁ ଆସୁଛି। ନିଜକୁ କଣ୍ଢେଇ ରୂପରେ ଦେଖିବାରୁ ଅତିଚ୍ଛା ଆମକୁ ଏଆଇ ହାତରେ କଣ୍ଢେଇ କରିଦେବା ଭଳି ଏବଂ ତା’ ନିର୍ଦ୍ଦେଶରେ ପରିଚାଳିତ ହେବା ଭଳି ସ୍ଥିତି ସୃଷ୍ଟି ନ ହେଉ।

# ମାଆ ଦୁର୍ଗାଙ୍କର ନବରାତ୍ର ଓ କୁମାରୀ କନ୍ୟାଙ୍କ ପୂଜା

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ନବରାତ୍ରୀ ହିନ୍ଦୁ ମାନଙ୍କ ଏକ ମହାନ ପର୍ବ ଓ ଏହା ନଅ ରାତି ଏବଂ ଦଶ ଦିନ ଧରି ପ୍ରତିବର୍ଷ ଶରତ ଋତୁରେ ପାଳନ କରାଯାଇଥାଏ । ଏହା ବିଭିନ୍ନ କାରଣରୁ ଏବଂ ଭାରତୀୟ ସାଂସ୍କୃତିକ କ୍ଷେତ୍ରର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ଭାବଏ ପାଳନ କରାଯାଇଥାଏ । ତାତ୍ତ୍ୱିକ ଭାବେ ଚାରୋଟି ଋତୁକାଳୀନ ନବରାତ୍ରୀ ରହିଛି । ତେବେ ସାଧାରଣତଃ ମୌସୁମୀ ପରବର୍ତ୍ତୀ ଶାରଦୀୟ ନବରାତ୍ରୀ ପ୍ରଧାନ । ଏଥିରେ ମା ଦେବୀ ଦୁର୍ଗାଙ୍କୁ ସମ୍ମାନ ଜଣାଇ ପାଳନ କରାଯାଏ । ଏହି ପର୍ବ ହିନ୍ଦୁ ପାଞ୍ଜିର ଆଶ୍ୱିନ ମାସର ଶୁକ୍ଳପକ୍ଷରେ ପାଳନ କରାଯାଏ। ପୁରାଣ ମତେ ଦୁର୍ଗ ରାକ୍ଷସ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଭୀଷଣ ଶକ୍ତିଶାଳୀ ଓ ଅତ୍ୟାଚାରୀ ହୋଇ ଉଠିଲା । ସେ ତ୍ରିଲୋକ ଜିଣିବା ପରେ ଦେବଲୋକ ଯାଇ ଦେବରାଜ ଇନ୍ଦ୍ରଙ୍କୁ ଭୟ ଦେଖାଇଲା। ଦେବଗଣ ସମ୍ମିଳିତ ହୋଇ ଲଢ଼ିଲେ, କିନ୍ତୁ ସମସ୍ତ ଦେବ ଆୟୁଧକୁ ବ୍ୟର୍ଥ କରି ଦୁର୍ଗ ଦୈତ୍ୟ ଦେବଗଣଙ୍କୁ ବନ୍ଦୀକରି ନିଜ ଦୁର୍ଗର କାଳକୋଠରୀରେ ବନ୍ଦକରି ନିତ୍ୟ ନିର୍ଯ୍ୟାତନା ଦେବାରେ ଲାଗିଲା । ସବୁ ଦେବତା ଭୀତତ୍ରସ୍ତ ହୋଇ ମହାଶକ୍ତିଙ୍କୁ ପ୍ରାର୍ଥନା କଲେ । ଦୟାରେ ବିଗଳିତ ମା’ ଆବିର୍ଭୂତ ହୋଇ ନିଜ ଅଗ୍ନିଗର୍ଭା ନେତ୍ରରେ ଦୁର୍ଗମର ଦୁର୍ଗ ଧ୍ୱଂସ କରି ଦେବଗଣଙ୍କୁ ଉଦ୍ଧାର କଲେ । ଯେତେବେଳେ ଦୁର୍ଗ ମା’ଙ୍କୁ ଆକ୍ରମଣ କରିବାକୁ ଆସିଲା ମା’ ସହସ୍ରଭୂଜା ହୋଇ ଅସୁମାରି ଶସ୍ତ୍ର ଧାରଣ କରି ରାକ୍ଷସକୁ ବଧ କଲେ । ସେହିଦିନଠାରୁ ସେ ଦୁର୍ଗ ନାଶକାରି ଦୁର୍ଗା ଭାବେ ପୂଜିତ ହେଲେ । ସିଂହବାହିନୀ ଭାବରେ ସେ ଉଭୟ ସ୍ନେହୀ ଓ ଭୟଙ୍କରୀ । ସିଂହ ଉପରେ ବସି ସେ ଚତୁର୍ଭୁଜା, ଅଷ୍ଟଭୁଜା ବା ଏପରିକି ସହସ୍ରଭୁଜା ମଧ୍ୟ ହୋଇପାରନ୍ତି, କିନ୍ତୁ ସବୁବେଳେ ତାଙ୍କର ଗୋଟିଏ ହାତ ବରଦା ବା ଶାନ୍ତ ମୁଦ୍ରାରେ ଶୋଭିତ । ମା’ ରୂପରେ ସେ ଭକ୍ତ ଓ ଶରଣାଗତମାନଙ୍କ ପାଇଁ ସେ ଅଭୟ, ଦୟା ଓ ବରଦା, କରୁଣାମୟୀ । କିନ୍ତୁ ଦୁରାଚାରୀ, ରାକ୍ଷସ ସ୍ୱଭାବର ବ୍ୟକ୍ତି, ଯେ ଅନ୍ୟମାନଙ୍କୁ କଷ୍ଟ ଦିଅନ୍ତି ସେମାନଙ୍କ ପାଇଁ ସେ ଭୟଙ୍କର ହୋଇପଡ଼ନ୍ତି । ବସନ୍ତ ଓ ଶରତ ଋତୁରେ ଦେବୀ ଆରାଧନା କରାଯାଏ । ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନଗଗୌରୀ ବା ନବଦୁର୍ଗା (ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟୟନୀ, କାଳରାତ୍ରୀ, ମହାଗୌରୀ)ଙ୍କ ପୂଜା ଅନୁଷ୍ଠିତ ହୁଏ ।

ତେବେ ମା ନବଦୁର୍ଗା ବିଷୟରେ ଆସନ୍ତୁ ଜାଣିବା। ଶୈଳପୁତ୍ରୀ :- ଆଦିଶକ୍ତିର ପ୍ରଥମ ସ୍ୱରୂପା ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ । ପୌରାଣିକ ମତେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନାଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ । ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି । ବ୍ରହ୍ମଚାରିଣୀ :- ବ୍ରହ୍ମଚାରିଣୀ ସ୍ୱରୂପରେ ନବରାତ୍ରର ଦ୍ୱିତୀୟ ଦିବସରେ ମାତା ଦୁର୍ଗାଙ୍କୁ ଭକ୍ତମାନେ ଉପାସନା କରିଥାନ୍ତି। ମାଙ୍କର ଅନ୍ୟ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଦେବୀଙ୍କ ଏହି ରୂପ ତପସ୍ୟାର ତେଜରେ ତେଜୋଦୀପ୍ତ ହୋଇଥାଏ । ତାଙ୍କ ଡାହାଣ ହାତରେ ମନ୍ତ୍ର ଜପାମାଳି ଓ ବାମ ହାତରେ କମଣ୍ଡଳୁ ଶୋଭାପାଏ । ଭକ୍ତ ନିଜ ମନକୁ ସ୍ୱାଧିଷ୍ଠାନ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି । ଚନ୍ଦ୍ରଘଣ୍ଟା :- ଏହା ଦେବୀଙ୍କ ଉଗ୍ରରୂପ । ଦେବୀ ଦଶଭୂଜା ଓ ବ୍ୟାଘ୍ର/ ସିଂହ ଉପରେ ବିରାଜମାନ । ଅନେକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ଦେବୀଙ୍କର ମୁଦ୍ରା ଯୁଦ୍ଧାଭିମୁଖୀ। କୁଷ୍ମାଣ୍ଡା :- ପୌରାଣିକ ମତେ ଦେବୀଙ୍କ ହସରୁ ବ୍ରହ୍ମାଣ୍ଡ ସୃଷ୍ଟି । ଭକ୍ତ ନିଜ ମନକୁ ଅନାହତ ଚକ୍ରରେ ଅବସ୍ଥାପିତ କରି ଆରାଧନା କରିଥାନ୍ତି। ଏହି ରୂପରେ ଦେବୀ ଅଷ୍ଟଭୂଜା ଓ ହାତରେ କମଣ୍ଡଳୁ, ଧନୁ, କମଳ, ଅମୃତ କଳସ, ଚକ୍ର, ଗଦା ଓ ଜପାମାଳି ଧାରଣ କରିଥାନ୍ତି । ସ୍କନ୍ଦମାତା :- ନବରାତ୍ର ପଞ୍ଚମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। କୁମାର କାର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା କୁହାଯାଏ। ଦେବୀ ଚତୁର୍ଭୁଜା ଓ ସିଂହ ଉପରେ ବିରାଜମାନ। ଏହି ରୂପରେ ମାତା ପୁତ୍ର ସ୍କନ୍ଦକୁ କୋଳରେ ବସାଇଥାନ୍ତି । କାତ୍ୟାୟନୀ :- ନବରାତ୍ର ଷଷ୍ଠ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କର କନ୍ୟା ରୂପରେ ଜନ୍ମ ହୋଇଥିଲେ, ସେହି ଅନୁଯାୟୀ ଦେବୀଙ୍କ ନାମ କାତ୍ୟାୟନୀ। ଭଗବାନକୃଷ୍ଣଙ୍କୁ ପତି ରୂପେ ପାଇବାକୁ ବ୍ରଜଗୋପୀମାନେ ଦେବୀ କାତ୍ୟାୟନୀଙ୍କୁ ଆରାଧନା କରିଥିଲେ ତେଣୁ ବିବାହ ହୋଇପାରୁନଥିବା । କାଳରାତ୍ରୀ :- ନବରାତ୍ର ସପ୍ତମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ବିକଟାଳ ରୂପ । ଏହି ରୂପରେ ତ୍ରୀନେତ୍ର ଧାରିଣୀ, ଶରୀରର ବର୍ଣ୍ଣ ଅନ୍ଧକାର ଭଳି ଗାଢ଼ କଳା ଚତୁର୍ଭୁଜା ଦେବୀ ଗର୍ଦ୍ଦଭ ଉପରେ ଆରୁଢ ହୋଇ ହାତରେ ଲୌହ ଖଡ଼୍ ?ଗ ଧାରଣ କରିଥାନ୍ତି । ମହାଗୌରୀ :- ନବରାତ୍ର ଅଷ୍ଟମ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହା ଦେବୀଙ୍କ ସୌମ୍ୟ ରୂପ । ଏହି ରୂପରେ ବୃଷଭ ବାହିନୀ ଦେବୀଙ୍କ ଶରୀରର ବର୍ଣ୍ଣ ଗୌର, ଶ୍ୱେତବସ୍ତ୍ର ପରିହିତା ଦେବୀ ଚତୁର୍ଭୂଜା ଓ ଦୁଇ ହାତରେ ଡମ୍ବରୁ ଓ ତ୍ରିଶୁଳ ଧାରଣ କରିଥାନ୍ତି ଓ ଅନ୍ୟ ଦୁଇ ହାତରେ ଅଭୟ ପ୍ରଦାନ କରିଥାନ୍ତି ।ସିଦ୍ଧିଦାତ୍ରୀ :- ନବରାତ୍ରର ନବମ ବା ଶେଷ ଦିବସରେ ଦେବୀଙ୍କୁ ଏହି ସ୍ୱରୂପରେ ଉପାସନା କରାଯାଏ। ଏହି ରୂପରେ ପଦ୍ମାସନା ଦେବୀ ଚତୁର୍ଭୂଜା ଓ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାନ୍ତି। (କେତେକ ଧର୍ମଗ୍ରନ୍ଥରେ ତାଙ୍କର ବାହାନ ସିଂହ ଭାବେ ଦର୍ଶାଯାଇଥିବା ବେଳେ ସେ ପଦ୍ମ ଉପରେ ଉପବେଶନ କରିଥାନ୍ତି ।) ସିଦ୍ଧିଦାତ୍ରୀଙ୍କ ପୂଜା ସହିତ ନବରାତ୍ରରେ ନବଦୁର୍ଗା ପୂଜା ସମ୍ପୂର୍ଣ୍ଣ ହୋଇଥାଏ ।

ନବରାତ୍ର ପୂଜାରେ କୁମାରୀ କନ୍ୟା ପୂଜନ ଏକ ମୁଖ୍ୟ ଅଙ୍ଗ। ଏହା ପୂଜା ଦ୍ୱାରା ମା’ ଦୁର୍ଗା ସନ୍ତୁଷ୍ଟ ହୋଇଥାନ୍ତି। ଏହି ପୂଜାରେ ସାଧାରଣତଃ ଦୁଇ ବର୍ଷରୁ ଦଶ ବର୍ଷ ବୟସର ବାଳିକା ମାନଙ୍କୁ ଚନ୍ଦନ ଓ କୁଙ୍କୁମରେ ସଜ୍ଜିତ କରି, ମୁଣ୍ଡରେ ନାଲି ଓଢ଼ଣା ଦେଇ, ନବବଧୂ ବେଶରେ ସଜ୍ଜିତ କରାଯାଏ। ପାଦ୍ୟ, ଅର୍ଘ୍ୟ ପ୍ରଦାନ ପୂର୍ବକ ନବଦୁର୍ଗା ଭାବରେ ସେମାନଙ୍କୁ ବନ୍ଦାପନା କରାଯାଏ। ଏହି କୁମାରୀ କନ୍ୟାମାନେ ଯଥାକ୍ରମେ- କୁମାରୀ, ତ୍ରିମୂର୍ତ୍ତି, କଲ୍ୟାଣୀ, କାଳିକା, ଚଣ୍ଡିକା, ଶାମ୍ଭବୀ, ଦୁର୍ଗା, ସୁଭଦ୍ରା ଓ ରୋହିଣୀ ଭାବରେ ଆରାଧିତା ହୁଅନ୍ତି। କଥିତ ଅଛି, ଏହି ରୂପରେ ପୂଜନ କଲେ ମନୁଷ୍ୟର ଦୁଃଖ ଓ ଦାରିଦ୍ର୍ୟ ନାଶ ହୁଏ। ଶତ୍ରୁ ପରାହତ ହୁଅନ୍ତି। ଧନଧାନ୍ୟ ବୃଦ୍ଧି ପାଏ। ରୋଗ ନାଶନ ହୁଏ ଏବଂ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ। ଭାରତୀୟ ସଂସ୍କୃତିରେ ନାରୀ ହିଁ ନାରାୟଣୀ; ଅର୍ଥାତ୍ ପ୍ରତ୍ୟେକ ଗୃହର ସେ ସର୍ବମୟୀ କର୍ତ୍ତ୍ରୀ। ପାର୍ବତୀ ଭାବରେ ସେ ବଶମ୍ବଦା ପତ୍ନୀ, ଲକ୍ଷ୍ମୀ ଭାବରେ ସେ ଘରର ଗୃହିଣୀ ଓ ସରସ୍ୱତୀ ଭାବରେ ସେ ପରିବାର ପରିଜନଙ୍କର ଆଦ୍ୟ ଶିକ୍ଷୟିତ୍ରୀ। ଅନ୍ନପୂର୍ଣ୍ଣା ଭାବରେ ସେ ପରିବାରର ସଦସ୍ୟ ଓ ଅତିଥି ମାନଙ୍କର କ୍ଷୁଧାତୃଷ୍ଣା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେହିପରି, କାଳୀ ରୂପ ଧାରଣ କରି ଆବଶ୍ୟକ ସ୍ଥଳେ ସେ ଦଣ୍ଡ ପ୍ରଦାନ କରିଥାଏ। ଏଣୁ କୁମାରୀ ପୂଜାର ଅର୍ଥ ହେଉଛି, ପ୍ରତ୍ୟେକ କନ୍ୟାକୁ ତାର ଭବିଷ୍ୟତ ଜୀବନର କର୍ତ୍ତବ୍ୟ ଓ ଦାୟିତ୍ୱ ସଂପର୍କରେ ସୂଚିତ କରିବା। ତେଣୁ ନବରାତ୍ରର ଅନ୍ତିମ ଦିନରେ ଯେଉଁ କୁମାରୀ ପୂଜା ଅନୁଷ୍ଠିତ ହୁଏ ତାହା ଅତ୍ୟନ୍ତ ଭାବଗର୍ଭକ। ପୁରୁଷ ଶକ୍ତିମାନ, କିନ୍ତୁ ନାରୀଶକ୍ତି ବିନା ସେ କିଛି କରିବାକୁ ସମର୍ଥ ନୁହେଁ। ସ୍ୱୟଂ ଭଗବାନ ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ନିମିତ୍ତ ଦେବୀଙ୍କ ଆଶୀର୍ବାଦ କାମନା କରିଥିଲେ। ମହିଷାସୁରକୁ ଦେବୀ ହିଁ ବଧ କରିବା ନିମିତ୍ତ ସମର୍ଥ ହୋଇଥିଲେ। ସାରଳାଦାସଙ୍କ ‘ବିଲଙ୍କା ରାମାୟଣ’ ମଧ୍ୟ ଏହି ନାରୀ ଶକ୍ତି ଉପରେ ଆଧାରିତ। ରାମଚନ୍ଦ୍ର ରାବଣବଧର ବିବରଣୀ ଦେଲାବେଳେ ସୀତା କହୁଛନ୍ତି।

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ରାବଣ ବଧ ନିମନ୍ତେ ଶରତକାଳରେ ମାଆ ଦୁର୍ଗାଙ୍କୁ ଆବାହନ କରିଥିଲେ ବୋଲି ରାମାୟଣରୁ ଜଣା ଯାଇଥାଏ। ଏହା ‘ଅକାଳବୋଧନ’ ନାମରେ ବିଦିତ, କାରଣ ଶରତ କାଳରେ ସୂର୍ଯ୍ୟଦେବଙ୍କ ଦକ୍ଷିଣାୟନ ହୋଇ ଥାଏ। ଶ୍ରାବଣ ମାସରୁ ପୌଷମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଦେବଙ୍କ ଦକ୍ଷିଣାୟନ ଏବଂ ମାଘରୁ ଆଷାଢ଼ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣ। ଦକ୍ଷିଣାୟନ ଦେବମାନଙ୍କର ରାତ୍ରି । ତେଣୁ ଉତ୍ତରାୟଣ ଦେବତାଙ୍କ ଆରାଧନାର ପ୍ରକୃଷ୍ଟ ସମୟ। ରାବଣ ବ୍ରହ୍ମାଙ୍କ ବର ଲାଭ କରି ଅପାରଶକ୍ତିର ଅଧିକାରୀ ହୋଇ ଥିବାରୁ ତାକୁ ବଧ କରିବା ନିମନ୍ତେ ଦେବୀଙ୍କ କୃପା ଏକାନ୍ତ ଆବଶ୍ୟକ। ତେଣୁ ବ୍ରହ୍ମା ରାମଙ୍କୁ ଶରତ କାଳରେ ଦେବୀଙ୍କ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ପ୍ରଭୁ ଶ୍ରୀରାମ ଦ୍ୱନ୍ଦ୍ୱରେ ପଡ଼ିଲେ। ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କର ନିର୍ଦ୍ଦେଶ ଓ ଦେବଦେବୀଙ୍କର ଦକ୍ଷିଣାୟନ। ପ୍ରଶ୍ନ, ଦେବୀ ଜାଗ୍ରତ ନା ନିଦ୍ରିତ ? ଦେବୀ ଏବେ ଜାଗ୍ରତ ହୋଇ ଆବିର୍ଭୂତ ହେବେ ତ ? ଶ୍ରୀରାମ ଧ୍ୟାନ ମଗ୍ନ ହୋଇ ଜାଣି ପାରିଲେ ଦେବୀ ତ୍ରିଶାଖା ବିଲ୍ୱ ପତ୍ର ଉପରେ କୁମାରୀ କନ୍ୟା ରୂପରେ ଶାୟିତ। ଏହା ଦେଖି ବିଭୋର ହେଲେ ଶ୍ରୀରାମଚନ୍ଦ୍ର। ଦେବୀଙ୍କୁ ଜାଗ୍ରତ କରାଇବା ଚିନ୍ତା କରି ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଷଷ୍ଠୀ ଦିନ ପ୍ରଭୁ ବିଲ୍ୱାଧିବାସ କଲେ। ସପ୍ତମୀରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ମଧ୍ୟ ଦେବୀଙ୍କର ନିଦ୍ରାଭଙ୍ଗ ହେଲା ନାହିଁ। ଅଷ୍ଟମୀରେ ଯୋଗିନୀ ମାନଙ୍କୁ ଆବାହନ କରି ବିଶେଷ ପୂଜା କଲେ ଶ୍ରୀରାମ। ତେଣୁ ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ ସନ୍ଧିକ୍ଷଣରେ ପ୍ରଭୁ ଦେବୀ ଦୁର୍ଗାଙ୍କ ପୂଜା କଲେ। ଏହା ‘ସନ୍ଧିପୂଜା’ ନାମରେ ବିଦିତ। ଚାମୁଣ୍ଡାଦେବୀଙ୍କ ସହାୟତାରେ ଶ୍ରୀରାମ ଏହି ‘ସନ୍ଧିପୂଜା’ କରିଥିଲେ। ପୂଜା ପରେ ଅର୍ଥାତ୍ ? ନବମୀ ଦିନ ଦେବୀ ଜାଗ୍ରତ ହେଲେ ଓ ପୁନର୍ବାର କୁମାରୀ ରୂପରେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ଦେଲେ। ଏଣୁ ନବରାତ୍ର ଅବସରରେ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ହେଲା। ସପ୍ତମୀ ଓ ଅଷ୍ଟମୀରେ ମଧ୍ୟ କେତେକ ସ୍ଥାନରେ କୁମାରୀ ପୂଜନ ଅନୁଷ୍ଠିତ ହୋଇଥାଏ। କୁମାରୀ ସାକ୍ଷାତ ଯୋଗିନୀ, ପରମା ଦେବୀ ଓ ପରମ ପ୍ରକୃତି। ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି, ‘ସ୍ତ୍ରୀୟା ସମସ୍ତା ସକଳ ଜଗତ ସୁ’। ଅର୍ଥାତ୍ ? ସମସ୍ତ ମାତୃ ଜାତି, ବ୍ରହ୍ମମୟୀ, ମହାମାୟୀ ତଥା ଜଗତ ଜନନୀଙ୍କର ଏକ ଅଂଶ। ପ୍ରତ୍ୟେକ ନାରୀ ମାଆ ଭଗବତୀଙ୍କ ଅଂଶ ହେଲେ ମଧ୍ୟ କୁମାରୀଙ୍କ ମଧ୍ୟରେ ଭଗବତ୍ସତ୍ତା ବିଶେଷ ଭାବରେ ପ୍ରକାଶିତ। ତନ୍ତ୍ର ମତେ ଷୋଳ ବର୍ଷ ପର୍ଯ୍ୟନ୍ତ ଅପ୍ରାପ୍ତ ବୟସ୍କା ଅବିବାହିତା କନ୍ୟାଙ୍କୁ କୁମାରୀ କୁହା ଯାଇଥାଏ। କୁମାରୀ କନ୍ୟା କୁସୁମ ପ୍ରାୟ ପବିତ୍ର। ସେ ଦେବ ସେବା ଯୋଗ୍ୟା। ଶ୍ରୀ ରାମକୃଷ୍ଣ ପରମହଂସ ଓ ତାଙ୍କ ଶିଷ୍ୟ ସ୍ୱାମୀ ବିବେକାନନ୍ଦ ପରବର୍ତ୍ତୀ କାଳରେ କନ୍ୟାପୂଜନର ବହୁଳ ପ୍ରଚାର କରିଥିଲେ ଓ ରାଣୀ ରାସମଣୀଙ୍କ ଦ୍ୱାରା କୁମାରୀ ପୂଜା କରାଇ ଏହାକୁ ସାର୍ବଜନୀନ କରାଇଥିଲେ। କଥିତ ଅଛି, ଯେଉଁମାନେ କୁମାରୀ ପୂଜା କରନ୍ତି ବା ଦର୍ଶନ କରନ୍ତି, ସେମାନେ ଚତୁର୍ବର୍ଗ ଫଳ ପ୍ରାପ୍ତ ହୋଇଥାନ୍ତି। କୁମାରୀ ପୂଜନ ହେଉଛି ମାତୃ ଜାତି ପ୍ରତି ସମ୍ମାନ ପ୍ରଦର୍ଶନର ଏକ ପ୍ରକ୍ରିୟା ବିଶେଷ। ନେପାଳରେ କୁମାରୀଦେବୀ ପୂଜା ପରମ୍ପରା ଏକ ନିଆରା ବ୍ୟବସ୍ଥା। ଜଣେ କୁମାରୀ କନ୍ୟାକୁ ଏକ ବିଧିବଦ୍ଧ ପଦ୍ଧତିରେ ନ୍ଵିଚନ କରାଯାଏ। ସେହି ନିର୍ବାଚିତ କନ୍ୟାଟି ଋତୁମତି ହେବାଯାଏ କୁମାରୀ ଦେବୀର ଆସନମଣ୍ଡନ କରନ୍ତି ଓ ପୂଜିତ ହୁଅନ୍ତି। ସେ ଋତୁମତି ହେବା ପୂର୍ବରୁ ଆଉ ଜଣେ କୁମାରୀ ଦେବୀଙ୍କୁ ଚୟନ କରାଯାଇ ଥାଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ବିପଦର ତ୍ରିଶୂଳ

### ଜିତଶତ୍ରୁ ମହାନ୍ତି

କାଳ ସ୍ରୋତରେ ଅନୁପଯୁକ୍ତ ପ୍ରାଣୀ ଓ ଉଦ୍ଭିଦ ଜାତିର ଅପସାରଣ କରି ଉପଯୁକ୍ତ ଜାତିର ଅଭ୍ୟୁଦୟ ଓ ବିକାଶ ଘଟାଇ ପ୍ରକୃତି ଏହି ସୃଷ୍ଟିକୁ ସମ୍ଭବ କରିଛି। ବିବର୍ତ୍ତନବାଦର ତତ୍ତ୍ୱ ଅନୁସାରେ ଏହାକୁ ‘ପ୍ରାକୃତିକ ଚୟନ’ ବୋଲି କୁହାଯାଏ। ଏହା ମାଧ୍ୟମରେ ଉଭୟ ଜୀବ ଓ ଉଦ୍ଭିଦ ଜଗତ ଏକ ସନ୍ତୁଳିତ ସ୍ଥିତିରେ ରହନ୍ତି। ଶିଳ୍ପ ବିପ୍ଳବର ପୂର୍ବ ସମୟ ପର୍ଯ୍ୟନ୍ତ ବା ପ୍ରାୟ ୧୯୦୦ ମସିହା ପର୍ଯ୍ୟନ୍ତ ବସ୍ତୁତଃ ଏକ ପ୍ରକୃତି ଇଚ୍ଛାଧୀନ ସ୍ଥିତି ରହିଥିଲା। କିନ୍ତୁ ଶିଳ୍ପାୟନ ଏବଂ ତଜ୍ଜନିତ ଉପଭୋଗବାଦୀ ଜୀବନ ଧାରାରେ ସ୍ଥିତି ବଦଳିବା ଆରମ୍ଭ ହେଲା। ଏଣିକି ମନୁଷ୍ୟ ଚାହିଁଲା ଯେ ପ୍ରକୃତି ମନୁଷ୍ୟର ଇଚ୍ଛାଧୀନ ହେଉ। ବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ଏହି କାରଣରୁ ବିପଦର ପଦପାତ ଶୁଣାଯିବା ଆରମ୍ଭ ହେଲା। ରୁଷୀୟ ଭୂତତ୍ତ୍ୱବିତ୍ ଆଲେକ୍‌ସି ପାଭଲୋଭ ପ୍ରଥମେ ଏ ନେଇ ଉଦ୍‌ବେଗ ପ୍ରକାଶ କଲେ। ୧୯୭୨ ମସିହାରେ କେତେକ ରାଷ୍ଟ୍ର ମୁଖ୍ୟ ସ୍ୱିଡେନର ରାଜଧାନୀ ଷ୍ଟକହୋମ ଠାରେ ମିଳିତ ହୋଇ ଏହି ବିପଦକୁ ଟାଳିବା ଦିଗରେ ସାମୂହିକ ପ୍ରୟାସ ସକାଶେ କେତେକ ପ୍ରସ୍ତାବ ଗ୍ରହଣ କଲେ। ତା’ ପରଠାରୁ ଆଜି ପର୍ଯ୍ୟନ୍ତ ୫୩ ବର୍ଷର ଅବଧି ମଧ୍ୟରେ ଅନେକ ଆଲୋଚନା ଓ ପ୍ରଚେଷ୍ଟା ହୋଇଛି। କିନ୍ତୁ ତା’ ସତ୍ତ୍ୱେ ସ୍ଥିତି ସୁଧୁରିବା ପରିବର୍ତ୍ତେ ଅଧିକ ଗୁରୁତର ହେବାରେ ଲାଗିଛି। ଏହି କାରଣରୁ ତିନିଟି ସଂକଟର ଉତ୍ପତ୍ତି ଚିନ୍ତାଜନକ ହୋଇଛି। ସେଗୁଡ଼ିକ ହେଲେ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ଜୈବ ବିବିଧତାରେ କ୍ଷୟ। ଜଳବାୟୁ ପରିବର୍ତ୍ତନର ପରିଣାମ ହେଉଛି ବାତ୍ୟା, ବନ୍ୟା, ମରୁଡ଼ି, ବନାଗ୍ନି, ମାତ୍ରାଧିକ ଗ୍ରୀଷ୍ମ ଲହରି ଓ ହିମ ପାତ ଇତ୍ୟାଦି ଏବଂ ଏହା ଧନୀ ଓ ଦରିଦ୍ର ନିର୍ବିଶେଷରେ ସବୁ ରାଷ୍ଟ୍ରକୁ ଆକ୍ରାନ୍ତ କରୁଛି। ଶୀତ ପ୍ରଧାନ ରାଷ୍ଟ୍ରଗୁଡ଼ିକରେ କେବେ ଶୁଣାଯାଇ ନ ଥିବା ଭଳି ଗ୍ରୀଷ୍ମ ପ୍ରବାହ ଘଟି ଅନେକ ଜୀବନ ହାନିର କାରଣ ହେଲାଣି। ବର୍ଷ ବର୍ଷ ଧରି ବର୍ଷା ଦେଖି ନ ଥିବା ଅନେକ ମରୁ ଅଞ୍ଚଳ ଏବେ ବନ୍ୟା ପ୍ଲାବିତ ହେଉଛନ୍ତି। ଏକ ଆକଳନ କହିଥାଏ ଯେ ଏହି କାରଣରୁ ବର୍ଷକୁ ପ୍ରାୟ ୨୧୫ କୋଟି ଲୋକ ଉଦବାସ୍ତୁ ହେଉଛନ୍ତି ଏବଂ ୨୦୩୦ ମସିହା ବେଳକୁ କେବଳ ମରୁଡ଼ି ଯୋଗୁଁ ପ୍ରାୟ ୭୦ କୋଟି ଲୋକ ବିପନ୍ନ ହେବେ। ୨୦୨୦ ମସିହାରେ ଜଳବାୟୁ ପରିବର୍ତ୍ତନ କାରଣରୁ ପୃଥିବୀର ବାର୍ଷିକ କ୍ଷତିର ପରିମାଣ ଥିଲା ୧.୩ ଟ୍ରିଲିଅନ ଡଲାର, ଯାହା ୨୦୫୦ ମସିହାରେ ୨.୩ ଟ୍ରିଲିଅନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

ଏବେ ଆସିବା ପ୍ରଦୂଷଣ ସଂଦର୍ଭକୁ। କୁହାଯାଉଛି ଯେ ଏବେ ପ୍ରାୟ ୧୦୦ ପ୍ରକାର ରୋଗ ବିଭିନ୍ନ ପ୍ରକାରର ପ୍ରଦୂଷଣ କାରଣରୁ ହେଉଛି। ପ୍ରତି ବର୍ଷ ପୃଥିବୀର ପ୍ରାୟ ୭୦ ଲକ୍ଷ ଓ ଭାରତର ପ୍ରାୟ ୨୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଜଳ ପ୍ରଦୂଷଣ ହେତୁ ପ୍ରତି ବର୍ଷ ଆମ ଦେଶରେ ପ୍ରାୟ ୫ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି ଏବଂ ୪୦ କୋଟି ଲୋକ ରୋଗ ଗ୍ରସ୍ତ ହେଉଛନ୍ତି। ସାଧାରଣତଃ, ଜଳ ପ୍ରଦୂଷଣର ଶିକାର ହୁଅନ୍ତି ଦରିଦ୍ର ବର୍ଗର ଲୋକେ। ତେଣୁ ଏହାର ଚିକିତ୍ସାରେ ମଧ୍ୟ ସେମାନଙ୍କ ଆର୍ଥିକ ସ୍ଥିତି ଆହୁର ଦୁର୍ବଳ ହୋଇଯାଏ। ଏକ ଆକଳନ ଅନୁସାରେ ପ୍ରଦୂଷଣ ହେତୁ ପୃଥିବୀ ସହୁଥିବା ଆର୍ଥିକ କ୍ଷତିର ପରିମାଣ ହେଉଛି ବାର୍ଷିକ ପ୍ରାୟ ୬.୪ ଟ୍ରିଲିଅନ ଡଲାର।

ଏବେ ଆସିବା ତୃତୀୟ ବିପଦ, ଅର୍ଥାତ୍ ଜୈବ ବିବିଧତାର କ୍ଷୟ ପ୍ରସଙ୍ଗକୁ। ଜଣା ପଡ଼ିଛି ଯେ ୧୯୦୦ ମସିହାରୁ ଏ ପର୍ଯ୍ୟନ୍ତ ଅତି କମ୍ ?ରେ ଏକ-ପଞ୍ଚମାଂଶରୁ ଅଧିକ ଉଭୟ ଜୀବ ଓ ଉଦ୍ଭିଦ ଜାତିଙ୍କ ବିଲୁପ୍ତି ଘଟି ସାରିଲାଣି। ବର୍ତ୍ତମାନ ପ୍ରାୟ ୪୪,୦୦୦ ଜାତି ବିଲୁପ୍ତି ପଥରେ, ଯହିଁରୁ ସିଂହ ଭାଗ ହେଉଛନ୍ତି ବୃକ୍ଷଲତା। ଏହା କ୍ରମେ ଖାଦ୍ୟାଭାବକୁ ଉତ୍କଟ କରିବ ବୋଲି ବୈ ?ଜ୍ଞାନିକମାନେ ଭୟ କରୁଛନ୍ତି। ବର୍ତ୍ତମାନ ବର୍ଷକୁ ପ୍ରାୟ ୧୦ ନିୟୁତ ହେକ୍ଟର ପରିମିତ ଅଞ୍ଚଳର ଜଙ୍ଗଲ ନଷ୍ଟ ହେଉଛି। ଏହା ଫଳରେ ଜଙ୍ଗଲ ଉପରେ ନିର୍ଭରଶୀଳ ୧୦୦ କୋଟିରୁ ଅଧିକ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଲାଣି। କେବଳ ସେତିକି ନୁହେଁ, ଏହା ସହିତ କ୍ଷୟ ପାଉଥିବା ଜଙ୍ଗଲ ହେତୁ ଜୈବ ପରିସଂସ୍ଥା ମଧ୍ୟ ଉଦ୍‌ବେଗଜନକ ଭାବେ ଆକ୍ରାନ୍ତ ହେଉଛି। ଏ କଥାରେ ଦ୍ୱିମତ ହେବାର ନାହିଁ ଯେ ଜୈ ?ବ ବିବିଧତା ପ୍ରକୃତିକୁ ପ୍ରାଣବନ୍ତ କରି ରଖେ। ଏହା ଅବକ୍ଷୟମୁଖୀ ହେବାର ଅର୍ଥ ହେଲା ପ୍ରକୃତି ଅସାଡ଼ ହେଇଯିବା।

ସଂଯୁକ୍ତ ରାଷ୍ଟ୍ର ଜଳବାୟୁ ପରିବର୍ତ୍ତନ ଚୁକ୍ତି (ୟୁ.ଏନ୍.ଏଫ୍.ସି.ସି.ସି.), ଜୈବ ବିବିଧତା ଚୁକ୍ତି (ୟୁ.ଏନ୍.ସି.ବି.ଡି.) ଓ ପରିବେଶ କେନ୍ଦ୍ରିକ କାର୍ଯ୍ୟକ୍ରମ (ୟୁ.ଏନ୍.ଇ.ପି.) ମାଧ୍ୟମରେ ଜଳବାୟୁ ବିଭୀଷିକା, ଅବକ୍ଷୟିଷ୍ଣୁ ଜୈ ?ବ ବିବିଧତା ଓ ପ୍ରଦୂଷଣର ମୁକାବିଲା ଲାଗି ଉଦ୍ୟମ କରାଯାଉଛି। କାର୍ବନ ଶୂନ୍ୟ ପରିବେଶଟିଏ ପାଇବା ଲାଗି ଦେଶଗୁଡ଼ିକ ପ୍ରୟାସଶୀଳ। କିନ୍ତୁ, ଏଥିରେ ଥିବା ଜଟିଳତାଟି ହେଲା, ବିକାଶ ବୋଇଲେ ଆମେ ଯାହା ବୁଝୁ ତାହା ହାସଲ କରିବାକୁ ହେଲେ ଏହି ତିନିଟି ବିପଦ ଉତ୍କଟ ହେବା ଅନିବାର୍ଯ୍ୟ। କିନ୍ତୁ ତା’ ବୋଲି ଦରିଦ୍ର ରାଷ୍ଟ୍ରଗୁଡ଼ିକୁ ବିକଶିତ ହେବାରୁ ବଞ୍ଚିତ ରଖାଯାଇ ନ ପାରେ! କାରଣ ତାହା ନ୍ୟାୟସଂଗତ ହେବ ନାହିଁ। ଧନୀ ରାଷ୍ଟ୍ରଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିଗତ ଜ୍ଞାନ-କୌଶଳ ଦରିଦ୍ର ଓ ବିକାଶ ଉନ୍ମୁଖ ଦେଶଗୁଡ଼ିକୁ ଅର୍ପଣ କଲେ, ହୁଏତ ଦରିଦ୍ର ରାଷ୍ଟ୍ରଗୁଡ଼ିକ ବିକଶିତ ହେବା ପଥରେ ପୃଥିବୀ ଓ ପରିବେଶକୁ କମ୍ କ୍ଷତି ପହଞ୍ଚାଇବେ। କିନ୍ତୁ ବିଡ଼ମ୍ବନାଟି ହେଲା ଧନୀ ରାଷ୍ଟ୍ରଗୁଡ଼ିକ ଏଭଳି ଉଚ୍ଚ ମୂଲ୍ୟଯୁକ୍ତ ପ୍ରଯୁକ୍ତି ବା ଜ୍ଞାନ-କୌଶଳ ପରକୁ ହସ୍ତାନ୍ତର କରିବାକୁ ଅରାଜି। ତେଣୁ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଆଉ ଏକ ବିଡ଼ମ୍ବନା ହେଲା ଏହି ସବୁ ଘଟୁଥିବା ସତ୍ତ୍ୱେ କେତେକ ଗୋଷ୍ଠୀ ଜଳବାୟୁ ପରିବର୍ତ୍ତନ ଭଳି କଥାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ଏଭଳି ଧାରଣାର ପୃଷ୍ଠପୋଷକ। ଏହା ଠାରୁ ଅଧିକ ଦୁର୍ଭାଗ୍ୟଜନକ ଆଉ କିଛି ହୋଇ ନ ପାରେ।

ଉପସଂହାରରେ କେବଳ ଏତିକି କୁହାଯିବା ଦରକାର ଯେ ମନୁଷ୍ୟ ଜାତି ଚେଇଁବା ଦରକାର। ଚେଇଁ ଶୋଇବାର ଅର୍ଥ ବିପଦର ଏହି ତିନିଟି ଶୂଳ ବା ତ୍ରିଶୂଳର ଆଘାତରେ ଲହୁଲୁହାଣ ହେବା।

(ମତାମତ ଲେଖକଙ୍କ ନିଜସ୍ୱ)

ମୋ: ୯୪୩୭୦୮୦୨୩୩

# ‘ ଅନ୍ତଃକରଣର ଶୁଦ୍ଧତା ଓ ଭଗବାନ ପ୍ରାପ୍ତି ‘

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଏ ମୋହ ମାୟା ସଂସାରରେ ସମସ୍ତିଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ। ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେ ମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ । ତେବେ ଆମ ମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ୍ ଯେ ଯାହାକିଛି ବିଳମ୍ବ ଭଗବତ୍ ମିଳନରେ ହେଉଛି, ସେସବୁ ଆମ ମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ୍ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଏକ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ । ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ । ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ୍ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ୍ । ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ । ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଷ ଦୂରରେ ହିଁ ରହିବ । ଭଗବାନ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ’ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ’ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ’ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ। ? ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ – ୯୯୩୮୯୦୬୦୭୦

# ମହାନ୍ ରଷିଗଣ



ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ।

ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ।

ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ

# କେଶ ଝଡ଼ିବା ସମସ୍ୟାର ସମାଧାନ କରନ୍ତୁ



କେଶ ଝଡ଼ିବା ଏକ ମୁଖ୍ୟ ସମସ୍ୟା। ଆଜିକାଲି ପରିବେଶ ପ୍ରଦୂଷଣ କାରଣରୁ ପ୍ରାୟ ସବୁ ଋତୁରେ କେଶ ଝଡ଼ିଥାଏ। ଏହାକୁ ନେଇ ପୁଅରୁ ଝିଅ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ ରହିବା ଏକ ସ୍ୱାଭାବିକ କଥା, କାରଣ ଆଜିକାଲି ଚନ୍ଦା ହେବାଟା ଆଉ ବଡ଼ କଥା ହୋଇ ନାହିଁ। ଯେଉଁଦିନ କେଶ ସଫା କରିବାର ଅଛି ତା'ର କିଛି ସମୟ ପୂର୍ବରୁ ପାଚିଲା କଦଳୀରେ ମହୁ ମିଶ୍ରଣ କରି ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ତାହାକୁ ନିଜ ମୁଣ୍ଡରେ ଲଗାନ୍ତୁ। ଲଗାଇବା ପରେ କଦଳୀ କେଶରେ ଶୁଖିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। କେଶ ଶୁଖିଯିବା ପରେ ମୁଣ୍ଡକୁ ସଫା କରିଦିଅନ୍ତୁ। ଏହାବ୍ୟତୀତ ଆପଣ ମହୁରେ ଲେମ୍ବୁ ରସ ମିଶାଇ ମଧ୍ୟରେ କେଶରେ ଲଗାଇ ପାରିବେ। ଏହା ଦ୍ୱାରା କେଶର ରୂକ୍ଷପଣ ଦୂର ହୋଇଥାଏ ଓ ଅପେକ୍ଷାକୃତ କେଶ ଝଡ଼ିବା କମ୍ ହୋଇଥାଏ। ଆପଣ ଲଗାଇଉଥିବା ତେଲ ବୋତଲରେ କିଛି ମେଥି ଗୁଣ୍ଡ କରି ପକାଇ ଦିଅନ୍ତୁ। ମେଥି ନୂଆ ଚୁଟି ଉଠାଇବାରେ ସାହାଯ୍ୟ କରିଥାଏ। ଆପଣଙ୍କର ଝଡ଼ି ଯାଇଥିବା କେଶ ସ୍ଥାନରୁ ନୂଆ କେଶ ଉଠାଇବାରେ ମେଥି ବିଶେଷ ସହାୟକ ହେବ। ଏହାବ୍ୟତୀତ ଆପଣ ନିଜ କେଶକୁ ଯେତେ ମଳିଧୂଳିଠାରୁ ଦୂରରେ ରଖିପାରିବେ। ସପ୍ତାହକୁ ଅତିକମ୍‌ରେ ୨ ଥର ମୁଣ୍ଡ ଧୋଇବା ଅଭ୍ୟାସ କରନ୍ତୁ।

# ଶ୍ରୀଗଣେଶ ଓ ଶ୍ରୀବିଷ୍ଣୁଙ୍କ ପୃଷ୍ଠଭାଗ ଦର୍ଶନ ବର୍ଜିତ କାହିଁକି ?



ଆମ ପରମ୍ପରାରେ ଦେବାଦେବୀଙ୍କ ଦର୍ଶନ କରିବା ଶୁଭ ବୋଲି ଗ୍ରହଣ କରାଯାଇଛି। ଦର୍ଶନ ମାତ୍ରକେ ଆମର ପାପ କ୍ଷୟ ହୋଇଥାଏ ବୋଲି ମଧ୍ୟ ମାନ୍ୟତା ରହିଛି। ତେବେ ଭଗବାନ୍ ଗଣେଶ ଏବଂ ବିଷ୍ଣୁଙ୍କୁ ପୃଷ୍ଠ ଭାଗରୁ ଦର୍ଶନକୁ ବର୍ଜିତ କରାଯାଇଛି ? ଗଣେଶ ଏବଂ ବିଷ୍ଣୁ ଉଭୟ ହେଉଛନ୍ତି ସମସ୍ତ ସୁଖ ପ୍ରଦାନକାରୀ ଦେବତା। ଭକ୍ତଙ୍କର ସମସ୍ତ ଦୁଃଖ ନିବାରଣ କରି ଶତ୍ରୁ ବିନାଶ କରିଥାନ୍ତି । ତେଣୁ ପ୍ରତିଦିନ ଗଣେଶ ଏବଂ ବିଷ୍ଣୁଙ୍କ ଦର୍ଶନ କରିବା ଶୁଭ । ଏହାଦ୍ୱାରା ମଧ୍ୟ ଆମର ମନ ଶାନ୍ତ ରହିଥାଏ। କାର୍ଯ୍ୟରେ ସଫଳତା ପାପ୍ତି ହୁଏ। ଗଣେଶ ଠାକୁରଙ୍କୁ ରିଦ୍ଧି ଏବଂ ସିଦ୍ଧିଦାତା କୁହାଯାଏ। ଗଣେଶଙ୍କ ଶରୀରରେ ଜୀବନ ଏବଂ ବ୍ରହ୍ମାଣ୍ଡ ସହ ଯୋଡ଼ା ସମସ୍ତ ଅଙ୍ଗର ନିବାସ। ଗଣେଶଙ୍କ ଶୁଣ୍ଢରେ ଧର୍ମ ବିଦ୍ୟମାନ। କାନରେ ରୁଚି। ବାମ ହସ୍ତରେ ଅନ୍ନ, ଡାହାଣ ହସ୍ତରେ ବର ରହିଛି। ପେଟରେ ସମୃଦ୍ଧି, ନାଭିରେ ବ୍ରହ୍ମାଣ୍ଡ। ଚକ୍ଷୁରେ ଲକ୍ଷ୍ୟ, ପାଦରେ ସାତଲୋକ ରହିଥିବା ବେଳେ ମସ୍ତକରେ ବ୍ରହ୍ମଲୋକ ବିଦ୍ୟମାନ। ଗଣେଶଙ୍କୁ ସମ୍ମୁଖ ଭାଗରୁ ଦର୍ଶନ କରିବା ମାନେ ଉପରୋକ୍ତ ସମସ୍ତ ସୁଖଶାନ୍ତି ଏବଂ ସମୃଦ୍ଧି ପ୍ରାପ୍ତ କରିବା। କିନ୍ତୁ ତାଙ୍କର ପୃଷ୍ଠଭାଗରେ ରହିଛି ଦରିଦ୍ର୍ୟ। ତେଣୁ ପୃଷ୍ଠଭାଗରୁ ଦର୍ଶନ ବର୍ଜିତ ବୋଲି ବିଶ୍ୱାସ ରହିଛି । ସେହିପରି ଭଗବାନ ବିଷ୍ଣୁଙ୍କ ପୃଷ୍ଠ ଭାଗ ଦର୍ଶନ କରିବା ଅଧର୍ମ ବୋଲି ବିଚାର କରାଯାଏ। ମାନ୍ୟତା ଅନୁଯାୟୀ, ଯେଉଁ ବ୍ୟକ୍ତି ବିଷ୍ଣୁଙ୍କୁ ପୃଷ୍ଠଭାଗରୁ ଦର୍ଶନ କରନ୍ତି ତାହାର ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଏ।



# ମା' ସରସ୍ୱତୀଙ୍କ ଆବିର୍ଭାବ କାହାଣୀ



ପୁରାଣ ଅନୁସାରେ, ସୃଷ୍ଟି ଆରମ୍ଭ ବେଳେ ଭଗବାନ ବିଷ୍ଣୁଙ୍କ ଠାରୁ ଆଜ୍ଞା ପାଇ ସୃଷ୍ଟିକର୍ତ୍ତା ବ୍ରହ୍ମା ମନୁଷ୍ୟ ଯୋନିର ରଚନା କରିଥିଲେ। କିନ୍ତୁ ବ୍ରହ୍ମା ନିଜର ସର୍ଜନାରେ ସନ୍ତୁଷ୍ଟ ନଥିଲେ। କାରଣ କାହାର ବି ବାକ୍ ଶକ୍ତି ନଥିଲା । ତେଣୁ ସାରା ବିଶ୍ୱ ବ୍ରହ୍ମାଣ୍ଡ ଥିଲା ନିରବ, ନିସ୍ତବ୍ଧ । ଅନେକ ଚିନ୍ତା କରିବା ପରେ ବ୍ରହ୍ମା ନିଜ କମଣ୍ଡଳୁ ଜଳ ପୃଥିବୀ ଉପରେ ଛିଞ୍ଚିଥିଲେ, ଫଳରେ ପୃଥିବୀରେ କମ୍ପନ ହେବା ସହ ଅଦ୍ଭୁତ ଶକ୍ତି ରୂପରେ ଚର୍ତୁଭୁଜ ବିଶିଷ୍ଟ ସୁନ୍ଦର ନାରୀ ପ୍ରକଟ ହୋଇଥିଲେ। ତାଙ୍କର ଗୋଟିଏ ହାତରେ ଥିଲା ବୀଣା ଏବଂ ଅନ୍ୟ ହାତ ଆଶୀର୍ବାଦ ମୁଦ୍ରାରେ ରହିଥିଲା। ସେହିଭଳି ଅନ୍ୟ ଦୁଇ ହସ୍ତରେ ସେ ପୁସ୍ତକ ଏବଂ ମାଳି ଧାରଣ କରିଥିଲେ। ଦେବୀଙ୍କୁ ବ୍ରହ୍ମା ବୀଣା ବାଦନ କରିବାକୁ କହିଲେ। ଏହାପରେ ଦେବୀ ସରସ୍ୱତୀଙ୍କ ବୀଣାର ମଧୁର ଧ୍ୱନିରୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ବାଣୀ ବା ବାକ୍ ଶକ୍ତି ପ୍ରାପ୍ତ ହୋଇଥିଲା। ନଦୀ, ଝରଣା ସବୁ କଳ କଳ ନାଦରେ ବହିବାକୁ ଲାଗିଲେ। ପ୍ରକୃତିର ଅପରୂପ ଶୋଭାରେ ହସି ଉଠିଲା ସାରା ସଂସାର। ତେଣୁ ବ୍ରହ୍ମା ସନ୍ତୁଷ୍ଟ ହୋଇ ଏହି ସୁନ୍ଦରୀ ନାରୀଙ୍କ ନାମ ଦେଇଥିଲେ ସରସ୍ୱତୀ। ପୁରାଣ ଅନୁଯାୟୀ, ଭଗବାନ ଶ୍ରୀବିଷ୍ଣୁ ମା' ସରସ୍ୱତୀଙ୍କ ଉପରେ ଖୁସି ହୋଇ ବସନ୍ତ ପଞ୍ଚମୀ ଦିନକୁ ସରସ୍ୱତୀଙ୍କ ଜନ୍ମ ଦିବସ ଭାବେ ପାଳନ କରିବାକୁ ବରଦାନ ଦେଇଥିଲେ। ମାନ୍ୟତା ରହିଛି, ଏହିଦିନ କାମଦେବ ପତ୍ନୀ ରତିଙ୍କ ସହ ପୃଥିବୀପୃଷ୍ଠକୁ ଆସିଥାନ୍ତି। ଏଣୁ ଯେଉଁ ପତ୍ନିପତ୍ନୀ ଏହି ଦିନ କାମଦେବ ଓ ରତିଙ୍କୁ ପୂଜା କରିଥାନ୍ତି, ସେମାନଙ୍କ ବୈବାହିକ ଜୀବନ ଖୁସିରେ କଟିଥାଏ। ଏହି ଦିନ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରିବା ବିଧି ରହିଛି।

# କୁକୁଡ଼ା ଦ୍ୱୀପ

ହୱାଇ ଅନ୍ତର୍ଗତ କଓ୍ୱାଇକୁ ଏବେ କୁହାଯାଉଛି 'କୁକୁଡ଼ା ଦ୍ୱୀପ'। କାରଣ ଏହି ଛୋଟିଆ ଦ୍ୱୀପରେ ଏବେ ଜଙ୍ଗଲୀ କୁକୁଡ଼ାଙ୍କ ସଂଖ୍ୟା ମଣିଷଙ୍କଠାରୁ ଅଧିକ ହୋଇଗଲାଣି। ସାଧାରଣତଃ ଜଙ୍ଗଲୀ କୁକୁଡ଼ା ରାତ୍ରିଚର; ତେବେ, ଏଗୁଡ଼ିକ ଦିବାଚର। ଏମାନଙ୍କ ସଂଖ୍ୟା ଆଉ ଜଙ୍ଗଲ ଭିତରେ ସୀମିତ ହୋଇରହିନାହିଁ। ଗ୍ୟାସ୍ ଫିଲିଓ ଷ୍ଟେସନଠାରୁ ଆରମ୍ଭ କରି ସ୍ଥାନୀୟ ବିମାନ ବନ୍ଦର, ବେଳାଭୂମି, ରାସ୍ତା-ଘାଟ ସବୁଆଡ଼େ ଏଗୁଡ଼ିକ ଆଖିରେ ପଡୁଛନ୍ତି। କଓ୍ୱାଇ ଦ୍ୱୀପ ହଜାରେ ବର୍ଷରୁ ଅଧିକ କାଳ ହେଲା, ଜଙ୍ଗଲୀ କୁକୁଡ଼ାଙ୍କ ବାସସ୍ଥାନ। ସ୍ଥାନୀୟ ଭାଷାରେ ଏହାର ନାମ- 'ମୋଆ'। 'ମୋଆ'ଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ଏକାଧିକ କାରଣ। ପ୍ରଥମ କାରଣ ହେଲା, ଦ୍ୱୀପରେ କୁକୁଡ଼ା ଶିକାରୀ ପ୍ରାଣୀ ନାହାନ୍ତି। କଓ୍ୱାଇବାସୀ ଜଙ୍ଗଲୀ କୁକୁଡ଼ା ଖାଆନ୍ତିନାହିଁ। କାରଣ ଏହାର ମାଂସ ସ୍ୱାଦିଷ୍ଟ ନୁହେଁ। ପୁଣି, ଯେତେ ସମୟ ସିଝାଇଲେ ବି ନରମ ହୁଏନାହିଁ। ତେଣୁ, ମଣିଷଙ୍କ ଖାଦ୍ୟ ମଧ୍ୟ ନୁହେଁ। 'ମୋଆ'ର ଅଣ୍ଡା ଖାଦ୍ୟ ଉପଯୋଗୀ ନୁହେଁ। ହେଲେ, ମାଈ 'ମୋଆ' ଅତି ଘଞ୍ଚ ସ୍ଥାନରେ ଲୁଚେଇ ଅଣ୍ଡା ଦେଉଥିବାରୁ, ତାହା ସହଜରେ ମଣିଷ ଆଖିରେ ପଡ଼େନାହିଁ। ତେଣୁ, ଶହ ଶହ ଚିଆଁ ଦିବାଲୋକ ଦେଖୁଛନ୍ତି ଏବଂ ସଂଖ୍ୟା ବଢ଼ିଚାଲିଛି।





# ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାର ଉପାୟ

- ମାଘ ପୂର୍ଣ୍ଣିମା ଦିନ ଗଙ୍ଗାରେ ସ୍ନାନ କରିବା ଦ୍ୱାରା ଭଗବାନ ବିଷ୍ଣୁଙ୍କ ସହିତ ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇଥାଏ। ଏହା ସହିତ ଧନ-ସମୃଦ୍ଧତା ଏବଂ ସୁଖ-ସୌଭାଗ୍ୟ ମଧ୍ୟ
- ପ୍ରାପ୍ତ ହୁଏ।
  ଏହି ଦିନ ଦେବୀ ଲକ୍ଷ୍ମୀଙ୍କ ମନ୍ତ୍ର ଜପ କଲେ ଧନ ବୃଦ୍ଧି ପୋଇଥାଏ । ପରିବାର ମଧ୍ୟ ଖୁସିରେ
- ରୁହନ୍ତି । ଦେବୀ ଲକ୍ଷ୍ମୀଙ୍କ ସହିତ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ଏହି ଦିନ ପୂଜା କରାଯିବା ଉଚିତ।
  ଏହି ଦିନ ଦେବୀ ଲକ୍ଷ୍ମୀଙ୍କୁ ହଳଦିଆ ଏବଂ ଲାଲ ରଙ୍ଗର ସାମଗ୍ରୀ ଅର୍ପଣ କରାଯିବା ଉଚିତ। ଏହା ବ୍ୟତୀତ ସେ ଦେବୀ ଲକ୍ଷ୍ମୀଙ୍କୁ କ୍ଷୀର ଅର୍ପଣ କଲେ ପ୍ରସନ୍ନ ହୁଅନ୍ତି। ଏହାଦ୍ୱାରା ମନୋସ୍କାମନା
- ପୂର୍ଣ୍ଣ ହୋଇଥାଏ।
  ମାଘ ପୂର୍ଣ୍ଣିମାରେ ତେଲ, ଘିଅ, ଗୁଡ଼, ଲୁଣ, କମ୍ବଳ, ପୋଷାକ, ପାଞ୍ଚ ପ୍ରକାରର ଶସ୍ୟ ଏବଂ
- ଗୋ ଦାନ କରିବା ଦ୍ୱାରା ଅନେକ ଗୁଣ ଅଧିକ ପୁଣ୍ୟ ମିଳିଥାଏ।
  ଆର୍ଥିକ ସମସ୍ୟା ଦୂର କରିବା ପାଇଁ, ଏହି ଦିନ ୧୧ଟି କଉଡିକୁ ହଳଦିଆ ରଙ୍ଗରେ ରଙ୍ଗ ଦେଇ ଦେବୀ ଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ। ଏହା ପରେ ଏହାକୁ ଏକ ନାଲି କପଡ଼ାରେ ବାନ୍ଧି ସିନ୍ଧୁକ କିମ୍ବା
- ଅର୍ଥ ରଖୁଥିବା ସ୍ଥାନରେ ରଖନ୍ତୁ ।
  ମାଘ ପୂର୍ଣ୍ଣିମା ଦିନ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଶ୍ରୀସୂକ୍ତ ପାଠ କରିବା ଲାଭଦାୟକ ଅଟେ। ଏହା କରିବା ଦ୍ୱାରା, ମା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ସୁଖ ଏବଂ ସମୃଦ୍ଧିତା ଆଶୀର୍ବାଦ କରନ୍ତି । ଏହା ବ୍ୟତୀତ, ତୁଳସୀ ଗଛ ମୂଳେ ଘିଅଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ବିଶେଷ
- ଆଶୀର୍ବାଦ ପ୍ରାପ୍ତ ହୁଏ।
  ଏହି ପୂର୍ଣ୍ଣିମା ଦିନ, ଚନ୍ଦ୍ର ଦେବତାଙ୍କୁ କ୍ଷୀର ଅର୍ପଣ କରିବା ଚନ୍ଦ୍ର ଗ୍ରହକୁ ମଜଭୁତ ହୋଇଥାଏ। ଏହା ସହିତ ଆର୍ଥିକ ସମସ୍ୟାର ମଧ୍ୟ ସମାଧାନ ହୁଏ।

# ଧର୍ମରାଜ୍ୟ ସ୍ଥାପନ କରିଥିଲେ ଶ୍ରୀକୃଷ୍ଣ



ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧର୍ମଆଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ୍ୟ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତିଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା।

# ସର୍ବୋଚ୍ଚ ମହାଦେବ ମୂର୍ତ୍ତି

ନେପାଳର ରାଜଧାନୀ କାଠମାଣ୍ଡୁଠାରୁ ୨୦କିଲୋମିଟର ଦୂର ସାଙ୍ଗାଠାରେ ଥିବା କୈଳାସନାଥ ମହାଦେବ ମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ମହାଦେବ ମୂର୍ତ୍ତି ଭାବେ ପରିଚିତ। ତମ୍ବା, ଜିଙ୍କ୍, କଂକ୍ରିଟ ଏବଂ ଷ୍ଟିଲ୍‌ରେ ତିଆରି ଏହି ମୂର୍ତ୍ତି ୧୪୩ ଫୁଟ ଉଚ୍ଚ। ଆଉ କିଛି ମାସ ପରେ ଭାରତ ଏହି ରେକର୍ଡର ଅଧିକାରୀ ହେବାକୁ ଯାଉଛି। ରାଜସ୍ଥାନର ନାଥଦ୍ୱାରାଠାରେ ୩୫୧ ଫୁଟ ଉଚ୍ଚ ମହାଦେବଙ୍କ ବିଶାଳକାୟ ମୂର୍ତ୍ତି ନିର୍ମାଣ କରାଯାଉଛି। ଏହା ଷ୍ଟାଚ୍ୟୁ ଅଫ୍ ଲର୍ଡ ଶିବ ଧୁଲିଲାଲ୍ ଏବଂ ଷ୍ଟାଚ୍ୟୁ ଅଫ୍ ବିଲିଫ୍ ଭାବେ ପରିଚିତ ହେବ। ଉଦୟପୁରଠାରୁ ୫୦ କିଲୋମିଟର ଦୂରରେ ଥିବା ଗଣେଶ ଟେକରୀଠାରେ ଏହି ମୂର୍ତ୍ତି ନିର୍ମାଣ ଚାଲିଛି। ୨୦୧୨ରୁ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଏହା ଚାରିପଟେ ପ୍ରାୟ ୩୦୦ବର୍ଗଫୁଟ ଅଞ୍ଚଳରେ ଏକ ସୁଶୋଭିତ ଉଦ୍ୟାନ କରାଯିବ।



## ପର୍ଶନାଲ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟି ପର୍ଶନାଲ୍ ଆଶୀର୍ବାଦ ନେଇ ଚାଲିଗଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

# ଭୁଲି ଗଲେ ଅବହେଳିତ ସ୍ୱାସ୍ଥ୍ୟ କେନ୍ଦ୍ର



**ବରଗଡ଼ ୧୮/୪(ନି.ପ୍ର):** ବରଗଡ ଜିଲ୍ଲା ଅତାବିରା ୫୩ ନମ୍ବର ମୁଖ୍ୟ ଜାତୀୟ ରାଜପଥ ବରଗଡ-ସମ୍ବଲପୁର ଓ୍ୱେରେ ହଜାର ହଜାର ଲୋକଙ୍କ ନିର୍ଭରଶୀଳ ତଥା ଅଞ୍ଚଳର ପ୍ରାଣ କେନ୍ଦ୍ର ଭାବେ ବେଶ୍ ପରିଚିତ ଅବହେଳିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ।ଏଠାକାର ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଅଲଗା ।କେବଳ ରେଫର୍ ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ।ଯାହା ଏହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଙ୍କ ଗସ୍ତ କୁ ନେଇ ଅତାବିରା ଅଞ୍ଚଳ ରେ ଅନେକ ଉତ୍ସାହ ଉଦ୍ଦୀପନା ବୃଦ୍ଧି ପାଇ ସତେ ଯେମିତି ଗୁଡ଼ାଏ ଆଶା ପୂରଣ ହେବ, ଅବ୍ୟବସ୍ଥା ଘେରରେ ରହିଥିବା ସ୍ୱାସ୍ଥ୍ୟ କେନ୍ଦ୍ର ର ଅବସ୍ଥା ସୁଧୁରିଯିବ ।ସ୍ୱାସ୍ଥ୍ୟ ମନ୍ତ୍ରୀ ଆସି ଅବହେଳିତ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ୟା ବୁଝିବେ ଲୋକଙ୍କ ସରକାର ଲୋକଙ୍କ କଥା ଶୁଣିବେ,ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ଜନତା ଆଶା ବାନ୍ଧି ଥିଲେ ହେଁ ପାଣି ଫଟକା ସଦୃଶ୍ୟ ସବୁ ଆଶା ମଉଳି ଯାଇ ଥିଲା ।ଯାହା ସ୍ୱାସ୍ଥ୍ୟ ମନ୍ତ୍ରୀ କାର ଯୋଗେ ସଦଳବଳେ ୫୩ନଂ ମୁଖ୍ୟ ରାଜରାସ୍ତା ରେ ଓହ୍ଲେଇ ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଲୋକଙ୍କ କଥା ତ ତେଣିକି ଥାଉ ରାଜରାସ୍ତା ଉପରେ ମନ୍ତ୍ରୀ ଙ୍କ ଗାଡ଼ି ମଟର ଭିଡ଼ ଯୋଗୁଁ ଆମ୍ବୁଲାନ୍ସ ମଧ ବାଟ ପାଇ ନ ଥିଲା ।କିଛି ସମୟ ପାଇଁ ଅଞ୍ଚଳ ଟି ସ୍ତବ୍ଧ ହୋଇ ଯାଇଥିଲା ।ଗୋଟେ ପଟେ ରାଜରାସ୍ତା ଉପରେ ମନ୍ତ୍ରୀ ଙ୍କ ଗାଡ଼ି ମଟର ସହ ସ୍ୱାଗତଂ ସମ୍ବର୍ଦ୍ଧନା ତ ଅନ୍ୟ ପଟେ ଆମ୍ବୁଲାନ୍ସ ର ଆଉଁ ଆଉଁ ଶବ୍ଦ ଲୋକ ଙ୍କୁ ବ୍ୟସ୍ତ ବିବ୍ରତ କରି ପକେଇଥିଲା ।ଏହା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମହାଲିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦେଇ ନିକଟରେ ଥିବା ଏକ ପଡାକୁ ଯାଇ ହିତାଧିକାରୀ ଙ୍କୁ ପର୍ଶନାଲ ଆୟୁଷ୍ମାନ ଭାରତ ଯୋଜନା ଓ ଗୋପବନ୍ଧୁ ଆରୋଗ୍ୟ ଯୋଜନା ରେ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିବା ସହ ପର୍ଶନାଲ ଆଶୀର୍ବାଦ ନେଇ ଚାଲି ଯାଇ ଥିବାବେଳେ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପ୍ରବେଶ ସମୟରେ ବାମ ପାର୍ଶ୍ୱରେ ଅବହେଳିତ ସ୍ୱାସ୍ଥ୍ୟ କେନ୍ଦ୍ର ସହ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ତଥା ଡାହାଣ ପାର୍ଶ୍ୱରେ ମଶାମାଛି ଙ୍କ ଏନ୍ତୁଡ଼ି ଶାଳ କୁ ମଧ ନଜର ପଡ଼ି ନଥିବା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ହୋଇଛି ।କେବଳ ସେତିକି ନୁହେଁ ଗତ ଡିସେମ୍ବର ୧୯ତାରିଖ ସାପ କାମୁଡାରେ ସ୍ଥାନୀୟ ଅଂଚଳ ତଥା ଭୋଇ ପୂରା ର ମନୋରଞ୍ଜନ ନାମକ ଜଣେ ବୟସ୍କ ଖୁଚୁରା ବ୍ୟବସାୟୀ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅବହେଳା ଯୋଗୁଁ କୌଣସି ଚିକିତ୍ସା ନପାଇଁ ବୁର୍ଲା ରେଫର କରିଦେଇଥିବା ବେଳେ ରାସ୍ତା ରେ ତାଙ୍କର ମୃତ୍ୟୁ ଘଟିଥିଲା ।ଏଇ ଅବହେଳିତ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କ ଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିନଥିଲା ।କେବଳ ଆୟୁଷ୍ମାନ କାର୍ଡ ବାଣ୍ଟିବା ପାଇଁ ଆସିଥିଲୁ କହି ଚାଲି ଯାଇଥିଲେ ।ଏହା ବ୍ୟତୀତ ଓଡିଶା ପ୍ରଦେଶ ରେ ୪୮ହଜାର ରୁ ଉର୍ଦ୍ଧ ଆଶା ଦିଦି ଘର କୁ ଘର ବୁଲି ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ ପ୍ରକ୍ରିୟା ଜାରି ରହିଛି ଓ ଓଡ଼ିଶାରେ ସାଢ଼େ ୪କୋଟି ଜନତା ସେଥିମଧ୍ୟରୁ ତିନି କୋଟି ପଚାଶ ଲକ୍ଷ ହିତାଧିକାରୀ ଏହି କାର୍ଡ ପାଇବେ ।କୌଣସି କାରଣ ବଶତଃ କାର୍ଡ ଧାରୀ ଆଧାର କାର୍ଡ ଦେଖାଇ ସମ୍ପୂର୍ଣ ଭାରତ ବର୍ଷ ର ୨୯୦୦୦ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କ ରେ ଚିକିତ୍ସା ହୋଇ ପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରି ଥିଲେ ।ତେବେ ଦେଖାଯାଉ ଆଉ କୋଉ କେନ୍ଦ୍ର ମନ୍ତ୍ରୀ ଆସିଲେ ବୋଧେ ସ୍ୱାସ୍ଥ୍ୟ କେନ୍ଦ୍ର ର ଅବସ୍ଥା ସୁଧୁରିବ ।

## କାର୍ ପଛକୁ ଧକ୍କା ଦେଲା ଟ୍ରକ୍ ମଦ୍ୟପ ଟ୍ରକ୍ ଚାଳକ ଗିରଫ

**ହିଞ୍ଜିଳିକାଟୁ ୧୮/୪(ନି.ପ୍ର):** ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସମରଝୋଳ ଗ୍ରାମ ନିକଟସ୍ଥ ଚକ୍ଷୁ ଚିକିତ୍ସାଳୟ ସମ୍ମୁଖରେ କାର୍ ପଛକୁ ଏକ ଟ୍ରକ୍ ଧକ୍କା ଦେଇଛି ।? ଦୂର୍ଘଟଣାରେ କାରର ପଛଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କାରରେ ଯାତ୍ରା କରୁଥିବା ଯାତ୍ରୀ ମାନେ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୂର୍ଘଟଣାଗ୍ରସ୍ତ ଗାଡିକୁ ଥାନାକୁ ଆଣିଛି। ଟ୍ରକ୍ ଚାଳକ ଜଣଙ୍କ ପ୍ରଚୁର ମଦ୍ୟପାନ କରି ଗାଡି ଚାଳନା କରୁଥିବା ପରୀକ୍ଷାରୁ ଜଣାପଡିଛି। ଏ ନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ମଦ୍ୟପ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ଅନନ୍ତେଇ ଗ୍ରାମର ଗୁଡୁ ସାମଲ (୩୧) । ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଆସିକା ଠାରୁ ଏକ କାର୍ () ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ କାର୍ ପଛରେ ଏକ ଧାନ ବୋଝେଇ ଟ୍ରକ ଦ୍ରୁତଗତିରେ ଆସି ଚକ୍ଷୁ ଚିକିତ୍ସାଳୟ ସମ୍ମୁଖରେ କାର୍ ପଛକୁ ଧକ୍କା ଦେଇ ଚାଳକ ଟ୍ରକକୁ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ହିଞ୍ଜିଳି ପୁଲିସ ଟ୍ରକକୁ ପିଛା କରି ଗାଡି ସହ ଚାଳକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।

## ନାରୀ ସୁରକ୍ଷା ଅଭିଯୋଗରେ ମଶାଲ ଶୋଭାଯାତ୍ରା କରି ପ୍ରତିବାଦ କରିଛି କାକଟପୁର କଂଗ୍ରେସ

**ନିମାପଡା୧୮/୪(ନି.ପ୍ର):** ଓଡ଼ିଶା ରେ ଘଟୁଥିବା ନାରୀ ନିର୍ଯାତନା ବିରୁଦ୍ଧ ରେ ଶାନ୍ତି ପୂର୍ଣ୍ଣ ଭାବରେ ବିଧାନ ସଭା ଘେରାଉ କାର୍ଯ୍ୟକ୍ରମ ରେ ମାତ୍ରାଧିକ ପୋଲିସ କାର୍ଯ୍ୟାନୁଷ୍ଠାନ ଓ ବେଆଇନ ଭାବେ ୫୦୦୦ କଂଗ୍ରେସ୍ କର୍ମୀ ଓ ନେତାମାନଙ୍କ ନାମ ରେ ମାମଲା ରୁଜୁ କରିବା ଓ କେନ୍ଦ୍ରର ବିଜେପି ସରକାର ଦ୍ୱାରା ଅଣା ଯାଇଥିବା କଳା ଓ୍ୱାକଫ୍ ବିଲ୍ ୨୦୨୫ ର ପ୍ରତ୍ୟାହାର ଦାବି ରେ କାକଟପୁର ବ୍ଲକ୍ କଂଗ୍ରେସ୍ ରାଜ ରାସ୍ତାରେ ଆଜି ଗର୍ଜିବାର ଦେଖିବାକୁ ମିଳିଛି । ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ମଶାଲ ଶୋଭାଯାତ୍ରା ବ୍ଲକ୍ କଂଗ୍ରେସ୍ କମିଟି ସଂଯୋଜକ ଯଶୋବନ୍ତ ନାରାୟଣ ମହାନ୍ତି ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି। ଯେଉଁଥିରେ କଂଗ୍ରେସ ର ଶତାଧିକ କର୍ମୀ ଓ ନେତା ମାନେ ଯଥା ସର୍ବସ୍ୱ ଶେଖ୍ ଅତିଉର୍ ରହମାନ ପୁରୀ ଜିଲ୍ଲା କଂଗ୍ରେସ୍ କମିଟି ସଂଖ୍ୟା ଲଘୁ ସେଲ ଅଧ୍ୟକ୍ଷ, ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ୍ ବିହାରୀ ମହାନ୍ତି, ପୁରୀ ଜିଲ୍ଲା କଂଗ୍ରେସ୍ କମିଟି ସମ୍ପାଦକ ସୋମ୍ୟକାନ୍ତ ଖୁଣ୍ଟିଆ, ସଂଖ୍ୟା ଲଘୁ ନେତା ଶେଖ୍ ଲିଆକତ୍, ପୂର୍ବତନ ବ୍ଲକ ସଭାପତି ଅବଧୂତ ସ୍ୱାଇଁ, ନଳିନୀ କାନ୍ତ ଦିକ୍ଷୀତ, ମିର୍ଜା ରଜାବ ଅଲ୍ଲୀ, ମଲ୍ଲିକ ଏନାମୁଲ, ଶେଖ୍ ତାଫିକ, ଶେଖ୍ ରାଜୁ, କରୁଣା କର ସେନାପତି, ପ୍ରକାଶ ଦାସ, ଶାନ୍ତନୁ ସାହୁ, ରାଜୀବ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଶୋଭାଯାତ୍ରା କୁ କାକଟପୁର ପୋଲିସ ପ୍ରଶାସନ ର ସମ୍ପୂର୍ଣ୍ଣ ସହଯୋଗ କରି ଶାନ୍ତି ପୂର୍ଣ୍ଣ ଭାବରେ ନୂତନ ବସ ଷ୍ଟାଣ୍ଡ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ଜାଇ ଥିଲା ।

## ଟାଟାଷ୍ଟିଲ ମେରାମଣ୍ଡଳି ପକ୍ଷରୁ ଅଗ୍ନିନିର୍ବାପକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

**ଓଡ଼ାପଡ଼ା/ହିନ୍ଦୋଳ୧୮/୪(ନି.ପ୍ର):** ଆଜି ଓଡ଼ାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଟାଟା ଷ୍ଟିଲ ମେରାମଣ୍ଡଳି ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ଦିବସ ପାଳନ ଅବସରରେ ଏକ ଅଗ୍ନିନିର୍ବାପକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହା ଏପ୍ରିଲ ୧୪ ରୁ ଆରମ୍ଭ କରାଯାଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଟାଟାଷ୍ଟିଲ ( ଟି ଏସ୍ ଏମ୍) ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଟାଟା ଷ୍ଟିଲ ମେରାମଣ୍ଡଳି ଅତିରିକ୍ତ ଅଗ୍ନିଶ୍ରମ ଅଧିକାରୀ ସଂଜୟ ସାମଲ ଯୋଗ ଦେଇ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ କୌଣସି ଅଗ୍ନିକାଣ୍ଡ ଘଟିଲେ ତାକୁ କିପରି ମୁକାବିଲା କରି ଧନଜୀବନ ସୁରକ୍ଷିତ ରଖି ପାରିବ ସେ ସଂପର୍କରେ ସଚେତନତା କରାଇଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଟାଟା ଷ୍ଟିଲ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅଗ୍ନିଶ୍ରମ ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କୁ ଡେମୋ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଟାଟା ମେଡିଆ ସେଲ ର ଭବାନୀ ଶଙ୍କର କର ସହଯୋଗ କରିଥିଲେ।

## ବିଜୁବାବୁଙ୍କ ୨୮ତମ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଲା ହିଞ୍ଜିଳି ବିଜେଡି



**ହିଞ୍ଜିଳିକାଟୁ ୧୮/୪(ନି.ପ୍ର):** ଓଡିଶାର ପ୍ରବାଦ ପୁରୁଷ, ମହାନ ଜନନାୟକ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ହିଞ୍ଜିଳି ବିଜେଡି ପକ୍ଷରୁ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ହିଞ୍ଜିଳିକାଟୁ ପୌରାଞ୍ଚଳ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୌର ଓ ବ୍ଲକ ବିଜେଡି ମିଳିତ ସହଯୋଗରେ ଗୁରୁବାର ବିଜୁବାବୁଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି । ଗୁରୁବାର ସକାଳେ ଶତାଧିକ ଦଳୀୟ କର୍ମୀ ସ୍ଥାନୀୟ ଘୋଡାହାଡ ନଦୀରେ ପହଞ୍ଚି ତିଳତର୍ପଣ କରିଥିଲେ । ପରେ ବଇଁଚବଣିଆ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବିଜୁବାବୁ ଅମର ରହେ ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଥିଲା । ମୁଖ୍ୟ ସଡକ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଓ ଶିଶୁ ଉଦ୍ୟାନ ପରିସରରେ ଅବସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ କର୍ମୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା। ରାଜ୍ୟରେ ବିଜେପି ଶାସନ କ୍ଷମତା ଦଖଲ କରିବା ପରେ ହିନ ଚକ୍ରାନ୍ତ ରଚି ବିଜୁବାବୁଙ୍କୁ ଅପମାନ କରିବା ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀକୁ ଭାଙ୍ଗିବା, ନିଆଁ ଲଗାଇବା ସହ ରଙ୍ଗ ବଦଳାଇବା ଭଳି ବହୁ ଅଶୋଭନୀୟ କାମ କରିଚାଲିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁଳିଗାସୀକୁ ଖତମ କରିବା ପାଇଁ ଉଦ୍ୟମ କରାଯାଉଅଛି। ଆଗାମୀ ଦିନରେ ବିଜେଡି ପକ୍ଷରୁ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଦଳୀୟ କର୍ମୀ ମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌରାଞ୍ଚଳ ପ୍ରତିନିଧି ପ୍ୟାରୀମୋହନ ପାଢି, ନିଳମଣି ପଟ୍ଟନାୟକ, ତରୁଣ କୁମାର ପଣ୍ଡା, ଅଜୟ ମହାରଣା, ଯୁଧିଷ୍ଠିର ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ସନ୍ତୋଷ ମହାରଣା, ରୋହିତ ବିଷୋୟୀ, ସରୋଜ ପଣ୍ଡା, ଭିକା ବେହେରା, ବସନ୍ତ ବେହେରା, ଜଗନ୍ନାଥ ଚୌଧୁରୀଙ୍କ ସମେତ ବହୁ କାଉନସିଲର ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ବରଗଡ଼ ଜିଲ୍ଲା ରେ ବହୁମୂଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଙ୍କ ପଦୋନ୍ନତି ରେ କେଲେଙ୍କାରୀ

**ବରଗଡ଼ ୧୮/୪(ନି.ପ୍ର):** ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଙ୍କ ପୂର୍ବର କ୍ୟାଡ଼ର ଅନୁସାରେ ଗୋଟିଏ ମାତ୍ର ପଦୋନ୍ନତି ଥିଲା ।ନୂତନ କେଡର ସ୍ୱାସ୍ଥ୍ୟ ବିଭାଗ ଚିଠି ନଂ ୨୯ ୧୦୧ ତା ୨୪.୧୧.୨୦୨୩ ରିଖରେ ପ୍ରକାଶ ପାଇଲା ।ଗ୍ରେଡେସନ ଲିଷ୍ଟ ଫାଇନାଲ କରି ନୂତନ କେଡର ଓ ସୁପ୍ରିମ କୋର୍ଟ ନୂତନ ଅର୍ଡର ନୂତନ ନିୟମ ଅନୁଯାୟୀ ତା ୨୦ -୦୧ -୨୫ ରିଖ ସୁଦ୍ଧା ଯୋଗ୍ୟ ପ୍ରାର୍ଥୀ ମାନଙ୍କର ପଦୋନ୍ନତି ପ୍ରକ୍ରିୟା ଶେଷ କରିବା ପାଇଁ ସମସ୍ତ ସିଡିଏମଓ ମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଚିଠି ନଂ ୩୫୦୦୨ ତା ୨୧.୧୨.୨୦୨୪ ରିଖ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଇଥିଲା। ସମୟାନୁକ୍ରମେ ଗୋଟିଏ ଗୋଟିଏ କରି ପ୍ରାୟ ଜିଲ୍ଲା ଡିପିସି ( ଡିପାର୍ଟମେଣ୍ଟାଲ ପ୍ରମୋସନ କମିଟି ) ନିଜ ଜିଲ୍ଲାରେ ବସାଇ ଡିପିସି ବସିବାର ଦିନେ ଦୁଇ ଦିନରୁ ସାତ ଦିନ ମଧ୍ୟରେ ପ୍ରମୋସନ ଅର୍ଡର ବାହାର କରି ପ୍ରମୋସନାଲ ଦରମା ପାଇଲେଣି ।କିନ୍ତୁ ଦୁଃଖର ବିଷୟ ଏହି ଯେ,ବହୁତ ବିଳମ୍ବରେ ହେଲେ ମଧ ବରଗଡ଼ ଜିଲ୍ଲାର ସିଡିଏମଓ ଙ୍କ ଅଫିସ କାର୍ଯ୍ୟାଳୟ ର ଚିଠି ନମ୍ବର:୧୬୪୫, ତା :୦୧-୦୩-୨୫ ଅନୁଯାୟୀ ତା ୦୬ - ୦୩ - ୨୫ ରିଖ ରେ ସିଡିଏମଓ ଙ୍କ ମିଟିଂ ହଲ ଠାରେ ସିଡିଏମଓ କାର୍ଯ୍ୟାଳୟ ଓ ଜିଲ୍ଲାପାଳ କାର୍ଯ୍ୟାଳୟର ଡିପିସି ମେମ୍ବର ଙ୍କ ଉପସ୍ଥିତିରେ ଡିପିସି ବସିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ପ୍ରମୋସନାଲ ଅର୍ଡର ବାହାର କରାଗଲାନାହିଁ କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କାହାର କାହାର ସ୍ୱାର୍ଥ ହାସଲ ପାଇଁ ମଧୁ ଚନ୍ଦ୍ରିକା ରେ କାହାର ଇଙ୍ଗିତ ରେ ସାରା ବରଗଡ଼ ଜିଲ୍ଲାର ବହୁମୂଖୀ ସ୍ୱାସ୍ଥ୍ୟକର୍ମୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ କୁ ଜଳାଞ୍ଜଳି ଦେଇ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ଦିଆଯାଇଛି ।ସମସ୍ତ ଡିପିସି ମେମ୍ବରଙ୍କ କାର୍ଯ୍ୟ କଳାପ ସନ୍ଦେହ ଘେରରେ। ଯେଉଁଥି ପାଇଁ ସମସ୍ତ ବହୁମୂଖୀ ସ୍ୱାସ୍ଥ୍ୟ କର୍ମୀ ଆର୍ଥିକ ଓ ମାନସିକ ଯନ୍ତ୍ରଣା ଭୋଗ କରୁଛନ୍ତି ।ତେଣୁ ବରଗଡ଼ ଜିଲ୍ଲାର ସମସ୍ତ ବହୁମୂଖୀ ସ୍ୱାସ୍ଥ୍ୟକର୍ମୀ ସ୍ୱାସ୍ଥ୍ୟ ସମ୍ପାଦକ , ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛନ୍ତି ଏହାର ଯଥାଶୀଘ୍ର ତଦନ୍ତ କରି ନ୍ୟାୟିକ ପ୍ରକ୍ରିୟାରେ ପଦୋନ୍ନତି କରାଯାଉ।

## ପି ଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ୮୧ ତମ ବାର୍ଷିକ ଉତ୍ସବ

**ନିମାପଡା ୧୮/୪(ନି.ପ୍ର):** ପି ଏମ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୮୧ ତମ ବାର୍ଷିକ ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । କାକଟପୁର ର ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ଭାବରେ କାକଟପୁର ସରକାରି ଉଚ୍ଚ ବିଦ୍ୟାଳୟକୁ ବିବେଚନା କରାଯାଇଛି । ଏହି ବିଦ୍ୟାଳୟରେ ପ୍ରତିବର୍ଷ ମେଧାବୀ ଛାତ୍ର ଛାତ୍ରୀ ଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାରେ ସୁଯୋଗ ପ୍ରଦାନ କରି ଆସିଛି । କାରଣ ପୂର୍ବତନ କାଳରୁ ଅଦ୍ୟାବଧି ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପିଲା ମାନଙ୍କ ପ୍ରତି ନିଜର ଦାଇତ୍ୱ ଏବଂ କର୍ତ୍ତବ୍ୟ ସଠିକ ଭାବରେ ନିର୍ବାହ କରି ଥାନ୍ତି। ଉତ୍ତମ ବିଦ୍ୟାଳୟ ପରିଚାଳନା ପାଇଁ ନିକଟ ଅତୀତରେ ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ର ମାନ୍ୟତା ମଧ ପାଇ ପାରିଛି। ଗତ କାଲି ସନ୍ଧ୍ୟାରେ ଏହି ବିଦ୍ୟାଳୟ ତାର ୮୧ ତମ ବାର୍ଷିକ ଉତ୍ସବ ପାଳନ କରିଛି । ପୂର୍ବାହ୍ନ ସକାଳ ପ୍ରାୟ ୮ ଘଟିକା ସମୟରେ ପ୍ରାଚୀ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ବିଦ୍ୟାଳୟ ର ୮୧ତମ ଜନ୍ମ ତିଥିରେ ବିଦ୍ୟାଳୟର ଉନ୍ନତି ତଥା ବିକାଶ ପାଇଁ ୮୧ ଟି ଦୀପ ଦାନ କରାଯାଇଥିଲା ଏବଂ ପ୍ରାଚୀର ପତ୍ରିକା ' କସ୍ତୁରୀ' ର ଲୋକାର୍ପଣ, ଆମ ସଂସ୍କୃତି ଆମ ଖେଳନା, ବିଜ୍ଞାନ ପ୍ରଦର୍ଶନୀ, କଳା ପ୍ରଦର୍ଶନୀ, ଆକାଂକ୍ଷା ପାଠ୍ୟକ୍ରମ ପ୍ରଦର୍ଶନୀ ମାନ କାର୍ଯ୍ୟକ୍ରମ ମନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସମୟରେ ବିଦ୍ୟାଳୟରେ ମାନ୍ୟ ଗନ୍ୟ ଅତିଥି ମାନଙ୍କୁ ନେଇ ଦ୍ୱିତୀୟ ଅଧିବେଶନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ରାଉତ କରିଥିଲେ ଏବଂ ବିଦ୍ୟାଳୟ ର ବାର୍ଷିକ ବିବରଣୀ ବିଦ୍ୟାଳୟର ଶିକ୍ଷକ ପିତବାସ ଦୀକ୍ଷିତ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତିରଞ୍ଜନ ମିଶ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ର ଅତିରିକ୍ତ ନିର୍ଦ୍ଦେଶକ ଡଃ ବିଶ୍ୱଜିତ ଘୋଷ, ଅନୁଗୁଳ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ସାହୁ, ସମ୍ପାଦକ 'ଚିର ସନ୍ଧାନ' ଶ୍ରୀଯୁକ୍ତ ପାର୍ଥ ସାରଥୀ ଅଜୟ ବାରିକ, ଓଡ଼ିଶାର ବିଶିଷ୍ଟ କଣ୍ଠ ଶିଳ୍ପୀ ସୁଶ୍ରୀ ଶୈଳଭାମା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟରୁ ଜିଲ୍ଲା ଏବଂ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉପକୌଢ଼ନ,ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବ ଶେଷରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାରମ୍ପରିକ ଲୋକନୃତ୍ୟ ଦଣ୍ଡ ଯାତ୍ରା ଉଦଯାପିତ



**ଆଠମଲ୍ଲିକ ୧୮/୪(ନି.ପ୍ର):** ଆଠମଲ୍ଲିକ ଅଂଚଳର ପାରମ୍ପରିକ ଲୋକ ନୃତ୍ୟ ଯାହାକି ରାଜା ରାଜୁଡ଼ା ଅମଳରୁ ପ୍ରଚଳିତ ହୋଇ ଆସୁଥିବା ଦଣ୍ଡ ଯାତ୍ରା ଚଳିତ ବର୍ଷ ବହୁ ଆନନ୍ଦ ଉଲ୍ଲାସ ର ମଧ୍ୟରେ ଉଦଯାପିତ ହୋଇଯାଇଛି। ଏହା ମେରୁ ଯାତ୍ରା ନାମରେ ପ୍ରଚଳିତ। ଏହିଦିନ ସକାଳୁ ଦଣ୍ଡୁଆ ମନେ ନିଜ ନିଜ ଗ୍ରାମ ରେ ଘରକୁ ଘର ଯାଇ ବନ୍ଦାଣ କିଣି ଥିବା ବେଳେ ଅପରାହ୍ନ ରେ ଧୂଳି ଦଣ୍ଡ ସନ୍ଧ୍ୟା ରେ ପାଣି ସେବା କରିଥାନ୍ତି। ଏହି ପାଣି ସେବାରେ ଦଣ୍ଡୁଆ ଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ସମବେତ ହୋଇ ପ୍ରଭୁଙ୍କର ପାଣି ସେବା ଦେଖିବା ସହିତ ଦର୍ଶନ କରିଥାନ୍ତି। ବହୁ ଉପାସକ ସେଠାରେ ନିଜ ନିଜ ର ଭୋଗ ପ୍ରଭୁ ଙ୍କ ନିକଟରେ ଲାଗି କରାଇଥାନ୍ତି। ପାଣି ସେବା ସରିଲା ପରେ ଏକ ବିରାଟ ପଟୁଆର ରେ ଦଣ୍ଡୁଆ ମାନେ ଦାଣ୍ଡୁଆଳି ଖେଳି ଯଜ୍ଞ ମଣ୍ଡପ କୁ ଆସିଥାନ୍ତି। ଏହି ଅବସରରେ ପ୍ରଭୁ ମହାଦେବ ଓ ମାତା କାଳୀ ଙ୍କୁ ଧରି ଉପାସକ ଓ ଦଣ୍ଡୁଆ ଓ ଶ୍ରଦ୍ଧାଳୁ ଝାମୁ ଯାତ୍ରା ରେ ସାମିଲ ହୋଇ ନିଆଁ ଉପରେ ଚାଲଥାନ୍ତି। ପୂଜକ ଯଥା ରୀତିନୀତି ରେ ପୂଜା ସମ୍ପନ୍ନ କଲା ପରେ ତେର ଭୋକ୍ତା ଓ ପାଟ ଭୋକ୍ତା ଙ୍କ ସ୍ୱତନ୍ତ୍ର ପୂଜା ହୋଇଥାଏ ପରେ ଦଣ୍ଡୁଆ ଶ୍ରଦ୍ଧାଳୁ ମାନେ ପଣା ପିଇ ଉପାସନା ଭଙ୍ଗା କରିଥାନ୍ତି ।ରାତି ସମୟ ରେ ରାତ୍ର ଦଣ୍ଡ ଅନୁଷ୍ଠିତ ହୋଇ ଷୋହଳ ସୁଆଙ୍ଗ ରେ ଦଣ୍ଡ ନୃତ୍ୟ ପରିବେଷଣ ହୋଇ ଦଣ୍ଡ ଯାତ୍ରା ସମ୍ପୂର୍ଣ୍ଣ ଥିଏ । ଏହିପରି ଭାବରେରେ ଚଳିତ ବର୍ଷ ରାମେଶ୍ୱରପାଟଣା ଦଣ୍ଡ, ରୁଗୁଡ଼ି ସାହି ଦଣ୍ଡ, ନୂଆ ସାହି, ଲିପିଲୋଇ, ନଅଗାଁ, ହରିଡ଼ା କୋଠା, ଅଏଡ଼ା, ମାଳି ପଦର, ଓଡ଼ସିଙ୍ଗା, ରାସୁ ସିଙ୍ଗା, ତୁଡ୍କୁ, ଲୁଣ ହାଣ୍ଡି, ଆଦି ଅନେକ ଗ୍ରାମ ରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇ ଥିଲା।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର : ୧୧୨ ୟୁନିଟ୍ ରକ୍ତ ସଂଗୃହୀତ

**ହିଞ୍ଜିଳିକାଟୁ ୧୮/୪(ନି.ପ୍ର):** ହିଞ୍ଜିଳିକାଟୁ ବ୍ଲକ୍ ଓ ପୌରାଞ୍ଚଳର ମିଳିତ ସହଯୋଗରେ ବ୍ଲକ ବିଜେଡି ସଭାପତି ଦୁର୍ଗାମାଧବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗୁରୁବାର ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହିଞ୍ଜିଳିକାଟୁ ବ୍ଲକ୍ କଞ୍ଚୁରୁ ଗ୍ରାମରେ ସରପଞ୍ଚ ମଦନମୋହନ ସେଠିଙ୍କ ସଂଯୋଜନାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।? ଆୟୋଜିତ ଶିବିରକୁ ବରିଷ୍ଠ ନେତା ସୁରେନ୍ଦ୍ରନାଥ ପ୍ରଧାନ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଆୟୋଜିତ ଶିବିରରେ ୧୧୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀଙ୍କ ସହାୟତାରେ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠି, ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ବିଧାୟକଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ବି. ଗିତାଞ୍ଜଳି, ପ୍ରିତି ସାହୁ, ଜନାର୍ଦ୍ଦନ ସେଠି, ବି. ରାମଚନ୍ଦ୍ର, ହୃଦୟାନନ୍ଦ ମହାପାତ୍ର, ଦୁର୍ଗାମାଧବ ମହାନ୍ତି, ଯୁବନେତା ପ୍ରଭାତ ମହାରଣା, କେଶବ ମହାରଣା, ଶିବା ପାତ୍ର , ବହୁ ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡ ସଭ୍ୟଙ୍କ ସମେତ ବହୁ ବିଜେଡି କର୍ମୀ ଓ ବିଜୁ ପ୍ରେମୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## କର୍ସାହାଣ୍ଡିର ବିଜେପି କାର୍ଯ୍ୟାଳୟ ଠାରେ ସକ୍ରିୟ ସଦସ୍ୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ



**ଝରିଗାଁ ୧୮/୪(ନି.ପ୍ର):** ଝରିଗାଁ ନିର୍ବାଚନ ମଣ୍ଡଳୀର କର୍ସାହାଣ୍ଡି ଠାରେ ବିଜେପି କାର୍ଯ୍ୟାଳୟ ଠାରେ ଗୁରୁବାର ବିଜେପିର ସକ୍ରିୟ ସଦସ୍ୟ ମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାଂସଦ ପ୍ରତିନିଧି ତଥା ଝରିଗାଁ ବିଧାନ ସଭାର ସଂଯୋଜକ ଚନ୍ଦ୍ରଭାନୁ ନାୟକଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ନରସିଂହ ଭତରା ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ ସମ୍ପାଦକ ରମେଶ ସାହୁ, ପୂର୍ବତନ ଜିଲ୍ଲା ସଭାପତି ତଥା ରାୟଗଡା ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଚନ୍ଦ୍ର ଜୈନ,ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ମାଝୀ, କୃଷକ ମୋର୍ଚ୍ଚା ରାଜ୍ୟ ସଦସ୍ୟ ଜଗଦିଶ କଲାର, ରାଜ୍ୟ ଏସଟି ମୋର୍ଚ୍ଚା ସମ୍ପାଦିକା ବାସନ୍ତୀ ମାଝି ,କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସୁନା ମାଝୀଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ପଂଚାୟତ ବିଜେପିର ସକ୍ରିୟ ସଦସ୍ୟମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଉପସ୍ଥିତ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିମାନେ ଭାରତ ମାତା, ପଣ୍ଡିତ ଦିନଦୟାଳ ଉପାଧ୍ୟାୟ ଓ ସ୍ୱାମା ପ୍ରସାଦ ମୁଖାର୍ଜୀଙ୍କ ଫୋଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଓ ଦେଶ ବନ୍ଦନା ଗାନ କରାଯାଇଥିଲା ।ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ ମଞ୍ଚ ପରିଚାଳନା କରି ଭାରତୀୟ ଜନତା ପାର୍ଟିର ଗଠନ, ଉଦେଶ୍ୟ ଓ ଲକ୍ଷ୍ୟ ଉପରେ ବିସ୍ତୃତ ଭାବେ ନିଜ ଅବିଭାଷଣ ରଖିଥିଲେ ଓ ସଂଘଠନକୁ ବିସ୍ତାର କରିବାକୁ ଉପସ୍ଥିତ ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ ।ରାଜ୍ୟ ସମ୍ପାଦକ ରମେଶ ସାହୁ ମଧ ନିଜ ଅବିଭାଷଣରେ ବିଜେପିର ସାଙ୍ଗଠନିକ ବ୍ୟବସ୍ଥା, କାର୍ଯ୍ୟ ପଦ୍ଧତି, ପ୍ରସ୍ତୁତି ଓ ସମୀକ୍ଷା ବିଷୟରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ ।ଝରିଗାଁ ବିଧାୟକ ନରସିଂହ ଭତରା ନିଜ ଅବିଭାଷଣରେ ବିଜେପି ସରକାରର ସଂଘଠନ ଓ ମୋଦି ସରକାର ଓ ମୋହନ ମାଝୀ ସରକାରର ଉପଲବ୍ଧି ଉପରେ ନିଜ ବକ୍ତବ୍ୟ ରଖିଥିଲେ ।ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ମଧ ନିଜ ଅବିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ବିକଶିତ ଭାରତ ତଥା ୧୧ବର୍ଷର ରାଜନୈତିକ ଯାତ୍ରା ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଜବରଦଖଲ ଉଚ୍ଛେଦ




**କୋରାପୁଟ/କୋଟପାଡ଼ ୧୮/୪(ନି.ପ୍ର):** କୋଟପାଡ଼ ଏନଏସି ୧୦ ନମ୍ବର ଓ୍ୱାର୍ଡ ର ଜାତୀୟ ରାଜପଥ କୁସୁମୀ ଛକରୁ ଗୋପାଳ ମିଲ ଯାଇଁ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି ।କୋଟପାଡ଼ ତହସିଲଦାର ଏମ୍.ନୀଳକଣ୍ଠ ନାଇଡୁ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ,ତଥା ପୁଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା ।ପ୍ରଥମେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା ହେଲେ ପରେ ଶାନ୍ତି ଶୃଙ୍ଖଳାର ସହିତ ଜବରଦଖଲ ଉଚ୍ଛେଦ ହୋଇଥିବା ଦେଖିବାକୁ ମିଳିଥିଲା ।ଜନସାଧାରଣ ମଧ ଏଥିରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଶସ୍ତୀକରଣ ପାଇଁ ରାସ୍ତାର ଉଭୟ ପାର୍ଶ୍ୱ ସଠିକ୍ ଭାବେ ଚିହ୍ନଟ କରାଯାଇନଥିବା ନେଇ ସାହିବାସିନ୍ଦା ଅସନ୍ତୋଷ ପ୍ରକଟ କରିଥିଲେ ।ରାସ୍ତାର ଉଭୟ ପାର୍ଶ୍ୱକୁ ସମାନ ଭାବେ ମାପଚୁପ କରି ପ୍ରଶସ୍ତୀକରଣ କରିବା ପାଇଁ ଅଧିକାରୀମାନଙ୍କୁ ଅଞ୍ଚଳବାସୀ ନିବେଦନ କରିଥିଲେ ।ହେଲେ ଅଧିକାରୀମାନେ ମୁହଁ ଦେଖି କାର୍ଯ୍ୟ କଳାଭଳି ଅଧିକ ମନେ ହେଉଥିଲା। ଜବରଦଖଲ ଉଚ୍ଛେଦ ପରେ ରାସ୍ତା ପ୍ରଶସ୍ତୀକରଣ ଆରମ୍ଭ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି ।

## ଆମ୍ବା ଚେୟାରମ୍ୟାନ ହେଲେ ଚିତ୍ର ପ୍ରସାଦ ତିୱାରୀ



ଝରିଗାଁ **୧୮/୪(ନି.ପ୍ର):** ଝରିଗାଁ ବ୍ଲକର ଆମ୍ବା କାର୍ଯ୍ୟାଳୟ ଠାରେ କାର୍ଯ୍ୟାଳୟର ୨୨ଜଣ ସଦସ୍ୟଙ୍କ ଉପସ୍ଥିତିରେ ବିଜେପିର ଜଣେ ଟାଣୁଆ ନେତା ତଥା ସକ୍ରିୟ ସଦସ୍ୟ ଚିତ୍ର ପ୍ରସାଦ ତିୱାରୀଙ୍କୁ ଆମ୍ବା ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଛି ।ଶ୍ରୀ ତିୱାରୀ ଆମ୍ବା ଚେୟାରମ୍ୟାନ ମନୋନୀତ ହେବା ପରେ ଆମ୍ବା କାର୍ଯ୍ୟାଳୟର ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜଣେଇବା ସହ ଆଗାମୀ ଦିନରେ ଚାଷୀ ସମସ୍ୟାର ସୁଧାର ହେବା ନେଇ ଆଶା ବ୍ୟକ୍ତ କରିଛନ୍ତି ।ଆମ୍ବା କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ମଧ୍ୟରେ ଭିଏଏସ ସାରଦା ପ୍ରସାଦ ନାୟକ, ଏଏଚଓ ଜୀନ ଲିଙ୍କନ ମେହେର, ଏଏଇ ଜଗଦିଶ ଗଡ଼ବା, ଏଏଫଓ ଉତ୍ତମ ଗଣ୍ଡଙ୍କ ସମେତ ଆମ୍ବାର ସମସ୍ତ ସଦସ୍ୟ ଓ କୃଷି ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।ଝରିଗାଁ ନିର୍ବାଚନ ମଣ୍ଡଳୀର କର୍ସାହାଣ୍ଡି ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସକ୍ରିୟ ସଦସ୍ୟ କର୍ମୀ ସମ୍ମିଳନୀରେ ବିଧାୟକ ନରସିଂହ ଭତରା, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ପୂର୍ବତନ ଜିଲ୍ଲା ସଭାପତି ରମେଶ ସାହୁ, ପ୍ରଫୁଲ୍ଲ ପ୍ରଧାନ, ଗଣପତି ସାହୁ, ପଞ୍ଚାନନ ବାବାଲି ପ୍ରମୁଖ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣେଇଥିଲେ ।

## ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଚିକିଟୀ **୧୮/୪(ନି.ପ୍ର):** ନିକଟରେ ରାଜ୍ୟ ସରକାର ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ମର୍ମରେ ଚିକିଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ପଦୋନ୍ନତି ହୋଇ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତ ହୋଇଥିବା ଯୋଗୁଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟ,ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ଓ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସଂଗଠନ ତରଫରୁ ଆଜି ଚିକିଟିପେଣ୍ଠ ବଳ୍ଝି ବଜାର ସ୍ଥିତ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା, ନିଷ୍ଠାପରତା, ସମୟାନୁବର୍ତ୍ତିତକ୍ଷ,କର୍ମତତ୍ପରତା ଓ ସାହାଯ୍ୟ ମନୋବୃତିକୁ ଉଚ୍ଚ ପ୍ରଶଂସା କରିଥିଲେ କ୍ଷ ଏହି ଅବସରରେ ବରିଷ୍ଠ କିରାଣୀ ଅଶୋକ ମିଶ୍ର, ଆଶିଷ ପାଢ଼ୀ, ଅମିତ ପାଢ଼ୀ, ଶକ୍ତି ପ୍ରସାଦ ପଣ୍ଡା, ଏ ବି ଇ ଓ ନିଗମାନନ୍ଦ ପଣ୍ଡା, ସୀମାଞ୍ଚଳ ପଣ୍ଡା, ତ୍ରିନାଥ ବେହେରା, ସମସ୍ତ ସି ଆର ସି ସି, ଶିକ୍ଷକ ସଙ୍ଘ କର୍ମକର୍ତ୍ତା ତ୍ରିଲୋଚନ ପ୍ରଧାନ, ରଂଜନ କୁମାର ବ୍ରହ୍ମା, ଲିଙ୍ଗରାଜ ପ୍ରଧାନ, ବଳରାମ ବେହେରା, ଧାନଘର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ରଞ୍ଜନ ବ୍ରହ୍ମା ମଞ୍ଚ ପରିଚାଳନା କରିଥିଲେ।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅନନ୍ତ ୨.୦ ଅନୁଷ୍ଠିତ

ଗୁଣପୁର , **୧୮/୪(ନି.ପ୍ର):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ବିକ୍ରମପୁର ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନନ୍ତ ୨.୦ ଖୁବ ଧୁମଧାମରେ ପାଳିତ ହୋଇଯାଇଛି । ସାନ୍ଧ୍ୟକାଳିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବ୍ରଜମୋହନ ନାୟକ ( ଓପିଏସ୍ - ୧ ) କମାଣ୍ଡାଣ୍ଟ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶ୍ରୀ ନାୟକ ନିଜ ଅଭିଭାଷଣରେ କହିଥିଲେ ଯେ , ଶିକ୍ଷା ମଣିଷର ମେରୁଦଣ୍ଡ । ଛାତ୍ରଛାତ୍ରୀ ମାନେ ପାଠପଢ଼ା ସହ ଖେଳକୁଦକୁ ଜୀବନର ଏକ ଅଙ୍ଗ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ପରେପରେ ସ୍କୁଲର ଅଧକ୍ଷ ଅନନ୍ତ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ମାନଙ୍କୁ ଫୁଲ ତୋଡା ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡ଼ଃ ପ୍ରଦୀପ କୁମାର ପଣ୍ଡା (ଏସ୍ ଡି ଏଚ୍ ସୁପରିଟେଣ୍ଡେଣ୍ଟ , ଗୁଣପୁର) ଯୋଗଦେଇ କହିଥିଲେ ଯେ , ଶିକ୍ଷା ମାତୃଗର୍ଭରୁ ହିଁ ଆରମ୍ଭ ହୋଇଥାଏ । ଶିକ୍ଷାର ଅନ୍ତ ନାହିଁ । ମନୁଷ୍ୟ ଭଗବତ ପ୍ରାପ୍ତି ହେଲେ ହିଁ ଶାକ୍ଷାର ସମାପ୍ତି ହେଇଥାଏ । ତେଣୁ ଛାତ୍ରଛାତ୍ରୀ ମାନେ ଶିକ୍ଷକଙ୍କ ସାନିଧ ରେ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ସମ୍ମାନୀତ ଅତିଥି ଭାବେ ପୌରାଧକ୍ଷା ମମତା ଗୌଡ , ପ୍ରଦିପ୍ତ କୁମାର ଦଳେଇ (ଏ ଡି ଡ୍ଲୁ ଓ) , ଗଙ୍ଗାଧର ବେହେରା ( ଡବ୍ଲୁ ଇ ଓ) , ସୋମନ ବାବୁ ଶ୍ୱର (ପ୍ରେସିଡେଣ୍ଟ ଏସ୍ ଏମ୍ ସି ) ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଓ ଆବାସିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ । ପରେ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପରି ଶେଷରେ ଆରମ୍ଭ ହେଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ଛାତ୍ରୀ ମାନଙ୍କ ଓଡିଶି ନୃତ୍ୟ ସାଙ୍ଗକୁ ଛାତ୍ରଛାତ୍ରୀ ଙ୍କ ସମ୍ବଲପୁରୀ , ଦେଶିଆ ଓ ଆଧୁନିକ ନୃତ୍ୟ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲା । ଏହି କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀମାନେ ସୁଚାରୁରୂପେ ପରିଚାଳନା କରିଥିଲେ ।




## ରାଷ୍ଟ୍ରବାଦୀ ସଂଘ ତରଫରୁ ମହାବୀରଙ୍କ ଜନ୍ମ ଉତ୍ସବ ଓ ଓଡ଼ିଆ ନବବର୍ଷ ପାଳନ

କଟକ **୧୮/୪(ନି.ପ୍ର):** ୪୨ ମୌଜା ଶ୍ରୀ ଶ୍ରୀ କଦମ୍ବେଶ୍ୱର ପୀଠରେ ଓଡ଼ିଆ ନବବର୍ଷ ଓ ମହାବୀରଙ୍କ ଜନ୍ମ ଜୟନ୍ତୀରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ହନୁମାନ ଚାଳିଶା ଓ ଦୀପଦାନ କରିବା ସହିତ ମନ୍ତ୍ର ପାଠ କରାଯାଇଥିଲା । ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା ।ଅତିଥି ଭାବେ ଓଡ଼ିଶା ରାଷ୍ଟ୍ର ବାଦୀ ସଂଘର ସଭାପତି ସମାଜସେବୀ ଇଂ.ଗିରିଜା ଶଙ୍କର ପତି,ଶିକ୍ଷାବିତ୍ ପ୍ରଫୁଲ୍ଲ ମହାପାତ୍ର,ସମାଜ ସେବୀ ପ୍ରଭାତ ଦେବତା,ମାନ୍ୟବର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି,ସନାତନୀ ସେନାର ରାଜ୍ୟ ସଭାପତି ହିନ୍ଦୁବାଦୀ ସମୀର କୁମାର ପଣ୍ଡା,ଭାରତୀୟ କିଶାନ ସଂଘର ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପତି,ପଣ୍ଡିତ ପ୍ରତାପ କୁମାର ପତି,ନାରୀନେତ୍ରୀ ଚିତ୍ତୋରମା ସ୍ୱାଇଁ, ନାୟବ ସରପଞ୍ଚ ଝାରକଟା ସସ୍ମିତା ମହାପାତ୍ର,ନାରୀନେତ୍ରୀ ସବିତା ଦାଶ ଏବଂ ସଭା ପରିଚାଳନା କରିଥିଲେ ସାମ୍ବାଦିକ ଦୀପକ ଆଚାର୍ଯ୍ୟ,ପରିଚାଳନାରେ ସହଯୋଗ କରିଥିଲେ ଚିନ୍ମୟ ମହାପାତ୍ର,ମନୋମୋହନ ସାହୁ,ସନ୍ତୋଷ ସାହାଣୀ,ଯୁବରାଜ ପଣ୍ଡା,ଖିତିଶ ପଣ୍ଡା,ଅନିଲ ମହାପାତ୍ର,ସତ୍ୟନାରାୟଣ ମହାନ୍ତି,ଶୁଭ୍ରାଂଶୁ ଶେଖର ସ୍ୱାଇଁ,ସଚ୍ଚିକାନ୍ତ ବେଉରା,ଯଶୋବନ୍ତ ପତି,ଜୟନ୍ତ ପତି,ତ୍ରିଲୋଚନ ପତି, ଚିତ୍ତ ରଞ୍ଜନ ପତି,ଉନ୍ନୟନ ପରିଷଦର ସଭାପତି ଅନିଲ ଦାସ, ଆଶିଷ ପତି,ପିତାମ୍ବର ମୁଦୁଲି, ୪୨ମୌଜା ବଣିକ ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ମୁଦୁଲି,ପ୍ରମୋଦ ପତି,ମନୋରଞ୍ଜନ ସାହୁ,ଚିତ୍ତ ରଞ୍ଜନ ମାଝୀ,ଅଜିତ ପରିଡ଼ା,ପଣ୍ଡିତ ତାପସ ମହାପାତ୍ର,ମଦନ ପତି,ରଞ୍ଜନ କୁମାର ନାୟକ,ରାକେଶ ରାଉତ, ବର୍ଣ୍ଣି ଜେନା,ରଞ୍ଜନ ଖଟୁଆ,କୁନାଲ ସାମଲ,ସୁଜିତ୍ ବେହେରା,ସୁନିଲ ନାୟକ,କାହ୍ନା ଲେଙ୍କା, ବିଜୟ କୁମାର ପତି, ଦିଲ୍ଲୀପ ବେହେରା,ହିନ୍ଦୁ ବାଦି ନେତା ସଞ୍ଜୟ ସାହୁ,ସମାଜ ସେବୀ ରାଜକିଶୋର ବେହେରା ପ୍ରମୁଖ । ୫୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସମସ୍ତ ମହାବୀରଙ୍କ ଭକ୍ତ ମାନେ ରଣେଷଣ୍ଢ ମନ୍ଦିରରୁ ବଳିବାମନ ପୀଠ ପର୍ଯ୍ୟନ୍ତ ଏକ ବିଶାଳ ଧ୍ୱଜ ଶୋଭାଯାତ୍ରା ଅନୁଷ୍ଠିତ ହେଇଥିଲା ।

# ଜାମଦାରେ ୟୁଏଏସ୍ ତାଲିମ ଶିବିର ଅନୁଷ୍ଠିତ



ମୟୂରଭଞ୍ଜ **୧୮/୪(ନି.ପ୍ର):** ମୟୂରଭଂଜ ଜିଲ୍ଲା ଜାମଦା ଏସ୍ଏସ୍ତ୍ରିଠାରେ ଏକ ଦିବସୀୟ ୟୁଏଏସ୍ ତାଲିମ ଶିବିର ତଥା ସ୍ୱୟଂ ଅଭ୍ୟାସ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମର ଉଦଘାଟନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,ମୟୂରଭଞ୍ଜ ଶଶିଧର ସିଂଙ୍କ କରକମଳରେ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ଧୂପଦ୍ୱୀପ ଫୁଲଚନ୍ଦନ ଦେଇ ଆରମ୍ଭ. କରାଯାଇଥିଲା ।ରାଜ୍ୟ ସରକାରଙ୍କ ଏକ ନୂତନ ତଥା ଯୁଗାନ୍ତକାରୀ ପଦକ୍ଷେପ ବିଦ୍ୟାଳୟ ଶିକ୍ଷାକୁ ନୂତନ ଢାଞ୍ଚାରେ ସ୍ୱଚ୍ଛ କରିବାର ପ୍ରୟାସ ହେଉଛି. ଏହି ୟୁଏଏସ୍ ବା ୟୁନିଫାଇଡ ଅଟୋମେଶନ ସିଷ୍ଟମ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ ତାଂକ ସଂକ୍ଷିପ୍ତ ଅଭିଭାଷଣରେ ସୂଚନା ପ୍ରଦାନ କରିଥିଲେ ।ତାଲିମ୍ ଶିବିରରେ ଉପସ୍ଥିତ ଥିବା ବିଇଓ ସୁରେଶ ଚନ୍ଦ୍ର ମୁଣ୍ଡା,ଏମ୍ଆଇଏସ୍ ପ୍ରୋଗ୍ରାମର ରାଜେଶ ବେଜ୍ ,ଏବିଇଓ ପ୍ରତାପ ଚନ୍ଦ୍ର ନାଏକ,ଏସ୍ଏସ୍ତି ଜାମଦାର ପ୍ର.ଶି ଗୌରୀ ଶଙ୍କର ସା ୟୁଏଏସ୍ ଉପରେ ଗୁରୁତ୍ୱାରୋପ କରି ଏହାର ସଫଳ ରୂପାୟନ କାମନା କରିଥିଲେ ।ଜାମଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ସମୁଦାୟ ୧୦୧ଗୋଟି ପ୍ରାଥମିକ ଉ.ପ୍ରା,ମାଧ୍ୟମିକ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକର ସମସ୍ତ ପ୍ର.ଶି,୯ଗୋଟି କ୍ଲୋଷ୍ଟରର ସମସ୍ତ ସିଆରସିସିଙ୍କୁ ଏମ୍ଆଇଏଲ୍ ବିଶୋଇ ହରିପଦ ବେହେରା, ଭାରପ୍ରାପ୍ତ ଏମ୍ଆଇଏସ୍ ଜାମଦା ମନୋରଂଜନ ମହାନ୍ତ,ସିଆରସିସି ଜାରକାଣୀ ବୁଧୁରାୟ ହେମ୍ବ୍ରମ ମାଷ୍ଟର ଟ୍ରେନର ହୋଇ ସମସ୍ତଙ୍କୁ ତାଲିମ ଏବଂ ସ୍ୱୟଂ ଅଭ୍ୟାସ କରାଇଥିଲେ ।ୟୁଏଏସ୍ ର ସମସ୍ତ ମଡ୍ୟୁଲ ଯଥା ୟୁଏଏସ୍ ର ମୋବାଇଲ ଆପ୍ ୱେବ ଲଗ ଇନ୍,କର୍ମଚାରୀ ଓ ବିଦ୍ୟାର୍ଥୀଙ୍କ ଉପସ୍ଥାନ ସର୍ଭେ,ଶିକ୍ଷକ,ପ୍ର.ଶି,ସିଆରସିସି,ବିଇଓଙ୍କ ଭୂମିକା ଉପରେ ପ୍ରାଞ୍ଜଳ ଭାବରେ ତାଲିମ୍ ପ୍ରଦାନ କରିଥିଲେ ।ବିଭିନ୍ନ ପ୍ରଶ୍ନୋତ୍ତର ମାଧ୍ୟମରେ ସନ୍ଦେହ ଦୂର କରାଯାଇଥିଲା ।ଆକାଉଣ୍ଟାଣ୍ଟ କୈଳାସ ନାୟକ ଓ ପିଏମ୍ ପୋଷଣ ଡିଇଓ ବିଜୟ କୁମାର ମଣ୍ଡଳ ସହଯୋଗ କରିଥିଲେ ।

## ଅପପୁଷ୍ଟି ଦୂର କରିବା ନିମନ୍ତେ ଦୁମାଡ଼ିହିରେ ପୋଷଣ ପାଖୁଡା ଦିବସ ପାଳିତ

ମୟୂରଭଞ୍ଜ **୧୮/୪(ନି.ପ୍ର):** ପୁଷ୍ଟିକର ଓ ସୁସ୍ଥ ଖାଦ୍ୟର ଅଭ୍ୟାସ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଦୁମାଡ଼ିହି ଓ ମାରେଡ଼ିହି ଅଙ୍ଗନୱାଡ଼ିର ଦିଦି ଚନ୍ଦନା ଟୁଡୁ ଓ ଶ୍ରୀମତୀ ସର୍ଦ୍ଦାରଙ୍କ ଅଧକ୍ଷତାରେ ଶିଶୁ ପୋଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ଏସଏଚଜି ସଭ୍ୟା,ଅଙ୍ଗନୱାଡ଼ି କର୍ମୀ ,ଆଶା କର୍ମୀ,ଗର୍ଭବତୀ ମହିଳା ଓ ପ୍ରସୂତି ମହିଳା ଓ ଗ୍ରାମର ମହିଳାମାନେ ଭାଗ ନେଇଥିଲେ । ଏହି ଅବସରରେ ଉତ୍ତମ ପୁଷ୍ଟିକର ଖାଦ୍ୟ ଓ ଏହାର ଉପକାରିତା ବିଷୟରେ ଆଲୋଚନା କରାଯାଇଥିଲା। ସୁସ୍ଥ ଭାରତ ଗଠନ ନିମନ୍ତେ ସମସ୍ତଙ୍କ ପାଇଁ ପୋଷଣର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଥିଲା। ମହିଳା ମାନଙ୍କ ପାଇଁ ଡାଲି ଜାତୀୟ ଖାଦ୍ୟ ଅପପୁଷ୍ଟି ଦୂର କରେ ବୋଲି ସଚେତନତା କରାଯାଇଥିଲା ।ଏହି ଦିବସରେ ଆଶା ଦିଦି ଚଞ୍ଚଳା ପରାମାଣିକ,ପିଙ୍କି ଶତପଥୀ,ଚମ୍ପା ସୋରେନ୍,ଝରଣା ପାଲ,ରାଧିକା ନାଏକ,ବୁଗୁଲୀ ମଣ୍ଡାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଖାଦ୍ୟ ଓ ପନିପରିବା ସାମଗ୍ରୀ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ ।

## ବାଘମରାରେ ହନୁମାନ ଜୟନ୍ତୀ

ପାଟଣା **୧୮/୪(ନି.ପ୍ର):** ପାଟଣା ବ୍ଲକ ବାଘମରା ଠାରେ ମହା ଆଡମ୍ବରରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ପୂଜକ ସିତାକାନ୍ତ ମୁଖାର୍ଜୀ ପୂଜାର୍ଚ୍ଚନା କରିଥିଲେ । ପାରେଶ୍ୱର ମହାନ୍ତ, ଧନେଶ୍ୱର ମହାନ୍ତ,କିଶୋର କୁମାର ମହାନ୍ତ, ମାଧ୍ୱ ଚନ୍ଦ୍ର ମହାନ୍ତ,ଦିନମଣୀ ମହାନ୍ତ, ମନୋରଞ୍ଜନ ମହାନ୍ତି ବିଦେଶୀ କମାର,ରଇଣା ମହାନ୍ତ,ଦୀନକୃଷ୍ଣ ମହାନ୍ତ,ପିତାମ୍ବର କମାର, ରୁଷିନାଥ ମହାନ୍ତ, ଖଗେଶ୍ୱର ମହାନ୍ତ,ସନ୍ତି ମହାନ୍ତ, ତପସ୍ୱିନୀ ମହାନ୍ତ, ରିନା ମହାନ୍ତ,ଗାୟତ୍ରୀ ଶକ୍ତି ମହାନ୍ତ ,ମନ୍ଦାକିନୀ ମହାନ୍ତ, ତପସ୍ୱିନୀ ମହାନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସମସ୍ତ ବଜରଙ୍ଗୀ କମିଟିର ସଦସ୍ଯ ,ଗ୍ରାମ୍ବାସୀଗଣ ତଥା ଯଦୁମଣି ମହାନ୍ତ,ଡ. ଗଣେଶ୍ୱର ମହାନ୍ତ,ଦାମୋଦର ମହାନ୍ତ, ତପନ କୁମାର ମହାନ୍ତ, ଇନ୍ଦ୍ରମଣି ମହାନ୍ତ,କାନ୍ତମଣୀ ମହାନ୍ତ, ଶିକ୍ଷକ ଭୈରବ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । ଏହି ଅ୍ବସରରେ ଦୁଇ ରାତି ସୁଦୁର ସମ୍ବଲପୁରରୁ ଆସିଥିବା ଗାୟିକା ପ୍ରମିଳା ବେହେରା ଓ ଦେବଗଡରୁ ଗାୟିକା ସ୍ନେହଲତା ବ୍ୱହେରା ମନମୁଗ୍ଧକର ପାଲା ପରିପେଷଣ କରି ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ଆନନ୍ଦିତ କରିଥିଲେ। ଶେଷ ରାତିରେ ଗ୍ରାମର ବଜରଙ୍ଗୀ ଝୁମର ଦଳ ତାଙ୍କର ନାଚ ପ୍ରଦର୍ଶନ କରି ମନ ମୋହିଥିଲେ।

## ଦଖଲିକୃତ ଜମିକୁ ପଟ୍ଟା ପ୍ରଦାନ ଦାବିରେ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ବିକ୍ଷୋଭ ସମାବେଶ




ପାଟଣା **୧୮/୪(ନି.ପ୍ର):** ପୁରୁଷ ପୁରୁଷ ଧରି ଚାଷପଯୋଗୀ ଓ ବାସପୋଯୋଗୀ ଜମିକୁ ଦଖଲ କରି ଆସୁଥିବା ପାଟଣା ବ୍ଲକ ଅନ୍ତର୍ଗତ ଚେମେଣା, ବଳିଆପଶି, ରେଙ୍ଗାଳବେଡା, ଧନୁର୍ଜୟପୁର, ବାରଡ଼ାଙ୍ଗୁଆ, ଅଙ୍ଗିକଳା, ଚିଲିଦା, ଭୃଙ୍ଗରାଜପଶି, ଯମୁନାପଶି, କୋଡ଼ଖମଣ, ବରୁଡ଼ିପଶି, ପଦ୍ମକେଶରପୁର, ଗୋଡିପୋଖରୀ, କିମିରଦାପଶି, ଧରୁଆପଡା, ନୂଆଖମଣ, ରାଇକଳା ଓ ନୂଆଗାଁ ଗ୍ରାମର ଚାଷୀ, ମହିଳା, ଛାତ୍ର ହାତରେ ପ୍ଲାକାର୍ଡ଼ ଧରି ଜିନ୍ଦଲ ହଟାଅ ଭିଟାମାଟି ବଞ୍ଚାଅ, ଦଖଲିକୃତ ଜମିକୁ ଦଖଲଦାରଙ୍କ ନାମରେ ପଟ୍ଟା ଦିଅ ଆଦି ସ୍ଲୋଗାନମାନ ଦେଇ ଆଜି ପାଟଣାର ମନ୍ଦିର ପଡ଼ିଆ ଠାରୁ ଶହସ୍ରାଧିକ ସଂଖ୍ୟାରେ ବାହାରି ଶୋଭାଯାତ୍ରାରେ ଯାଇ ପାଟଣା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲଦାର ଲୀଳାବତୀ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ଓଡ଼ିଶାର କୌଣସି ଗ୍ରାମକୁ ତହସିଲ ଅଧୀନରେ ଥିବା ଦଖଲିକୃତ ଜମିରୁ ଉଚ୍ଛେଦ କରିବା ନୋଟିସ ଦିଆଯାଇନଥିବା ବେଳେ ପାଟଣା ତହସିଲରେ ଉପରୋକ୍ତ ଗ୍ରାମମାନଙ୍କରେ ଥିବା ଦଖଲିକୃତ ସରକାରୀ ଜମି ଉଚ୍ଛେଦ ନୋଟିସ ଦିଆଯାଇଛି। ଏହାର ସ୍ପଷ୍ଟ ଉଦେଶ୍ୟ ହେଉଛି ଯେ ଏହି କିସମର ଜମିକୁ ପ୍ରସ୍ତାବିତ ଜେଏସଡବ୍ଲୁ କମ୍ପାନୀକୁ ଟେକିଦେବା। ସରକାରଙ୍କ ଏତାଦୃଶ ନୋଟିସ ବିରୁଦ୍ଧରେ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ଆଜି ଏକ ପ୍ରତିବାଦ ସମାବେଶ ହୋଇଛି। ପାଟଣା ଠାରେ ଅନୁଷ୍ଠିତ ଏହି ପ୍ରତିବାଦ ସମାବେଶରେ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ଅଧକ୍ଷତା କରିଥିଲେ। ଏହି ସମାବେଶରେ ଜିନ୍ଦଲ ପ୍ରତିରୋଧ ମଞ୍ଚର ଉପଦେଷ୍ଟା ତଥା ଅଲ ଇଣ୍ଡିଆ କିଷାନ କ୍ଷେତ ମଜ୍‌ଦୁର ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ଯୋଗ ଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ କହିଛନ୍ତି ଯେ ବିଜେପି ସରକାର ଆଦିବାସୀ ମାନଙ୍କର କଲ୍ୟାଣ ପାଇଁ ବହୁ ଯୋଜନା କରୁଛନ୍ତି ବୋଲି କହୁଥିବା ବେଳେ ପାଟଣା ବ୍ଲକର ଉପରୋକ୍ତ ଗ୍ରାମମାନଙ୍କରେ ସଂଖ୍ୟାଧିକ ଜନଜାତିର ଲୋକଙ୍କ ଭିଟାମାଟି ଛଡାଇ ନେଇ ଜିନ୍ଦଲ କମ୍ପାନୀକୁ ବିକ୍ରି କରିବା ପାଇଁ ପ୍ରୟାସ କରୁଛନ୍ତି। ଏହା ଦ୍ୱାରା ବିଜେପି ସରକାରଙ୍କର କର୍ପୋରେଟ-ପୁଞ୍ଜିପତି ପ୍ରୀତିର ଅସଲ ଚେହେରା ପ୍ରକାଶ ପାଉଛି ବୋଲି କମ୍ରେଡ଼ ଦାସ ଦର୍ଶାଇଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଗରିବ ଲୋକମାନଙ୍କ ନାମରେ ସରକାରୀ ଜମି ଭାବେ ପରିଚିତ ଏହି ଜମିକୁ ସେମାନଙ୍କ ନାମରେ ପଟ୍ଟା ନଦେଇ କିଭଳି ଭାବେ କମ୍ପାନୀ ନାମରେ ପଟ୍ଟା ଦିଆଯିବ ବୋଲି ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ବିଜେପି ସରକାରଙ୍କ ଏତାଦୃଶ ଜନବିରୋଧୀ ନୀତି ବିରୁଦ୍ଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ଲୋକମାନଙ୍କୁ ଆହ୍ୱାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ଉପସଭାପତି ଯଥାକ୍ରମେ ସରୋଜ କୁମାର ସିଂହ, ଅଚ୍ୟୁତାନନ୍ଦ ନାଏକ, ପ୍ରକାଶ ମଲ୍ଲିକ, ରବିନ୍ଦ୍ର କୁମାର ମହାନ୍ତ, ସମେତ ଜିନ୍ଦଲ କମ୍ପାନୀ ଚିହ୍ନଟ କରିଥିବା ଗ୍ରାମ ଗୁଡିକରୁ ନିରାକାର ମହାନ୍ତ, ଭାଗବତ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ମନୋରଞ୍ଜନ ମହାନ୍ତ, ନିର୍ମଳା ନାଏକ, ଯାଦବ ନାଏକ, ଚନ୍ଦ୍ରଭାନୁ ମହାନ୍ତ, ଗୌରାଙ୍ଗ ମହାନ୍ତ, ଈଶ୍ୱର ଚନ୍ଦ୍ର ମହାନ୍ତ, ଶତ୍ରୁଘ୍ନ ନାଏକ, ରଘୁନାଥ ନାଏକ, କୃଷ୍ଣ ଚନ୍ଦ୍ର ନାଏକ, ତ୍ରିଲୋଚନ ମହାନ୍ତ ପ୍ରଭୃତି ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟ ମାଧ୍ୟମରେ ଜିନ୍ଦଲ କମ୍ପାନୀ ସହ ହୋଇଥିବା ବୁଝାମଣା ପତ୍ର ରଦ୍ଦ ହେବାଯାଏ ଆମେ ପ୍ରାଣ ଦେବୁ ପଛେ ଭିଟାମାଟି ଛାଡ଼ିବୁନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାରଙ୍କ ନେତୃତ୍ୱରେ ସରୋଜ କୁମାର ସିଂହ, ଅଚ୍ୟୁତାନନ୍ଦ ନାଏକ, ପ୍ରକାଶ ମଲ୍ଲିକ ଓ ରବିନ୍ଦ୍ର କୁମାର ମହାନ୍ତଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ସାକ୍ଷାତ କରି ୩ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ଚାଷପଯୋଗୀ ଓ ବାସପଯୋଗୀ ଆବାଦ ଯୋଗ୍ୟ ଅନାବାଦୀ ଜମିକୁ ଦଖଲଦାରଙ୍କ ନାମରେ ତୁରନ୍ତ ପଟ୍ଟା ପ୍ରଦାନ, ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଆଦିବାସୀ ସମେତ ଅନ୍ୟାନ୍ୟ ସମସ୍ତ ବର୍ଗର ଲୋକଙ୍କୁ ପଟ୍ଟା ପ୍ରଦାନ କରିବା ଓ ଯେଉଁମାନେ ବ୍ୟକ୍ତିଗତ ଭାବେ ଆପତ୍ତି ଅଭିଯୋଗ ଦରଖାସ୍ତ ଦେଉଛନ୍ତି ସେମାନଙ୍କ ଦରଖାସ୍ତ ବିଚାର କରିବାକୁ ଦାବି କରାଯାଇଛି।

## ବିଜୁ ବାବୁଙ୍କର ୨୮ତମ ଶ୍ରାଦ୍ଧ ଦିବସ ପାଳିତ

ନିଶ୍ଚିନ୍ତକୋଇଲି **୧୮/୪(ନି.ପ୍ର):** ମହାନଜନନାୟକ, ରାଷ୍ଟ୍ରନେତା, ଓଡିଆ ସ୍ୱାଭିମାନର ସର୍ବଶ୍ରେଷ୍ଠପ୍ରତୀକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ଆଜି ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଅଛି । ନିଶ୍ଚିନ୍ତକୋଇଲି ବଉଳବଜାରଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ବିଜୁ ପ୍ରେମୀଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୋଜି ସେଠୀ, ପୂର୍ବତନ ଅଧକ୍ଷ ଗିରିଶ ରଂଜନ ମହାପାତ୍ର, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଅନୀଲ ଭୂୟାଁ, ନିତ୍ୟାନନ୍ଦ ସେଠୀ, ମନୋଜ ସେଠୀ, ଜୟଦେବ ରାଉତ, କ୍ଷୀରୋଦଚନ୍ଦ୍ର ପଣ୍ଡା, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଆଶୁତୋଷ ତ୍ରିପାଠୀ, ସୁରେନ୍ଦ୍ର ସାଥୁଆ, ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁ, ରୁଦ୍ର ମହାନ୍ତି, ଆନନ୍ଦ ଦାସ, ଅନୀଲ ଦଳାଇ,ବିନୋଦ ସାମଲ, କୈଳାସ ସାମନ୍ତରାୟ, ମହେଶ୍ୱର ବାରିକ, ଜିତେନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ସାହୁ, ପ୍ରଦୀପ୍ତ ପରିଡା, ରାକେଶ ସାମଲ, ରାଜେଶ ବେହେରା,ଜ୍ୟୋତିରଂଜନ ସ୍ୱାଇଁ, ପ୍ରତାପ ରାଉତ, ଅରୁଣ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରଭୃତି ଉପସ୍ଥିତ ରହି ବିଜୁବାବୁଙ୍କର ଜୀବନଗାଥା ଉପରେ ଆଲୋକପାତ କରିଥିଲେ। ସେହିପରି ଅସୁରେଶ୍ୱରସ୍ଥିତ ହନୁମାନ ମନ୍ଦିର ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂ[illegible]ୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ତତ୍ୱାବଧାନାରେ ବହୁ ବିଜୁପ୍ରେମୀ ଲୁଣାନଦୀରେ ତିଳତର୍ପଣ ଅର୍ପଣ କରିବା ସହ ବରପଡାସ୍ଥିତ ତିନିମୁହାଣୀଠାରେ ଅବସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଅର୍ପଣ କରିଥିଲେ । ଏହି ଅବସରରେ ଉପସ୍ଥିତ ବିଜୁପ୍ରେମୀମାନେ ବିଜୁବାବୁଙ୍କ ନୀତି ଆଦର୍ଶ ଓ ଓଡିଶାପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗିରିଶ ମହାପାତ୍ର, ଜ୍ୟୋତିପ୍ରକାଶ ସ୍ୱାଇଁ, ଅନୀଲ ଭୂୟାଁ,ଭାଗ୍ୟଧର ସେଠୀ, ମାୟାଧର ପରିଡାଙ୍କ ସମେତ ବହୁ ବିଜୁପ୍ରେମୀ ଯୋଗଦେଇଥିଲେ । ପ୍ରତ୍ୟୁଷରୁ ଜ୍ଞାନରଂଜନ ଦାସ ତାଙ୍କର କିଛି ସହଯୋଗୀ ବିଜୁପ୍ରେମୀଙ୍କୁ ନେଇ ବରପଡାସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ସମ୍ପନ୍ନ ହେଲା ଚୈତ୍ର ମହୋତ୍ସବ ଝାମୁଯାତ୍ରା



ଭବାନୀପାଟଣା ୧୮/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ଚାଲିଥିବା ଚୈତ୍ର ମହୋତ୍ସବ ର ସପ୍ତମ ଦିବସରେ ଝାମୁଯାତ୍ରା ଶୁକ୍ରବାର ସମାପ୍ତ ହୋଇଯାଇଛି। ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ୯ ଫୁଟର ଦୁଇଟି ନିଆଁ ଖନ୍ଦା କରାଯାଇ ନିଆଁରେ ଭର୍ତ୍ତି କରାଯାଇ ଷୋଳସହସ୍ର ପୂଜାର୍ଚ୍ଚନା କରିବା ପରେ ଘଣ୍ଟ ଶଙ୍ଖ ନିଶାନ ଓ ଢୋଲ ବାଦ୍ୟରେ ପ୍ରକଂପିତ ହୋଇଉଠିଥିଲା ଏହି ଶକ୍ତି ପୀଠରେ ମାନସିକ ଧାରି ଭକ୍ତ ଏବଂ ବରୁଆ ଦେହରେ ଦେବୀ ସବାର ହୋଇ ପରେ ମ.ରାମପୁର ରାଜପରିବାର ନିଲ ମାଧବ ସିଂଦେଓ ଙ୍କ ପ୍ରେରିତ ପାଟସିନ୍ଦୂର ପ୍ରଥମେ ତାରିଣୀ ଅଷ୍ଟ ଚଣ୍ଡୀ ଙ୍କୁ ସମର୍ପଣ କରାଯାଇ ପରେ ଦେବୀ ନିଆଁରେ ଚାଲିଥିଲେ ଦୀର୍ଘ ୧୪ ବର୍ଷ ହେଲା ଏହି ପୀଠରେ ପ୍ରସିଦ୍ଧ ଝାମୁଯାତ୍ରାରେ ପ୍ରାୟ ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇ ଥିଲେ ।ଅନେକ ମାନସିକ ଧାରି ବ୍ରତ ରଖିଥିବା ବେଳେ ତାରିଣୀ ଅଷ୍ଟ ଚଣ୍ଡୀ ପୀଠସ୍ଥଳରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଗହଳି ଲାଗିରହିଥାଏ। ଏହି ପିଠରେ ସାତଦିନ ବ୍ୟାପୀ ଚୈତ୍ର ମହୋତ୍ସବ ଝାମୁଯାତ୍ରା ,ଛତର ଯାତ୍ରା ପଣା ସଂକ୍ରାନ୍ତି ସହ ଷୋହଳ ପହର ନାମ ଯଜ୍ଞ ପାଇଁ କଳସ ଯାତ୍ରା ଲୋକଙ୍କ ଆକର୍ଷଣୀୟ ପାଇଁ ଛୋଟିଆ ମିନା ବଜାର ଆୟୋଜନ ହୋଇଥିଲା। ଶୁକ୍ରବାର ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠ ଖନ୍ଦା ଶାନ୍ତି କରାଯାଇ ପୂର୍ଣ୍ଣାହୁତି ହୋଇଛି। ଏହି ଝାମୁଯାତ୍ରା ରେ ସ୍ଥାନିୟ ନର୍ଲା ବିଧାୟୀକା ମନୋରମା ମହାନ୍ତି ସାମିଲ ହୋଇ ନିଆଁରେ ଚାଲିଥିଲେ। ଚତୁର୍ଥ ଦିନରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମଧ୍ୟ ସାମିଲ ହୋଇ ଅଷ୍ଟ ଚଣ୍ଡୀ ଙ୍କୁ ଦର୍ଶନ କରି ପାଟବସ୍ତ୍ର ସିଙ୍ଗାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ତଥା ଦେହୁଁରି ସେବାୟତ ସୁମନ୍ତ ଭୋଇ,କଫୁଲ ରଣା, ରାଧେଶ୍ୟାମ ପଟ୍ଟନାୟକ ତପନ ରଣା,ନିଲକମଳ ପୁଟେଲ,କୁଞ୍ଜ ରଣା, ରଂଜନ ରଣା ପ୍ରସନ୍ନ ରଣା ମହେନ୍ଦ୍ର ପ୍ରଧାନୀ ସେଷଦେବ ରଣା, ଲମ୍ବଧର ରଣା,ବୃହସ୍ପତି ରଣା,ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିକାଶ ରଣା ବିଷ୍ଣୁ ରଣା,ହରି ବାରିକ, ମାର୍କଣ୍ଡ ପ୍ରଧାନୀ,ମଥୁରାମ ରଣା, ଫୋଟୋ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ବଲାଙ୍ଗୀର କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଂଚଳରୁ ବାର ଦେହେଲିଆ, ଭକ୍ତ ସେବାୟତ ବୁଦ୍ଧିଜୀବିମାନେ ଉପସ୍ଥିତ ରହି ଝାମୁଯାତ୍ରା ସମାପନ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଛି ।

## ସାହିକୁ ରାସ୍ତା ନାହିଁ, ଖଟିଆରେ ବୁହାହେଲେ ରୋଗୀ



ପାଟଣା **୧୮/୪(ନି.ପ୍ର):** ପଞ୍ଚାୟତରେ ଉନ୍ନୟନ ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ମନରେଗା ଯୋଜନାରେ ପାଟଣା ବ୍ଲକରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି ତଥାପି ଗ୍ରାମାଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏପରିକି କେତେକ ସାହିକୁ ଆଜି ପର୍ଯ୍ୟନ୍ତ ମାଟି ରାସ୍ତା ଖଣ୍ଡିଏ ମଧ୍ୟ ସମ୍ଭବ ହୋଇ ନାହିଁ। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତ ପିଛୁଳାବେଡା ଗ୍ରାମର ନାର୍ଦନବେଡା ଓ ଭାଲୁପାହାଡ଼ି ସାହିକୁ ରାସ୍ତା ନଥିବାରୁ ବାଧ ହୋଇ ଆଜି ଜଣେ ଗୁରୁତର ରୋଗୀଙ୍କୁ ୨ କିଲୋମିଟର ଯାଏ ଖଟିଆରେ ଆମ୍ବୁଲାନ୍ସ କର୍ମଚାରୀ ମାନେ ସାହିବାସୀ ଙ୍କ ସହଯୋଗ ରେ ବୋହିବା ପରେ ୧୦୮ ରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି। ଭାଲୁପାହାଡ଼ି ସାହିର ରମେଶ ମୁଣ୍ଡା(୫୦)ପେଟ ଓ ଛାତି ଯନ୍ତ୍ରଣାରେ ଗୁରୁତର ହୋଇ ପଡିବାରୁ ୧୦୮ କୁ ଖବର ଦିଆ ଯାଇଥିଲା। ତେବେ ୧୦୮ ଆମ୍ବୁଲାନ୍ସ ଚାଳକ ମନମୋହନ ଦାସ ତତ୍କାଳ ସେହି ଗ୍ରାମର ବିଦ୍ୟାଳୟ ନିକଟ ପର୍ଯ୍ୟନ୍ତ ଯିବାପରେ ରୋଗୀଙ୍କ ଘରକୁ ୧୦୮ ନେଇ ପାରିନଥିଲେ। ବାଧହୋଇ ସାହି ଲୋକଙ୍କ ସହଯୋଗ ରେ ଗୁରୁତର ରମେଶକୁ ଖଟିଆରେ ବୋହି ୧୦୮ ଯାଏ ଆଣିଥିଲେ। ଗୁରୁତର ରମେଶ ଏବେ ଚିକିତ୍ସାଧୀନ ଅଛନ୍ତି।

## ନାଳପୋଲ ପାଖ ନିର୍ମାଣଧୀନ ରାସ୍ତା ଦବିଲା

ମୟୂରଭଞ୍ଜ **୧୮/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନୂଆଁଗାଁ ଭାୟା ଦୁନ୍ଦୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା ବେଳେ ହରିଲାବେଡ଼ା ଗଡ଼ାଣିଆ ରାସ୍ତା ପୋଲ ପାଖ ନିର୍ମାଣଧୀନ ରାସ୍ତା ବର୍ଷାରେ ଦବିଯାଇଥିବା ଦେଖିବାକୁ ମିଳିଛି ।ସୂଚନାନୁସାରେ ସରକାରଙ୍କ ତରଫରୁ ଉକ୍ତ ରାସ୍ତା ବହୁ ଅଟକଳ ମୂଲ୍ୟରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ପରିପ୍ରେକ୍ଷୀରେ ନିମ୍ନମାନର କାମ ହେତୁ ପୋଲକୁ ସଂଯୋଗ ହୋଇଥିବା ଗୋଟିଏ ପାଖ ରାସ୍ତା ଦବି ଯାଇଥିବା ହେତୁ ଭାରିଯାନ ଯାଆସ କରିବାକୁ ଭୟଭୀତ ହେଉଥିବା ଚାଳକମାନେ ଅଭିଯୋଗ କରିଛନ୍ତି ।ତେବେ ଉକ୍ତ ରାସ୍ତା ପ୍ରତି ପ୍ରଶାସନ ନଜର ଦେଇ ଯାଞ୍ଚ କରି କାମ ଠିକ୍ ଭାବରେ କରାଯାଉ ବୋଲି ଜାମଦା ଅଞ୍ଚଳର ସଚେତନ ନାଗରିକସମୂହ ମତବ୍ୟକ୍ତ କରିଛନ୍ତି ।

## ଦାରିଦ୍ର୍ୟର ପୁରୁଣା ଚିତ୍ର ଦେଖାଇଲାଣି ବଲାଙ୍ଗୀର
# ଶାଗମାଛ ଦରରେ ମୂଲଚାଲ ହେଉଛନ୍ତି ନବଜାତକ



ବଲାଙ୍ଗୀର,୧୮/୪: ଅଶୀ ଦଶକରେ ଜାତୀୟ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମ ପାଇଁ ପ୍ରମୁଖ ଖବର ଥିଲା ବଲାଙ୍ଗୀରର ଦାରିଦ୍ର୍ୟ। ଅନାହାର, ଦାଦନ, ଶିଶୁବିକ୍ରି ଭଳି ଅପବାଦ ପାଇଁ ବଲାଙ୍ଗୀର ଯେତିକି ଚର୍ଚ୍ଚିତ ହୋଇଥିଲା, 'ଭୋକର ଭୂଗୋଳ' ଭାବେ ତା'ଠାରୁ ଅଧିକ ପରିଚିତ ହୋଇଥିଲା। ଚକ୍ରାପାଲିରେ ୫ ଜଣଙ୍କ ଅନାହାର ମୃତ୍ୟୁ ଏବଂ ପେଟ ପୋଷିବା ଲାଗି ଜିଲ୍ଲାରୁ ବହୁସଂଖ୍ୟାରେ ଦାଦନ ବାହାର ରାଜ୍ୟକୁ ଯିବା ଘଟଣା ସେ ସମୟରେ ଥିଲା ସବୁଠାରୁ ଚକିତ କଲା ଭଳି ଖବର। ତେବେ ଅଶୀ ଦଶକରେ ଯାହା ଘଟୁଥିଲା, ଏବେ ବି ସେଇଆ ଦେଖିବାକୁ ମିଳୁଛି। ଗତ ଚାରି ମାସରେ ବଲାଙ୍ଗୀର ଜିଲ୍ଲାରେ ୪ଟି ଶିଶୁ ବିକ୍ରି ଘଟଣା ସାମନାକୁ ଆସିଛି। ଛୁଆଙ୍କୁ ପୋଷିବା ପାଇଁ ସମ୍ବଳ ନଥିବାରୁ ବିକ୍ରି କରିବାକୁ ବାଧ ହେଲୁ ବୋଲି ସବୁ କ୍ଷେତ୍ରରେ ମା'-ବାପାମାନେ ପ୍ରତିକ୍ରିୟା ରଖିଛନ୍ତି। ଦାଦନପ୍ରବଣ ଖପ୍ରାଖୋଲ ବ୍ଲକ୍ ?ରେ ଚାରିମାସ ତଳେ ବିକ୍ରି ପରେ ଉଦ୍ଧାର ହୋଇଥିବା ଶିଶୁକୁ ତାର ବାପା, ମା' ପ୍ରଶାସନ ହାତକୁ ଟେକିଦେବା ଏ ସ୍ଥିତିର ଗମ୍ଭୀରତାକୁ ସୂଚାଉଛି। ନିକଟରେ ବଲାଙ୍ଗୀର ସହରର ଜଣେ ମହିଳା ନିଜ ଶିଶୁପୁତ୍ରକୁ ମାତ୍ର ୫ ହଜାର ଟଙ୍କାରେ ବିକ୍ରି କରିବା କଥା ସାମନାକୁ ଆସିଥିଲା। ଲାଳନପାଳନ ପାଇଁ ଟଙ୍କା ନଥିବାରୁ ପୁଅକୁ ଅନ୍ୟ ହାତରେ ଟେକି ଦେଇଥିବା ମା' ସ୍ୱୀକାର କରିଥିଲା। ସଦ୍ୟ ଭାବେ ଜିଲ୍ଲାର ସର୍ବାଧିକ ଦାଦନପ୍ରବଣ ବ୍ଲକ୍ ମୁରିବାହାଲରେ ଯାହା ଘଟିଲା, ତାହା ସମସ୍ତଙ୍କୁ ଚମକାଇ ଦେଇଛି। ଚଲକି ପଞ୍ଚାୟତ କର୍ଲା ଗ୍ରାମର କଳାକାର ଭୋଇଙ୍କ ସ୍ତ୍ରୀ କୁମୁଦିନୀ ଭୋଇ ଗତ ୯ ତାରିଖରେ ଭୀମ ଭୋଇ ମେଡିକାଲ୍ କଲେଜ ହସପିଟାଲରେ ଯାଆଁଳା ଶିଶୁକନ୍ୟା ଜନ୍ମ ଦେଇଥିଲେ। ସେଠାରେ ୩ ଦିନ ରହିବା ପରେ ତୁରେକେଲା ଥାନା ରଜାମରା ଗ୍ରାମର ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ଛତିଶଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ନବଜାତ ଶିଶୁକୁ ଟେକି ଦେଇଥିଲେ। ଦାରିଦ୍ର୍ୟ କାରଣରୁ ୨ ଜଣ ଶିଶୁକନ୍ୟାଙ୍କୁ ପାଳନ କରିପାରିବା ତାଙ୍କ ପକ୍ଷରେ ଅସମ୍ଭବ ବୋଲି ନବଜାତକର ପିତା ରୋକ୍‌ଠୋକ୍ କହିଛନ୍ତି। ଶିଶୁକୁ ଉଦ୍ଧାର କରାଯାଇଛି। କିନ୍ତୁ ଏତିକିରେ ସମସ୍ୟା ଅଟକିନି। ଜିଲ୍ଲାରେ ନିକଟ ଅତୀତରେ ଯାହା ଶିଶୁବିକ୍ରି ଅଭିଯୋଗ ହୋଇଛି, ତାହା ଦାଦନପ୍ରବଣ ବ୍ଲକ୍‌ରୁ। ମନରେଗା ଯୋଜନାରେ ପ୍ରତିବର୍ଷ ହଜାରେ କୋଟି ଟଙ୍କା ଉପରେ ଖର୍ଚ୍ଚ ହେଉଛି। କିନ୍ତୁ ସ୍ଥାନୀୟ ଲୋକଙ୍କୁ କାମଧନ୍ଦା ମିଳୁନାହିଁ। କେବଳ ଖାଦ୍ୟ ସୁରକ୍ଷା ଯୋଜନା ଦାରିଦ୍ର୍ୟ ହଟାଇ ପାରୁନାହିଁ। ଦାଦନପ୍ରବଣ ବ୍ଲକ୍‌ରେ ଛତିଶଗଡ଼ର ଦଲାଲମାନେ ସକ୍ରିୟ ରହୁଛନ୍ତି। ଦାରିଦ୍ର୍ୟର ସୁଯୋଗ ନେଇ ଶିଶୁମାନଙ୍କର ମୂଲଚାଲ ଚାଲୁଛି ଏବଂ ଶାଗମାଛ ଦରରେ ଶିଶୁ ବିକ୍ରି ହେଉଛନ୍ତି।

## ଏସ୍‌ଏଚ୍‌ଜି ସଦସ୍ୟଙ୍କ ଜୀବିକାକୁ ପ୍ରୋତ୍ସାହିତ କରିବାକୁ ଉଦ୍ୟମ
# କମ୍ୟୁନିଟି କିଚେନ୍ ଶୁଭାରମ୍ଭ ଉପରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୮/୪: ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ନାବାର୍ଡ ଓଡ଼ିଶା ଆଞ୍ଚଳିକର ସି.ଜି.ଏମ୍ ସୁଧାଂଶୁ କେ କେ ମିଶ୍ର ଏବଂ ତାଙ୍କ ଟିମ୍ ସହ ମିଶନ ଶକ୍ତି ଓ ନାବାର୍ଡ ମଧ୍ୟରେ ଏକ ସହଯୋଗୀ ଆଭିମୁଖ୍ୟରେ ଜୀବିକାର ପ୍ରଚାର ପ୍ରସାର ଏବଂ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ରାଜ୍ୟ ମିଶନ ନିର୍ଦ୍ଦେଶିକା-ତଥା-ସି.ଇ.ଓ., ଓ.ଏଲ.ଏମ୍. ଏବଂ ମିଶନ ଶକ୍ତିର ନିର୍ଦ୍ଦେଶିକା,ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଓ ନାବାର୍ଡର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ୨୦୨୭ ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବିବିଧ ଏବଂ ସ୍ଥାୟୀ ଜୀବିକା ଏବଂ ଉଦ୍ୟୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସମସ୍ତ ଲକ୍ଷପତି ଦିଦିମାନଙ୍କୁ ମହିଳା ଉଦ୍ୟୋଗୀରେ ପରିଣତ କରିବା ଲକ୍ଷ୍ୟ ରଖାଯାଇଛି। ଦେଶରେ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନର ଅଗ୍ରଣୀ ଭୂମିକା ନେଇଥିବା ନାବାର୍ଡ ଏହାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପଗୁଡ଼ିକୁ ବିଭିନ୍ନ ଉପାୟରେ ସଶକ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ନାବାର୍ଡ ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୧୯୭. ୮୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ସିଜିଏମ୍ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ନାବାର୍ଡ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ଆର୍ଥିକ ବର୍ଷ ୨୦୨୪-୨୫ ରେ ଓଡିଶା ପାଇଁ ୫୯ଟି କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ(ଏମ୍.ଇ.ଡି.ପି.), ୧୫ଟି ଜୀବିକା ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ (ଏଲ.ଇ.ଡି.ପି.), ୬ଟି ଭ୍ରମଣକାରୀ ଯାନ ଓ ୩ଟି ଗ୍ରାମୀଣ ଦୋକାନ ମଂଜୁର କରାଯାଇଅଛି। ଏତଦ ବ୍ୟତୀତ ରାଜ୍ୟରେ ଗ୍ରାଜୁଏଟ୍ ଗ୍ରାମୀଣ ଆୟ ସୃଷ୍ଟି କାର୍ଯ୍ୟକ୍ରମ (ଜିଆରଆଇପି), ମୟୂରଭଞ୍ଜ ଜିଲ୍ଲାରେ ଅତ୍ୟଧିକ ଗରିବରୁ ନାନୋ ଉଦ୍ୟୋଗୀଙ୍କୁ ସ୍ନାତକ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ପାଇଲଟ୍ ପ୍ରକଳ୍ପ, ବ୍ୟାଙ୍କ ସଖୀ ଭାବରେ କାର୍ଯ୍ୟ କରିବା ପାଇଁ ଲକ୍ଷପତି ଦିଦିଙ୍କ ଡିଜିଟାଲ ସଶକ୍ତୀକରଣ, ବିଏଆଇଏଫ ସହଯୋଗରେ ଦୁଗ୍ଧ ପ୍ରକଳ୍ପ ଏବଂ ଐତିହ୍ୟ ଡାଏରୀ ସହିତ ଗୋପରେ ଦୁଗ୍ଧ ମୂଲ୍ୟ ଶୃଙ୍ଖଳ ଇତ୍ୟାଦି ନାବର୍ଡର ସହାୟତାରେ କରାଯାଉଅଛି । ଓଡିଓପି (ଗୋଟିଏ ଜିଲ୍ଲା ଏକ ଉତ୍ପାଦ) ଉପରେ ଧ୍ୟାନ ଦେଇ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଏହି ହସ୍ତକ୍ଷେପକୁ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ମିଶନ ଶକ୍ତି ବିଭାଗ ଓ ଓଡ଼ିଶା ଜୀବିକା ମିଶନର ମିଳିତ ସହଯୋଗରେ ସର୍ବୋତ୍ତମ ଅଭ୍ୟାସକୁ ବଢ଼ାଇବା ପାଇଁ ଏକ ଠୋସ୍ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଚୁର ପରିମାଣରେ ଉତ୍ପାଦିତ କଦଳୀ, ଆମ୍ବ ଓ ଛତୁର ମୂଲ୍ୟ ଶୃଙ୍ଖଳ ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଶୁଖୁଆର ମୂଲ୍ୟ ଶୃଙ୍ଖଳ ଏକ ବଡ଼ ହସ୍ତକ୍ଷେପ ହୋଇପାରେ। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ବିଶେଷ କରି ସହରାଞ୍ଚଳରେ ଘରେ ତିଆରି ଓଡ଼ିଆ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ସେ 'ଲକ୍ଷପତି ଦିଦି' ଓ 'ସୁଭଦ୍ରା ଶକ୍ତି'ର ମିଳିତ ବ୍ରାଣ୍ଡିଂ ମାଧ୍ୟମରେ ଏସ୍.ଏଚ .ଜି ମହିଳାଙ୍କ ଦ୍ୱାରା କମ୍ୟୁନିଟି କିଚେନ୍ ଶୁଭାରମ୍ଭ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ପୁରୀ ଓ କୋଣାର୍କରେ ପରୀକ୍ଷାମୂଳକ ଭାବେ ଏହି କମ୍ୟୁନିଟି କିଚେନ୍ ଆରମ୍ଭ ହୋଇପାରିବ। ଅଧିକାଂଶ ପର୍ଯ୍ୟଟନ ସ୍ଥଳ ଥିବା ସ୍ଥାନରେ ଏସ୍.ଏଚ .ଜି ମହିଳାଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଖାଦ୍ୟଟ୍ରକ୍ (Food Truck) ଯୋଜନାକୁ ନାବାର୍ଡ ଆବଶ୍ୟକୀୟ ଆର୍ଥିକ ସହାୟତା ଦେବାକୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ଦରକାର ପଡିଲେ ଏଥିପାଇଁ ନାବାର୍ଡର ଉପରିସ୍ଥ ଅଧିକାରୀଙ୍କର ସ୍ୱତନ୍ତ୍ର ଅନୁମତି ଆଣିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ମହିଳା ଉଦ୍ୟୋଗୀଙ୍କ ଦିଗରେ ବାଟ ଖୋଲିବା ପାଇଁ ଏହି ହସ୍ତକ୍ଷେପଗୁଡ଼ିକୁ ବ୍ୟାପକ ଏବଂ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଯୋଗାଣ ଶୃଙ୍ଖଳା ବିକଶିତ କରିବାକୁ ସେ ପରାମର୍ଶ ଦେଇଥିଲେ।



# ତରୁଣକାନ୍ତି ମିଶ୍ର ପାଇବେ 'ସତ୍ୟବାଦୀ ସାରସ୍ୱତ ସମ୍ମାନ'

ଭୁବନେଶ୍ୱର,୧୮/୪:ବହୁଳ ପ୍ରସାରିତ ଲୋକପ୍ରିୟ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୪ ବର୍ଷ ନିମନ୍ତେ ସତ୍ୟବାଦୀ ସାରସ୍ୱତ ସମ୍ମାନ ଓ ସତ୍ୟବାଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଲବ୍ଧପ୍ରତିଷ୍ଠ କଥାଶିଳ୍ପୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ରଙ୍କୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ ୨୦୨୪' ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରବନ୍ଧ ବିଭାଗରେ ଡ. ବାବାଜୀ ଚରଣ ପଟ୍ଟନାୟକ, କବିତା ପାଇଁ ମମତା ଦାଶ, ଗଳ୍ପ ପାଇଁ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ, ଶିଶୁ ଗଳ୍ପ ପାଇଁ ଡ. ରମେଶ ପତ୍ରୀ, ଶିଶୁ କବିତା ପାଇଁ ହରିହର ଶୁକ୍ଳ ଓ ରମ୍ୟ ରଚନା ପାଇଁ ନାରାୟଣ ଶତପଥୀଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୪' ପ୍ରଦାନ କରାଯିବ। 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ସ୍ୱରୂପ ଏକ ଲକ୍ଷ ଟଙ୍କାର ପୁରସ୍କାର ସହ ଉପାୟନ ଏବଂ 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ସ୍ୱରୂପ ସମ୍ମାନିତ ପ୍ରତିଭାଙ୍କୁ ଦଶ ହଜାର ଅର୍ଥରାଶି ସହିତ ଉପାୟନ ପ୍ରଦାନ କରାଯିବ। ଚଳିତ ଏପ୍ରିଲ ମାସ ୨୭ ତାରିଖ (ରବିବାର) ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଏମ୍‌କେସିଜି ପ୍ରେକ୍ଷାଳୟରେ ଅପରାହ୍ଣ ୪ଟାରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ନବମ ବାର୍ଷିକ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଲୋକସେବକ ମଣ୍ଡଳ ପକ୍ଷରୁ ଗଠିତ ସାତଜଣିଆ ମନୋନୟନ କମିଟିର ସୋମବାର 'ସମାଜ' କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସମ୍ମାନ ପ୍ରଦାନ ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟର ଜଣେ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ ଓ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାରେ ପ୍ରକାଶିତ ଲେଖକଙ୍କ ଲେଖାକୁ ଭିତ୍ତି କରି 'ସତ୍ୟବାଦୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥାଏ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି'ର ସଦସ୍ୟ



ଭୁବନେଶ୍ୱର,୧୮/୪: ବିଶିଷ୍ଟ ଜନନାୟକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିରେ ଗଠିତ 'ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି'ର ସଦସ୍ୟ ଗଣ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି।ଏହି ଅବସରରେ ସେମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତି ରକ୍ଷା ବିଷୟରେ ଆଲୋଚନା କରିଛନ୍ତି। ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯିବା ସହିତ ତାଙ୍କ ନାମରେ ଏକ ସଡ଼କକୁ ନାମିତ କରିବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ଏହିସବୁ ପ୍ରସ୍ତାବ ଗୁଡିକୁ ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଥିଲେ। ଏହି କମିଟିର ସଦସ୍ୟ ଭାବେ ଶ୍ରୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଶ୍ରୀ ଆର୍ଯ୍ୟ କୁମତ ଜ୍ଞାନେନ୍ଦ୍ର, ଶ୍ରୀ ଯଜ୍ଞେଶ୍ୱର ବାବୁ, ଶ୍ରୀ ଅନନ୍ତ ସେଠୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ଗଡ଼କରୀ



ଭୁବନେଶ୍ୱର,୧୮/୪: ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟର ମାନ୍ୟବର ମନ୍ତ୍ରୀ ନୀତିନ ଗଡ଼କରୀ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ହୋଇଥିଲେ। ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ପହଞ୍ଚିବା ପରେ ତାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବୋରେଟୋରି ସହିତ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲ୍ୟାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ। ଏହି ଅତ୍ୟାଧୁନିକ ଲାବୋରେଟୋରିରେ ସେମାନଙ୍କ ଦକ୍ଷତା ବିକାଶ ଏବଂ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି ସେ ବିଷୟରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ''ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି। ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି। ଏଠାରେ ଅତ୍ୟାଧୁନିକ ତାଲିମ ନେଇ ଛାତ୍ରଛାତ୍ରୀମାନେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ବିଶେଷ ପରିଚୟ ପାଇବାକୁ ଯାଉଛି।'' ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରର ମାନ୍ୟବର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ ଜଗଦେବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା, ବିଶ୍ୱ ଦକ୍ଷତା କେନ୍ଦ୍ରର ଚିଫ୍ ସ୍କିଲ ଅଫିସର ବ୍ରୁସ୍ ପୋହ ଏବଂ ସିଓଓ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ଭିତରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି ଥମ୍ପିରାଜା ଏବଂ ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ମାଟିରେ ମିଶୁଛି ମଠ ସଂସ୍କୃତି: ଲୋପ ପାଇଗଲା ଶିବତୀର୍ଥ ଓ ଶଙ୍କରାନନ୍ଦ ମଠ

ପୁରୁଣା ଭୁବନେଶ୍ୱର,୧୮/୪: ଐତିହ୍ୟକୁ ସୁରକ୍ଷା ଦେବା ବଦଳରେ ଐତିହ୍ୟକୁ କିପରି ନଷ୍ଟ କରାଯାଉଛି ତା'ର ବଡ଼ ଉଦାହରଣ ପୁରୁଣା ଭୁବନେଶ୍ୱରରେ ଦେଖିବାକୁ ମିଳୁଛି। ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଲିଙ୍ଗରାଜଙ୍କ ସେବାପୂଜା ସହ ଜଡ଼ିତ ଐତିହ୍ୟପୂର୍ଣ୍ଣ ମଠକୁ ପ୍ରଶାସନ ପକ୍ଷରୁ ମାଟିରେ ମିଶାଇ ଦିଆଯାଇଛି। ଶିବତୀର୍ଥ ଓ ଶଙ୍କରାନନ୍ଦ ମଠ ସମ୍ପୂର୍ଣ୍ଣ ଉଭାନ୍ ହୋଇ ଯାଇଥିବା ବେଳେ ମାଟିରେ ମିଶିବାକୁ ଅପେକ୍ଷା କରିଛି ଗୋପାଳ ତିର୍ଥ ମଠର ଭଗ୍ନାବଶେଷ। ପୂର୍ବ ସରକାର ସମୟରେ ଏକାମ୍ର ପ୍ରକଳ୍ପ ପାଇଁ ଲିଙ୍ଗରାଜ ମନ୍ଦିର ଚାରିପାଖ ଭଙ୍ଗାଗଲା। ସେହି ସମୟରେ ହିଁ ଐତିହ୍ୟପୂର୍ଣ୍ଣ ଶିବତୀର୍ଥ ଓ ଶଙ୍କରାନନ୍ଦ ମଠକୁ ଭାଙ୍ଗି ଦିଆଗଲା। ଏବେ ଗୋପାଳତୀର୍ଥ ମଠ ଅଧା ଭଙ୍ଗା ଅବସ୍ଥାରେ ପଡ଼ିଛି। ପ୍ରତିବର୍ଷ ରୁକୁଣା ରଥ ସମୟରେ ସେହି ଭଙ୍ଗାମଠ ଉପରେ ଝାମୁଣ୍ଡିଆ ମରା ହୋଇ ଠାକୁର ଭୋଗ ଖାଉଛନ୍ତି। ମହାପ୍ରଭୁଙ୍କ ପୂଜାପାର୍ବଣରେ ଏହି ସବୁ ମଠ ଜଡ଼ିତ।

# ରାଜନୈତିକ ବିବାଦରୁ ବୋମାମାଡ଼ ଉଭୟ ପକ୍ଷର ୧୪ ଆହତ



ତିହିଡ଼ି,୧୮/୪: ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ତଳକାଁପଡ଼ା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ସହ ବୋମାମାଡ଼ ହୋଇଛି। ଫଳରେ ଉଭୟ ପକ୍ଷର ୧୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣାରୁ ପ୍ରକାଶ ଯେ, ଗତକାଲି ରାତି କୌଣସି କଥାକୁ ନେଇ ତଳକାଁପଡ଼ା ଗାଁରେ ରାଜନୈତିକ ବିବାଦ ଦେଖା ଦେଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ ବିଳମ୍ବିତ ରାତିରେ ଏହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀ ଠେଙ୍ଗାବାଡ଼ି ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ଏହି ସମୟରେ କେହିଜଣେ ବୋମାମାଡ଼ କରିଥିଲା। ଫଳରେ ଗୋଟିଏ ପକ୍ଷର ରଶ୍ମିତା ଦାସ, ସୁବାସ ଦାସ, ମାମା ମଳିକ, ମୁକ୍ତିକାନ୍ତ ଦାସ ଓ ଅଚ୍ୟୁତ ମଳିକ ଆହତ ହୋଇଥିବା ବେଳେ ବଳରାମ ମଳିକ, ରମେଶ ମଳିକ ଓ ଭାରତୀ ଦାସ ଗୁରୁତର ଆହତ ହୋଇଥିଲେ। ଗୁରୁତରଙ୍କୁ କଟକ ଓ ଭଦ୍ରକ ଡାକ୍ତରଖାନାରେ ଏବଂ ଆହତମାନେ ତିହିଡ଼ି ଡାକ୍ତରଖାନା ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ଅନ୍ୟପକ୍ଷର ପ୍ରଦୀପ ଦାସ, ସୁବ୍ରତ ଦାସ, ଅନୁଚରଣ ଦାସ, ବୃନ୍ଦାବତୀ ଦାସ, ହେମନ୍ତ ଦାସ ଓ କାଶୀନାଥ ଦାସ ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।ଘଟଣା ସଂପର୍କରେ ଖବର ପାଇ ଗତକାଲି ରାତିରେ ତିହିଡ଼ି ପୁଲିସ ପହଞ୍ଚିଥିଲା। ଆଜି ସକାଳେ ଭଦ୍ରକ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଏଏସ୍‌ଆଇ ଚିତ୍ତରଂଜନ ବାରିକ ଘଟଣା ସଂପର୍କରେ ଥାନାରେ ଏତଲା ଦେଇଛନ୍ତି। କେସ୍ ନମ୍ବର ୧୪୫/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପରିସ୍ଥିତିକୁ ଲକ୍ଷ୍ୟ କରି ତଳକାଁପଡ଼ା ଗାଁରେ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଶ୍ରୀ ସେଠୀ କହିଛନ୍ତି, ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଯେଉଁମାନେ ଦୋଷୀ, ସେମାନଙ୍କ ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ।

# ଆନ୍ଧ୍ର ଯାଉଛି ଚୋରା ବାଲି: ହ୍ୱାଟ୍‌ସଆପ୍‌ରେ ନିୟନ୍ତ୍ରଣ ହେଉଛି, ବିନା ମଞ୍ଜୁରିରେ ଚାଲିଛି ୨୬ ବାଲିଘାଟ



କଟକ,୧୮/୪: କଟକ ଜିଲ୍ଲାର ନରସିଂହପୁର, ଟାଙ୍ଗୀ, ମାହାଙ୍ଗା, ତିଗିରିଆର ହାଟମାଳଠାରୁ ଆରମ୍ଭ କରି ବାଙ୍କୀର ଓସ୍ତିଆ, ସାଆଁପୁର, ହରିରାଜପୁର, ରଜିବ, ପାଥପୁର ଏପଟେ ନିଆଳିର ଶାସନପଦା, କିଶନନଗରର ଉତ୍ତରକୂଳ ପାଖରେ ଚାଲିଛି ଚୋରା ବାଲିଘାଟ। ଖଣି ବିଭାଗ, ପୁଲିସ ମିଳିତ ଭାବେ ଚଢ଼ଉ କରି ବେଆଇନ ବାଲିଘାଟ ବନ୍ଦ କରୁଥିବାବେଳେ ରାତିରେ କିନ୍ତୁ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି ବିଭିନ୍ନ ଘାଟରୁ। କଟକ, ପୁରୀ, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା ଏପରିକି ଆନ୍ଧ୍ରପ୍ରଦେଶକୁ ଚୋରା ବାଲି ର୍‍ୟାକେଟ୍ ଲମ୍ବିଛି। ପୂର୍ବରୁ ମଙ୍ଗୁଳିରେ ଡମ୍ପ୍ କରି ସେଠାରୁ ବାଲି ଆନ୍ଧ୍ରପ୍ରଦେଶକୁ ପଠାଯାଉଥିଲା। ଏବେ କିନ୍ତୁ ସିଧାସଳଖ ଘାଟରୁ ଆନ୍ଧ୍ରପ୍ରଦେଶ ଚାଲାଣ କରି ଦିଆଯାଉଛି। କଟକରେ ବାଲିଘାଟ ନିଲାମଧାରୀ ଓ ଚୋରା ଚାଲାଣ କରୁଥିବା ଲୋକଙ୍କର ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ରହିଛି। କେଉଁଆଡ଼େ କେତେ ବାଲି ଗାଡ଼ି ଗଲା, ଚଢ଼ଉ ପାଇଁ କିଏ ଆସିଛନ୍ତି, କେଉଁଠି ଚଢ଼ଉ ଚାଲିଛି ସେସବୁର ତଥ୍ୟ ସେହି ଗ୍ରୁପ୍‌ରେ ଆଦାନପ୍ରଦାନ ହେଉଛି। ଯଦି କେଉଁଠି ବି ଚଢ଼ଉ ଖବର ରହୁଛି, ସେଠାରେ ଘାଟ ସବୁକୁ ବନ୍ଦ କରି ଦିଆଯାଉଛି। କଟକ ଜିଲ୍ଲାରେ ସରକାରୀ ଭାବେ ୭୮ଟି ବାଲିଘାଟ ଥିବାବେଳେ ସେଥିରୁ ୫୨ଟି ଘାଟ ଚାଲିଛି। କିନ୍ତୁ ବିନା ପରିବେଶ ମଞ୍ଜୁରି, ବିନା ପ୍ରମାଣପତ୍ରରେ ବି ଅନେକ ଘାଟ ଚାଲୁଛି। ରାତି ହେଲେ ନିଆଳି, ବାଙ୍କୀ, ତ୍ରିଶୂଳିଆ, ତିଗିରିଆ ଭଳି ବିଭିନ୍ନ ଗାଁ ରାସ୍ତା ବାଲିଗାଡ଼ିରେ ଜାମ୍ ହୋଇଯାଉଛି। ଏପଟେ ଖଣି ବିଭାଗର ତଥ୍ୟ ଅନୁସାରେ ଦେଢ଼ମାସରେ ୪୦ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଥିବା ବେଳେ ୨୦ଟି ମାମଲା ରୁଜୁ ହୋଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ ଉପଖଣ୍ଡରେ ଉପଜିଲ୍ଲାପାଳ ଓ ତହସିଲସ୍ତରରେ ତହସିଲଦାରଙ୍କ ନେତୃତ୍ୱରେ ଗଠିତ କମିଟି ଲଘୁ ଖଣିଜ ଦ୍ରବ୍ୟ ପରିବହନ ବ୍ୟବସ୍ଥାର ଏନ୍‌ଫୋର୍ସମେଣ୍ଟ ବା ଯାଞ୍ଚ ଦାୟିତ୍ୱରେ ରହିବେ। କିନ୍ତୁ ସେମାନେ ଯେଉଁମାନଙ୍କୁ ଧରିବେ ତାଙ୍କ ଉପରେ କୌଣସି ଜରିମାନା ପକାଇ ପାରିବେନି। ସେମାନେ ସନ୍ଦେହଜନକ ଥିବା ବାଲିଗାଡ଼ି, ପଥର, ମୋରମ୍ ସବୁକୁ ଧରିବେ। କିନ୍ତୁ ଖଣି ବିଭାଗ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ଜରିମାନା ସଂପର୍କରେ ନିଷ୍ପତ୍ତି ନେଇପାରିବେନି। ଏପରିକି ସେହି ଗାଡ଼ିର ଟ୍ରାନ୍‌ଜିଟ୍ ପାସ୍ ରହିଛି ନା ନାହିଁ ସେସବୁ ଖଣି ବିଭାଗ ଅଧିକାରୀ ପହଞ୍ଚି ଯାଞ୍ଚ କରିବା ପରେ ସେମାନଙ୍କ ଉପରେ ଜରିମାନା ପକାଇବେ। ଖଣି ବିଭାଗରେ ଜଣେ ଦୁଇଜଣ ଅଧିକାରୀଙ୍କୁ ନେଇ ଜିଲ୍ଲାର ଶତାଧିକ ବାଲିଘାଟ ନିୟନ୍ତ୍ରିତ ହେଉଛି। କର୍ମଚାରୀ ଓ ଅଧିକାରୀ ଅଭାବ ଥିବାବେଳେ ଜଣେ ଦୁଇ ଜଣ ଚଢ଼ଉ ପାଇଁ ଘାଟ ସବୁକୁ ଯିବା ସମୟରେ ମାଫିଆଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଥିବା ଅନେକ ସମୟରେ ଅଭିଯୋଗ ଆସୁଛି। ଉପଖଣ୍ଡସ୍ତରୀୟ କମିଟି ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବାବେଳେ ଏସ୍‌ଡିପିଓ, ଏସିଏଫ୍ ଓ ରେଞ୍ଜର, ତହସିଲଦାର, ଥାନା ଅଧିକାରୀ, ମାଇନିଂ ଅଧିକାରୀ ବା ଜୁନିୟର ମାଇନିଂ ଅଧିକାରୀ ସଦସ୍ୟ ଅଛନ୍ତି। ସେହିପରି ତହସିଲସ୍ତରରେ ଗଠିତ କମିଟିରେ ଅଧ୍ୟକ୍ଷ ଭାବେ ତହସିଲଦାର ଓ ସଦସ୍ୟ ଭାବେ ସେହି ଅଞ୍ଚଳର ଥାନା ଅଧିକାରୀ, ରେଞ୍ଜ ଅଫିସର, ମାଇନିଂ ଅଫିସର ଓ ଜୁନିୟର ମାଇନିଂ ଅଫିସର ରହିବେ। ଏହି କମିଟି ମାସକୁ ଅତିକମ୍‌ରେ ଥରେ ଉପଖଣ୍ଡସ୍ତରରେ ଓ ତହସିଲସ୍ତରରେ ଯାଞ୍ଚ କରିବେ ବୋଲି ନିୟମ କରାଯାଇଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ